ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୫୯
୧୬ ନଭେମ୍ବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 159
16th November, 2025 Sunday
Bhubaneswar

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2006/23033    Postal Regd. No. : BN/169/13-15    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ**
**ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।

# ବିସ୍ଫୋରଣରେ ଥାନା ଛିନଛତ୍ର: ୯ ମୃତ

**ଶ୍ରୀନଗର,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଭୟଙ୍କର ବିସ୍ଫୋରଣ। ଆତଙ୍କବାଦୀଙ୍କଠାରୁ ଜବତ ହୋଇଥିବା ବିସ୍ଫୋରକ ଥାନାରେ ହୋଇଛି ବିସ୍ଫୋରଣ। ଏଥିଯୋଗୁ ଛିନଛତ୍ର ହୋଇଯାଇଛି ଶ୍ରୀନଗରୀର ନୌଗାମ ଥାନା ଓ ଏହାର ଆଖପାଖ ଅଞ୍ଚଳ। ଶୁକ୍ରବାର ରାତି ପ୍ରାୟ ୧୧.୨୦ରେ ଏହି ବିସ୍ଫୋରଣ ହୋଇଛି। ବିସ୍ଫୋରଣର ଶବ୍ଦରେ ପୂରା ଅଞ୍ଚଳରେ ଖେଳି ଯାଇଥିଲା ଆତଙ୍କ।

ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ପୁଲିସ୍ କର୍ମଚାରୀ ଓ ଫରେନ୍ସିକ ଟିମର ସଦସ୍ୟ ରହିଛନ୍ତି। ଜବତ ବିସ୍ଫୋରକକୁ ସେମାନେ ଯାଞ୍ଚ କରୁଥିବା ବେଳେ ଏପରି ବିସ୍ଫୋରଣ ହୋଇଛି।

ପ୍ରଥମେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ବୋଲି ସନ୍ଦେହ ପ୍ରକାଶ ପାଇଥିଲା। କାରଣ ଜୈଶ-ଇ-ମହମ୍ମଦର ଗୋଟିଏ ଛାୟା ସଂଗଠନ ପିଏଏଫଏଫ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିଲା। କିନ୍ତୁ ଜମ୍ମୁ-କଶ୍ମୀର ଡିଜିପି ନଳୀନ ପ୍ରଭାତ ଏହାକୁ ଖଣ୍ଡନ କରିଛନ୍ତି। ଏହା କୌଣସି ଆତଙ୍କବାଦୀ ହମଲା ନୁହେଁ, ବରଂ ପରିଚାଳନାଗତ ତ୍ରୁଟି ବୋଲି ସେ ସ୍ପଷ୍ଟ କରିଛନ୍ତି। ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ଘଟଣାର ତଦନ୍ତ ନିର୍ଦ୍ଦେଶ କରିଛନ୍ତି।

ପୁଲିସ୍ ସୂତ୍ରରୁ ଜଣାପଡିଛି ଯେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳର ଲୋକମାନେ ପ୍ରଚଣ୍ଡ ଶବ୍ଦରେ ପୂରା ସ୍ତବ୍ଧ ହୋଇଯାଇଛନ୍ତି। ଥାନାଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ନିଆଁ



ଲାଗି ଆଖପାଖରେ ଥିବା ଏକାଧିକ ଗାଡି ପାଉଁଶ ହୋଇଯାଇଛି।

ଦିଲ୍ଲୀ ଲାଲକିଲ୍ଲା ଆତ୍ମଘାତୀ କାର ବିସ୍ଫୋରଣ ପୂର୍ବରୁ ଫରିଦାବାଦରୁ ଜବତ ହୋଇଥିବା ବିସ୍ଫୋରକ ଏଠାରେ ରଖାଯାଇଥିଲା। ଜବତ ବିସ୍ଫୋରକ ମଧ୍ୟରେ ଆମୋନିୟମ ନାଇଟ୍ରେଟ୍ ମଧ୍ୟ ରହିଥିଲା। ଏହାକୁ ଫରେନ୍ସିକ ଟିମ ସଦସ୍ୟମାନେ ଯାଞ୍ଚ କରୁଥିବା ବେଳେ ଦୁର୍ଘଟଣାବଶତଃ ବିସ୍ଫୋରଣ ହୋଇଛି।

ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିପରି କିଛି ଲୋକଙ୍କ ପତ୍ତା ମଧ୍ୟ ମିଳୁନି। କିଛି ମୃତଦେହ ବିସ୍ଫୋରଣ ସ୍ଥଳ ଠାରୁ ୩୦୦ ମିଟର ଦୂରରୁ ଜବତ ହୋଇଛି। ଏଥିରୁ ବିସ୍ଫୋରଣର ପ୍ରଭାବ ସ୍ପଷ୍ଟ ଅନୁମେୟ ହେଉଛି।

ଶୁକ୍ରବାର ରାତିରେ ଫରିଦାବାଦରୁ ଜବତ ବିପୁଳର ପରିମାଣର ବିସ୍ଫୋରକକୁ ବେଶ ସତର୍କତାର ସହ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲିଂ କରାଯାଉଥିଲା। ଏହି ସମୟରେ ଦୁର୍ଘଟଣା ବଶତଃ ବଡ ବିସ୍ଫୋରଣ ହୋଇଛି। ପିଏଏଫଏଫ କରୁଥିବା ଦାବିରେ ସତ୍ୟତା ନାହିଁ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସବୁ ପଦକ୍ଷେପ ସତର୍କତାର ସହ ନିଆଯାଉଛି। ଏହାକୁ ନେଇ କୌଣସି ଅଲଗା ଆକଳନ କରିଯିବା ଠିକ ନୁହେଁ ବୋଲି ଡିଜିପି ନଳୀନ ପ୍ରଭାତ କହିଛନ୍ତି। ତାଙ୍କ କହିବା କଥା ଯେ ମୃତକଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍ପେଶାଲ ଓଟିଇଟି ଫଳ ପ୍ରକାଶିତ

**କଟକ,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ପେଶାଲ ଓଟିଇଟି-୨୦୨୫ର ଫଳାଫଳ ଶନିବାର ପ୍ରକାଶ ପାଇଛି। ପେପର-୧ ରେ ୪୭.୧୭ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଥିବାବେଳେ ପେପର-୨ରେ ୭୮.୩୫ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ସ୍ପେଶାଲ ଓଟିଇଟି-୨୦୨୫ ଦେବା ପାଇଁ ମୋଟ ୭୫ହଜାର ୪୦୩ ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୯ହଜାର ୦୪ ଜଣ ପେପର-୧ ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୨୭ହଜାର ୫୩୩ଜଣ ପରୀକ୍ଷା ଦେଇଥିଲେ । ପେପର-୧ରେ ୧୨ହଜାର ୯୮୮ଜଣ କୃତକାର୍ଯ୍ୟ ହୋଇଛନ୍ତି । ଅର୍ଥାତ ପେପର-୧ରେ ପାସ ହାର ୪୭.୧୭ ପ୍ରତିଶତ ରହିଛି । ସେହିପରି ପେପର-୨ ଦେବାପାଇଁ ୪୬ହଜାର ୩୯୯ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୪୪ହଜାର ୮୮୦ଜଣ ପରୀକ୍ଷା ଦେଇଥିଲେ। ପେପର-୨ରେ ୩୫ହଜାର୧୬୫ଜଣ କୃତ କାର୍ଯ୍ୟ ହୋଇଛନ୍ତି । ଅର୍ଥାତ ପେପର-୨ରେ ପାସ ହାର ୭୮.୩୫ ପ୍ରତିଶତ ରହିଛି । ପେପର-୧ ଓ ପେପର-୨ ପରୀକ୍ଷା ଦେବା ପାଇଁ ମୋଟ ୭୫ହଜାର ୪୦୩ଜଣ ପରିକ୍ଷାର୍ଥୀ *(ଶେଷ ପୃଷ୍ଠା ଦେଖନ୍ତୁ)*

# କାରବାଇନ ସହ ୫ ମାଉଜର ଜବତ ଦୁଇ ବେପାରୀ ଗିରଫ



**ଭୁବନେଶ୍ୱର,୧୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୨ ସଦସ୍ୟ। ବଡ ଲୁଟ୍ ପାଇଁ ଯୋଜନା କରିବା ବେଳେ ଗ୍ରାହକ ବେଶରେ ମାଡି ବସିଲା ପୁଲିସ। ଅଭିଯୁକ୍ତଙ୍କ ଠାରୁ ଗୋଟିଏ କାରବାଇନ ଓ ୫ ବନ୍ଧୁକ ଜବତ। କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ(ଏସସିୟୁ) ଏକ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀ ସିଣ୍ଡିକେଟର ପର୍ଦାଫାଶ କରିଛି। ବିହାରର ଦୁଇ ଜଣ ବେପାରୀ ଭୁବନେଶ୍ୱରକୁ ବନ୍ଧୁକ ବିକିବା ପାଇଁ ଆସିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ମାଡି ବସିଛି। ସେମାନଙ୍କ ନିକଟରୁ ଗୋଟିଏ କାରବାଇନ୍, ୫ଟି ମାଉଜର, ୯ଟି ଜୀବନ୍ତ ଗୁଳି ସମେତ ୨ଟି ମୋବାଇଲ୍ ଜବତ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଖଗାରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଓ ଚନ୍ଦନ କୁମାର। ସୂଚନା ଥାଉକି, କଳାବଜାରୀ ମୂଲ୍ୟ ଅନୁସାରେ ଗୋଟିଏ କାରବାଇନ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ହେବ। କିନ୍ତୁ ଡିସିପି (ଏସସିୟୁ) ଅନୁପ କାନୁନଗୋ ନିଜେ ବନ୍ଧୁକ ବେପାରୀକୁ ଫୋନ କରିଥିଲେ। ଗୋଟିଏ କାରବାଇନ ବନ୍ଧୁକ କିଣିବା ପାଇଁ ୫ ଲକ୍ଷ ଟଙ୍କା ଦେବେ ବୋଲି ଡିଲ କରିଥିଲେ। ଏହି ପ୍ରଲୋଭନରେ ପଡି ୨ ବନ୍ଧୁକ ବେପାରୀ ଗତକାଲି ରାତିରେ ଖାରବେଳନଗର ୟୁନିଟ-୩ ଅଞ୍ଚଳକୁ ଯାଇଥିଲେ। ସେଠାରୁ ପୁଲିସ ୨ ବେପାରୀଙ୍କୁ କାବୁ କରିଥିଲା। ସେମାନେ ବିହାର ମୁଁଗେରରୁ ବନ୍ଧୁକ ଆଣି ବେପାର କରୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି।

# କନେଷ୍ଟବଳଙ୍କୁ ହତ୍ୟା: ୨ଦିନ ପରେ ଘର ପଛପଟୁ ଶବ ଉଦ୍ଧାର

**ପୁରୁଣାକଟକ,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଲିସ କନେଷ୍ଟବଳଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। ଘର ପଛପଟୁ ମୃତଦେହ ଉଦ୍ଧାର ସହ ଘଟଣାରେ ଜଡ଼ିତ ଜଣଙ୍କୁ ଅଟକ ରଖିଛି ପୁଲିସ। ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଯାଜପୁର ଗ୍ରାମର ବାଲିସାହିରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ହେଲେ ଉଦୟରଂଜନ ପଟ୍ଟନାୟକ।

ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଏହି ସମୟରେ ଜଣଙ୍କ ଘର ବାଡ଼ିପଟେ ପତ୍ର ଢାଙ୍କି ହୋଇଥିବା ଶବକୁ ପୁଲିସ ଠାବ କରିଥିଲା। ମୃତଦେହଟି ୨ ଦିନରୁ ଉର୍ଦ୍ଧ୍ୱ ହେବା ନେଇ ଅନୁମାନ କରାଯାଉଛି। ଏସଡ଼ିପିଓ ଲରେନ୍ସ ରାଉତରାୟ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ ପୁଲିସ କନେଷ୍ଟବଳ ଉଦୟରଞ୍ଜନ ପଟ୍ଟନାୟକ କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ପେଂଜିସାହିର ବାସିନ୍ଦା। ସେ ଦୀର୍ଘଦିନ ହେବ ଯାଜପୁର ବାଲିସାହିରେ ଘରକରି ରହୁଥିଲେ। କିନ୍ତୁ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନାରେ ପୁଲିସ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟଗତ କାରଣ ପାଇଁ ସେ ଗତ ବର୍ଷେ ଛୁଟିରେ ଥିଲେ। ତାଙ୍କର ୧୪ ବର୍ଷର ପୁଅ ସହ ରହୁଥିବା ପରିବାର ଲୋକେ କହିଛନ୍ତି। ସେ ନିକଟରେ ଚାକିରିରେ ଯୋଗଦେବାକୁ ଥିବା ବେଳେ ତାଙ୍କର ହତ୍ୟା ହୋଇଛି।

ତେବେ କାହିଁକି ଏଭଳି ବୀଭତ୍ସ ହତ୍ୟାକଲା ହତ୍ୟାକାରୀ ? ହତ୍ୟାପରେ କାହିଁକି ଫେରାର ନ ହୋଇ ନଜାଣିଲା ଭଳି ରହୁଥିଲା ହତ୍ୟାକାରୀ ? ମୃତ କନେଷ୍ଟବଳଙ୍କ ସହ କ'ଣ ଶତ୍ରୁତା ହତ୍ୟାକାରୀର ? ଏଭଳି ଅନେକ ପ୍ରଶ୍ନ ଘେରରେ ରହିଥିବା ବେଳେ ତଦନ୍ତ ପରେ ଘଟଣା ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି। ମୃତ କନେଷ୍ଟବଳଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରିଛି।

# ୪୪୩୩ ନର୍ସିଂ ଅଫିସର ପଦ ସୃଷ୍ଟି

**ଭୁବନେଶ୍ୱର,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ସରଳ, ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡରର ଏହି ପଦଗୁଡ଼ିକ ସୃଷ୍ଟି କରାଯାଇଛି । ଏହି ପଦବୀଗୁଡ଼ିକ ସୃଷ୍ଟି ହେବା ଫଳରେ ସେମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ ହେଲଥ ସେଣ୍ଟରଗୁଡ଼ିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ।

ସରକାରଙ୍କ ଏହିସିଦ୍ଧାନ୍ତ ଫଳରେ ରୋଗୀ ସେବା ଓ ନର୍ସିଂ ପରିଚାଳନାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୩ ନେତା ବିଜେପିରୁ ନିଲମ୍ବିତ

**ନୂଆଦିଲ୍ଲୀ,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନରେ ରେକର୍ଡ ବିଜୟ ପରେ ଏବେ ବିଜେପି ବିଦ୍ରୋହୀଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଦେଇଛି। ବିଜୟର ଦିନକ ପରେ ବିଜେପି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରକେ ସିଂହଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀ ସିଂହଙ୍କ ବ୍ୟତୀତ ନିର୍ବାଚନ ପୂର୍ବରୁ ବିଦ୍ରୋହୀ ଟ୍ୟାଗ ପାଇଥିବା ଆଉ ୨ ନେତାଙ୍କ ବିରୋଧରେ ମଧ୍ୟ ବିଜେପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆରକେ ସିଂହଙ୍କ ବ୍ୟତୀତ ବିଜେପି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ଦୁଇ ନେତା ହେଲେ ଅଶୋକ ଅଗ୍ରୱାଲ ଓ କଟିହାର ମେୟର ଉଷା ଅଗ୍ରୱାଲ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରକେ ସିଂହଙ୍କୁ ବିଜେପି ନିଲମ୍ବିତ କରି କାରଣ ଦର୍ଶାଅ ନୋଟିସ ପଠାଇଥିଲା। ହେଲେ ସେ ଏହାର ଜବାବ ଦେବା ବଦଳରେ ସିଧା ଦଳକୁ ବାଏବାଏ କହିଛନ୍ତି। ତାଙ୍କୁ ବିହାର ବିଜେପିର ରାଜ୍ୟ ମୁଖ୍ୟାଳୟ ଇନଚାର୍ଜ ଅରବିନ୍ଦ ଶର୍ମା ଆଜି ସକାଳେ ନିଲମ୍ବନ ସମ୍ପର୍କରେ ଅବଗତ କରାଇବା ସହ କାରଣ ଦର୍ଶାଅ ନୋଟିସ କରିଥିଲେ। ଏଥିସହ କାହିଁକି ତାଙ୍କୁ ଦଳରୁ ବହିଷ୍କାର କରା ନଯିବ, ତା'ର କାରଣ ଗୋଟିଏ ସପ୍ତାହ ମଧ୍ୟରେ କହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମାନ ନୋଟିସ ଅଶୋକ ଓ ଉଷାଙ୍କୁ ମଧ୍ୟ ପଠା ଯାଇଥିଲା।

ଏଥିରେ ଲେଖାଯାଇଛି, "ଆପଣ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ। ଏହା ଶୃଙ୍ଖଳା ପରିସର ମଧ୍ୟରେ ଆସୁଛି। ଏହାକୁ ଦଳ ଅତ୍ୟନ୍ତ ଗୁରୁତର ସହ ନେଇଛି। ଏହା ଦଳକୁ କ୍ଷତି ପହଞ୍ଚାଇଛି। ଏଥିପାଇଁ ଆପଣଙ୍କୁ ଦଳରୁ ନିଲମ୍ବନ କରାଯାଉଛି ଓ କାହିଁକି ଆପଣଙ୍କୁ ବହିଷ୍କାର କରା ନଯିବ, ତା'ର ଉତ୍ତର ଗୋଟିଏ ସପ୍ତାହ ମଧ୍ୟରେ ରଖିବାକୁ କୁହାଯାଉଛି।" ଦଳୀୟ ସୂତ୍ରରୁ ଜଣାପଡିଛି ଯେ ଏହି ୩ ନେତାଙ୍କ ନିଲମ୍ବନ କେବଳ ଗୋଟିଏ ପ୍ରକ୍ରିୟା। ବାସ୍ତବରେ ସେମାନଙ୍କୁ ଗୋଟିଏ ସପ୍ତାହ ପରେ ବିଧିବଦ୍ଧ ଭାବେ ବହିଷ୍କାର କରାଯିବ।

ଅରାର ପୂର୍ବତନ ସାଂସଦ



ଆରକେ ସିଂହ ଏକଦା କେନ୍ଦ୍ରରେ ମନ୍ତ୍ରୀ ଥିଲେ। ୨୦୨୪ ଲୋକସଭା ନିର୍ବାଚନ ହାରିବା ପରଠାରୁ ସେ ବିଜେପି ଓ ବିହାର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିଚାଲିଥିଲେ। ରାଜ୍ୟରେ ଏନଡିଏର ନେତୃତ୍ୱ ଉପରେ ସେ ପ୍ରଶ୍ନ ଉଠାଇଥିଲେ।

ବିହାରର ଉପ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସେ ଅଧିକ ବିରୋଧ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୪୦ କୋଟି ନଡ଼ିଆ ଫଳୁଛି: ତଥାପି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ

**ଭୁବନେଶ୍ୱର,୧୫।୧୧: ତଥ୍ୟ**

ଓଡିଶାରେ ବର୍ଷକୁ ପ୍ରାୟ ୪୦ କୋଟି ନଡିଆ ଓ ପଇଡ ତୋଳାଯାଉଛି ବୋଲି ସରକାରୀ ପରିସଂଖ୍ୟାନ କହୁଥିବାବେଳେ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ଏବେ ଅନ୍ୟ ରାଜ୍ୟରୁ ନଡିଆ ଓ ପଇଡ ଓଡିଶା ବଜାରକୁ ଆଣିବାକୁ ପଡୁଛି।

୧୯୯୯ର ମହାବାତ୍ୟାରେ ରାଜ୍ୟରେ ନଡିଆ ଚାଷ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅବିଭକ୍ତ ପୁରୀ, କଟକ, ଗଞ୍ଜାମ ଓ ବାଲେଶ୍ୱର ଭଳି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ହଜାର ହଜାର ନଡିଆ ଗଛ ଭାଙ୍ଗିଯାଇଥିଲା। ତେବେ ମହାବାତ୍ୟା ପରେ ପରେ ମାଇଟି ରୋଗରେ ବହୁ ନଡିଆଗଛ ଆକ୍ରାନ୍ତ ହୋଇଥିଲା। ଏହା ପରଠାରୁ ନଡିଆ ଉତ୍ପାଦନ ଉଦବେଗଜନକ ଭାବେ ହ୍ରାସ ପାଉଥିଲା। ପରବର୍ତ୍ତୀ ସମୟରେ



ହୁଡ୍‌ହୁଡ୍, ଫାଇଲିନ୍, ଫନି ଭଳି ବାତ୍ୟାର ପ୍ରଭାବ ବି ନଡିଆ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା।

ଏବେ ବି ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ନଡିଆଗଛର ବାହୁଗାଁରେ ପୋକଙ୍କ ଦୌରାତ୍ମ୍ୟ ବଢି ଚାଲିଛି। ଏଥିଯୋଗୁଁ ନଡିଆ କାନ୍ଧି ଆସିବା ମଧ୍ୟ ସମ୍ଭବପର ହେଉନାହିଁ। ବହୁ କ୍ଷେତ୍ରରେ ଗୋଟମା ଅବସ୍ଥାରୁ ନଡିଆକୁ ପୋକମାନେ ନଷ୍ଟକରି ଦେଉଛନ୍ତି। ଯେଉଁଠି ବି କୌଣସି ପ୍ରକାରେ ନଡିଆ ପଇଡ କିଛି ହେଉଛି ସେଠି ନଡିଆ ଉପରେ ମାଇଟି ରୋଗର ପ୍ରଭାବ ଜଳ ଜଳ ବାରିହୋଇ ଯାଉଛି। ଏ ପରିପ୍ରେକ୍ଷୀରେ ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ଆଦି ରାଜ୍ୟରୁ ଓଡିଶାକୁ ପ୍ରାୟ ପ୍ରତିଦିନ ନଡିଆ, ପଇଡ ଆଦି ଆମଦାନୀ କରିବାକୁ ପଡୁଛି।

ଅନ୍ୟ ରାଜ୍ୟରୁ ଆସୁଥିବା ପଇଡ ଅପେକ୍ଷାକୃତ ବଡ ଓ ଆକର୍ଷଣୀୟ ଦେଖାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି ଯେ ସେଠାରେ ସବୁ ନଡିଆଗଛ ମୂଳରେ ଦିଆଯାଉଥିବା କୀଟନାଶକର ପ୍ରଭାବ କୁଆଡେ ପଇଡପାଣିରେ ରହୁଛି। ତେଣୁ ଅନ୍ୟ ରାଜ୍ୟରୁ ଆସୁଥିବା ପଇଡର ପାଣି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ କି ନୁହେଁ ସେ ସମ୍ପର୍କରେ କିନ୍ତୁ ପରୀକ୍ଷା ନିରୀକ୍ଷା କରି ଲୋକଙ୍କୁ ସଠିକ୍ ତଥ୍ୟ ଦିଆଯାଉନାହିଁ।

ଗୋଟିଏ ସମୟରେ ନଡିଆ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ରହୁଥିଲା। ସାକ୍ଷୀଗୋପାଳ ଭଳି ଅଞ୍ଚଳରେ ବହୁ ସଂଖ୍ୟକ ନଡିଆ ଗୋଦାମ ଥିଲା। ଏଠାରୁ ଟ୍ରକ ଓ ରେଳ ଯୋଗେ *(ଶେଷ ପୃଷ୍ଠା ଦେଖନ୍ତୁ)*



## ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି ଶୌଚାଳୟ

**ଘୁ.ଉଦୟଗିରି: ଏକ୍ସପ୍ରେସ ନ୍ୟୁଜ୍**

ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୨ ମସିହାରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବନ୍ଧଛକ ଓ ନୁଆଁହାଟ ଆଦି ଦୁଇଟି ସ୍ଥାନରେ ପରିଶ୍ରାଗାର ଓ ଶୌଚାଳୟ ନିର୍ମାଣ କରାଯାଇଥିଲା । ଉକ୍ତ ଦୁଇ ପ୍ରକଳ୍ପ ହେବାର ପ୍ରାୟ ତିନିବର୍ଷ ବିତିଗଲାଣି । ସେବେଠାରୁ ଏଗୁଡିକର ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଇନଥିବାରୁ ତାହା ଏବେ ନଷ୍ଟ ହେବାକୁ ବସିଲାଣି ବୋଲି ଅଭିଯୋଗ ହୋଇଛି । ଶୌଚାଳୟର ଲାଟିନ ପ୍ୟାନ ଏବେ ଭଙ୍ଗାଭଙ୍ଗି ହୋଇ ପଡ଼ି ରହିଥିବାରୁ ତାହା ବ୍ୟବହାର ଉପଯୋଗୀ ହେଉ ନଥିବା ଫଳରେ ଅପେକ୍ଷାରତ ବସ ଯାତ୍ରୀ ଏବଂ ଆଖପାଖ ଅଞ୍ଚଳରୁ ବଜାରକୁ ଆସୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ସାଧାରଣରେ ଆଲୋଚ଼ନା ହେଉଛି । ତେବେ ଏହାର ପୁନରୁଦ୍ଧାର କରି ବ୍ୟବହାର ଉପଯୋଗୀ କେବେ କରାଯିବ ତାହାକୁ ନେଇ ଜନସାଧାରଣରେ ଚ଼ର୍ଚ୍ଚା ଜୋର ଧରିଛି ।




## ଅଧ୍ୟାପକ ଓ ଛାତ୍ରଛାତ୍ରୀ ଏକତା ପଦଯାତ୍ରାରେ ଯୋଗଦାନ

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ଓ ଓଡ଼ିଆ ଅଧ୍ୟାପିକା ରୁନି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ମହାବିଦ୍ୟାଳୟର ପଚ଼ାଶରୁ ଅଧିକ ଛାତ୍ରଛାତ୍ରୀ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରାରେ ଯୋଗଦାନ କରିଥିଲେ । ଏହି ପଦଯାତ୍ରାରେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ନାୟକ, ଛତ୍ରପୁର ଓ ଭଞ୍ଜନଗର ଉପଜିଲ୍ଲାପାଳ, ନଗର ଉନ୍ନୟନ ଅଧିକାରୀ, ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ, ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ଥାନୀୟ ନେତୃମଣ୍ଡଳୀ ଏବଂ ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀମାନେ ନିକଟସ୍ଥ ଗୁଡ଼ିଆଳି ଛକଠାରେ ଏକତ୍ରିତ ହୋଇଥିଲେ । ସେ'ଠାରୁ ଏକସଙ୍ଗେ ପଦଯାତ୍ରା ଆରମ୍ଭ କରି କବିସୂର୍ଯ୍ୟ ନଗର ପରିକ୍ରମା କରିଥିଲେ । ଏହାପରେ ମିନି ଷ୍ଟାଡିୟମ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଧାୟକ ପ୍ରତାପ ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱଦେଶୀ ବସ୍ତୁର ବ୍ୟବହାର ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ସମ୍ମାନୀତ ଅତିଥି ଭାବରେ ଛତ୍ରପୁର ଓ ଭଞ୍ଜନଗର ଉପଜିଲ୍ଲାପାଳ ଓ ନଗର ଉନ୍ନୟନ ଅଧିକାରୀଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତଥିଲେ ।

## ଧାନକଟା ସ୍ଥାନରେ ଓଜନ ମାପ ପରିବର୍ତ୍ତେ ଅନ୍ୟ ସ୍ଥାନରେ ହେଉଛି ମାପ

**ଗୋଲାମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

ବର୍ତ୍ତମାନ ଚ଼ାରିଆଡ଼ ଚ଼ାଲିଛି ଧାନ ଅମଳର ସମୟ ତତ୍‌ସହିତ ଫସଲ ବିମା ପାଇଁ ଚ଼ାଲିଛି କ୍ରପ୍ କଟିଙ୍ଗ । ଅଦିନିଆ ବର୍ଷା ପାଇଁ ଚ଼ାଷ ଠିକ୍ ନଥିବା ବେଳେ ଦାଉ ସାଧିଛି ଲଘୁଚ଼ାପ ଜନିତ ବାତ୍ୟା । ଯାହାଫଳରେ ଧାନ ଫସଲ ପ୍ରାୟ ପ୍ରଭାବିତ ହୋଇଛି । ସରକାର ଫସଲ ବିମା ପାଇଁ କ୍ରପ୍ କଟିଙ୍ଗ କରି ଧାନର କ୍ଷୟକ୍ଷତି ଆକଳନ କରି ଚ଼ାଷୀଙ୍କୁ ଫସଲ ବିମାରେ ବିମା ପ୍ରଦାନ କରନ୍ତି । ବିମା କମ୍ପାନୀ ଓ ସ୍ଥାନୀୟ କୃଷି ବିଭାଗ ସହିତ ଆର୍‌ଇଙ୍କ ଉପସ୍ଥିତିରେ ଆଗରୁ ନିର୍ଦ୍ଧାରିତ ସ୍ଥାନ ଚ଼ିହ୍ନଟ କରି କ୍ରପ୍ କଟିଙ୍ଗ କରାଯାଏ । କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଯାଇଛି ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ପ୍ରଭାକର ଭୋଇଙ୍କ ଜମିରେ କ୍ରପ୍ କଟିଙ୍ଗ ପାଇଁ ମାପ କରି ଅଧିକ ସ୍ଥାନ ଧାନ କଟା ଯାଇ ପାଖ ଧାନ ଖଳା ଦୁର୍ବଳ ଭୋଇଙ୍କ ଅମଲ ହୋଇଥିବା ଧାନକୁ ଓଜନ କରି ରିପୋର୍ଟ ତିଆରି କରିଥିବା ଅଭିଯୋଗ ଆସିଛି । ଏହି କ୍ରପ୍ କଟିଙ୍ଗ ସମୟରେ ରିଲାଏନ୍ସ ଜେନେରାଲ ଇନସୁରନ୍ସ କମ୍ପାନୀର ଦୁଇ ଜଣ



କର୍ମଚ଼ାରୀଙ୍କ ସହିତ ସ୍ଥାନୀୟ ଆର୍‌ଆଇ ଜେମା ମାଝୀ ମଧ ଉପସ୍ଥିତ ଥିବା ଜଣାପଡ଼ିଛି । ଏନେଇ ମହାଲିଙ୍ଗ ଆର୍‌ଆଇ ଜେମା ମାଝୀଙ୍କୁ ଫୋନ୍ ଯୋଗେ ପଚ଼ାରିବାରୁ ଅଫିସକୁ ଆସନ୍ତୁ କଥା ହେବା ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ । କ୍ରପ୍ କଟିଙ୍ଗ ମହା ଘୋଟାଲା ପାଇଁ ଚ଼ାଷୀ ମହଲରେ ଉଦବେଗ ପ୍ରକାଶ ପାଇଛି । ଏଥିପ୍ରତି ଜିଲ୍ଲା କୃଷି ବିଭାଗ ସହିତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସମସ୍ୟାର ସମାଧାନ କଲେ ଚ଼ାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚା ଯୋର ଧରିଛି ।

## ପାରଦ ତଳମୁହାଁ, ଘୁ.ଉଦୟଗିରିରେ ତାପମାତ୍ରା ୮.୨ ଡିଗ୍ରୀ

**ଘୁ.ଉଦୟଗିରି: ଏକ୍ସପ୍ରେସ ନ୍ୟୁଜ୍**

ଘୁ.ଉଦୟଗିରି ଅଞ୍ଚଳରେ କଲବଲ କଲାଣି ଶୀତ । ଦିନକୁ ଦିନ ପାରଦ ତଳ ମୁଁହା ହେବାରେ ଲାଗିଛି । ଶନିବାର ଦିନ ଘୁ. ଉଦୟଗିରିର ତାପମାତ୍ରା ୮.୨ ଡିଗ୍ରୀ ରହିଥିଲା । ସକାଳର ରେକର୍ଡ କରିଛି କୃଷି ଗବେଷଣା କେନ୍ଦ୍ର । ଅସହ୍ୟ ହୋଇଛି ଜାଡ଼, ପ୍ରଭାବିତ ହୋଇଛି ଜୀବନ ଜୀବିକା । ଶୀତରୁ ସକାଳ ୧୦ଟା ପରେ ଦୋକାନ ବଜାର ସ୍ୱାଭାବିକ ହେଉଥିବା ବେଳେ ରାତି ଆଠଟା ପରେ ବଜାର ଜନଶୂନ୍ୟ ହୋଇ ପଡୁଥିବା ଦେଖିବାକୁ ମିଳିଛି । ସକାଳୁ ଛୋଟ ଚ଼ାଷୀ, ବ୍ୟବସାୟୀମାନେ ପରିବା ଧରି ରାସ୍ତା କଡରେ



ବିକ୍ରି କରିବା କଷ୍ଟକର ହୋଇ ପଡିଛି । ବଣ୍ୟଜାତ ସାମଗ୍ରୀ ସଂଗ୍ରହ କରି ପେଟ ପୋଷୁଥିବା, ଅସହାୟ ଲୋକଙ୍କ ପାଇଁ ଶୀତ ଯନ୍ତ୍ରଣା ଦାୟକ ହୋଇଥିବା ବେଳେ ପର୍ଯ୍ୟଟକମାନେ ପର୍ଯ୍ୟଟନ ଋତୁରେ ମଜା ନେଉଥିବା ଦେଖିବାକୁ ମିଳୁଛି । ଚ଼ଳିତ ବର୍ଷ ଶୀତ ଡେରିରେ ଆସିଥିବା ବେଳେ ଅଧିକ ଦିନ ଏବଂ ଅଧିକ ଶୀତ ହେବ ବୋଲି ପାଣି ପାଗ ବିଭାଗ ଅନୁମାନ କରିବା ସତ ହେବାକୁ ଯାଉଛି । ଅତ୍ୟଧିକ ଶୀତରେ ଲୋକେ କଲବଲ ହେଉଥିବା ବେଳେ ବାଧ ହୋଇ ଗରମ ବସ୍ତ୍ର ପିନ୍ଧିବା ଏବଂ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ବସିଥିବା ଦେଖିବାକୁ ମିଳିଛି । ଘୁ.ଉଦୟଗିରି ରାଜ୍ୟରେ କିଛି ବର୍ଷ ହେଲାଣି ସବୁଠାରୁ ଥଣ୍ଡା ସହର ଭାବେ ରେକର୍ଡ କରୁଥିବା ବେଳେ ଚ଼ଳିତ ବର୍ଷ ମଧ ସେହି ରେକର୍ଡ ରହିଛି । ଯାହାକୁ ନେଇ ସମାଜସେବୀ, ବୁଦ୍ଧିଜୀବୀମାନେ ଘୁ.ଉଦୟଗିରିରେ ଶୀତ ମହୋତ୍ସବ କରିବାକୁ ଦାବି କରିଛନ୍ତି ।

## ଅବ୍ୟବସ୍ଥା ଘେରରେ ସାପ୍ତାହିକ ହାଟ

**ଓଡ଼ାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଅବ୍ୟବସ୍ଥା ଘେରରେ ହିନ୍ଦୋଳ ରୋଡ ସାପ୍ତାହିକ ଶନିବାର ହାଟ । ଅତିଷ୍ଠ କରୁଛି ଟ୍ରାଫିକ ସମସ୍ୟା । ବ୍ୟକ୍ତିଗତ ଲୋକଙ୍କ ଘର ଆଗରେ ବେପାର କରୁଥିବାରୁ ଘରୁ ବାହାରି ପାରୁ ନଥିବା ଅଭିଯୋଗ । ପିଣ୍ଡି ଖାଲି ପଡ଼ିଥିବା ବେଳେ କମ୍ ସମୟରେ ଅଧିକ ଲାଭ ଆଶାରେ ରାସ୍ତା ଉପରେ ଚ଼ାଲିଛି ପରିବା ବିକ୍ରି । ବଢୁଛି ଦୁର୍ଘଟଣାର ଆଶଙ୍କା । ପ୍ରଶାସନ ନୀରବ ଦ୍ରଷ୍ଟା ।ଭୂତ କୋଠୀ ପାଲଟିଛି କୃଷକ ବଜାର ଗୃହ । ଉଦଘାଟନ ପରଠାରୁ ପଡ଼ିଛି ତାଲା । ଖବର ଅନୁସାରେ ଅବିଭକ୍ତ ଓଡ଼ାପଡ଼ା ଗ୍ରାମପଞ୍ଚାୟତର ହିନ୍ଦୋଳ ରୋଡ ହାଟଟି ପ୍ରାୟ ପଚ଼ାଶ ବର୍ଷରୁ ଅଧିକ ସର୍ବପୁରାତନ ପରିବା ହାଟ । ଦୁଃଖ ଏବଂ ପରିତାପର ବିଷୟ ଏବେ ତାହାର ଗରିମା ନଷ୍ଟ ହେବା କୁ ବସିଛି । ପୂର୍ବରୁ ଏହି ହାଟଟି ପଞ୍ଚାୟତ ଦ୍ୱାରା ନିଲାମ ହୋଇ ଆସୁଥିବା ବେଳେ କିଛି ବର୍ଷ ହେବ ଏହାକୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚ଼ାଳିତ କରାଯାଉଛି । ପଞ୍ଚାୟତକୁ ବର୍ଷସାରା ମହାସୁଲ ଆୟର ମାତ୍ର ଏକ ପ୍ରତିଶତ ଦେଇ ଅବଶିଷ୍ଟ ପ୍ରତିଶତ ଅର୍ଥକୁ ନିୟନ୍ତ୍ରିତ ବଜାର କମିଟି ନିଜ ଅଧୀନରେ ରଖୁଥିବା ଅଭିଯୋଗ ହେଉଛି । ନା ଅଛି ପାନୀୟ ଜଳର ବ୍ୟବସ୍ଥା ନା ଅଛି ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା । ମନଇଛା ଜୁଲମ କରି ମୋଟା ଅଙ୍କର ମହସୁଲ୍ ଆଦାୟ କରି ଆରଏମସି ମାଲେମାଲ । ନିୟନ୍ତ୍ରଣ କରିବାରେ ସଂପୂର୍ଣ୍ଣ ବିଫଳ । ହାଟ ପାଇଁ ଉଦ୍ଦିଷ୍ଟ ଜାଗା ଓ




ପିଣ୍ଡି ଗୁଡିକ ଥିବା ବେଳେ ରାସ୍ତାରେ ବସୁଛି ସାପ୍ତାହିକ ହାଟ । ଆରଏମସି କର୍ମଚ଼ାରୀଙ୍କୁ ହାତ ଗୁଞ୍ଜା ଦେଇ ଜାଣି ଶୁଣି ରାସ୍ତା ଉପରେ ପସରା ମେଲାଇଛନ୍ତି କିଛି ଅସାଧୁ ବ୍ୟବସାୟୀ । ରାସ୍ତା ସଂକୀର୍ଣ୍ଣ ଓ ଅଣଓସାରିଆ ହୋଇଥିବାରୁ ଗାଡ଼ି ମୋଟର ଏବଂ ଲୋକଙ୍କ ନାହିନଥିବ ଭିଡ ପରିଲକ୍ଷିତ ହେଉଛି । ତା'ସହିତ ଟ୍ରାଫିକ ସମସ୍ୟା ଉତ୍କଟତର ହେବାରେ ଲାଗିଛି । ରାସ୍ତା ଉପରେ ବ୍ୟବସାୟର ପସରା ନମେଲେଇବାକୁ ସଧାରଣ ଲୋକଟିଏ ବାରଣ କଲେ, ନିଜେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି । କିଛି ଅସାଧୁ ବ୍ୟବସାୟୀ ନିଜ ବାହୁବଳ ଦେଖେଇ ଜାଣିଶୁଣି ଦାଦାଗିରି କରୁଥିବାରୁ ସାଧାରଣ ଗ୍ରାହକଙ୍କୁ ଭିଡ ଭିତରେ ସଂଘର୍ଷ କରି ଯିବାକୁ ପଡୁଛି । ପରିବା ଦରଦାମ ନିୟନ୍ତ୍ରଣ କରିବାରେ ମଧ ବିଫଳ ହୋଇଛି ଓଡ଼ାପଡ଼ା ବ୍ଲକର ଖାଦ୍ୟ ଓ ଖାଉଟି କଲ୍ୟାଣ ପ୍ରଶାସନ । ଆଳୁ ଓ ପିଆଜ ଦର ସବୁଠି ସମାନ ହେବାର ନିୟମ ଥିଲେ ମଧ ଦରଦାମ ତାଳମେଳ ରହୁନଥିବା କଥା ଦୀର୍ଘ ଦିନ ଧରି ଅଭିଯୋଗ ହୋଇଆସୁଛି । ପଞ୍ଚାୟତ ସାମ୍ନାରେ ପରିବା ବସ୍ତା ଗଦା ଯାଉଥିବାରୁ ପଞ୍ଚାୟତ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କଥା ଜଣାପଡିଛି । ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନର ନିଦ ଭାଙ୍ଗୁଛି ନା ନୀରବ ଦ୍ରଷ୍ଟା ସାଜୁଛି ।

## ହାଇୱା ସହିତ ସ୍କୁଟିର ଦୁର୍ଘଟଣା, ଚ଼ାଳକ ମୃତ୍ୟୁ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା ଜଗୁଲେଇ ପାଟଣା ରାସ୍ତାରେ ଏକ ମର୍ମନ୍ତୁ ଦୁର୍ଘଟଣା ଏକ ହାଇୱା ଟ୍ରକ୍ ସହ ସ୍କୁଟିର ଦୁର୍ଘଟଣା ସ୍କୁଟି ଚ଼ାଳକ ଘଟଣାସ୍ଥଳରେ ମୃତ୍ୟୁ । ଖବର ପାଇ ଖୋର୍ଦ୍ଧା ପୁଲିସ ବିଳମ୍ବରେ ପହଞ୍ଚିଲା । ପୁଲିସ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ତୁମୁଳ କାଣ୍ଡ ଟ୍ରକ୍ ଡ୍ରାଇଭରକୁ ଗାଡିରୁ ଭିଡ଼ି ନିର୍ଦ୍ଧୁମ ମାଡ଼ ମାରିବା ସହ ଟ୍ରକଟିକୁ ଟେକା ପଥର ଫିଙ୍ଗି ଭଙ୍ଗାରୁଜା କରିବା ସହ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାଟିକୁ ଆୟତ କରିବା ପୂର୍ବରୁ ପୁଲିସକୁ ସ୍ଥାନୀୟ ଜନତାଙ୍କ ଗାଳି ଗୁଲଜ କରିବା ସହ ପୁଲିସ ଓ ଜନତାଙ୍କ ମଧ୍ୟରେ ଧସ୍ତା ଧସ୍ତି ପୁଲିସ ଟ୍ରକକୁ ଜବତ କରିବା ସହ ମୃତ୍ୟୁ ବେକ୍ତିକୁ ଖୋର୍ଦ୍ଧା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ତଦନ୍ତ ଜାରି ରଖିଛି ।

## ବାଣିଜ୍ୟ

## ବ୍ୟକ୍ତିଗତ ଡିଜିଟାଲ୍ ଡାଟା ସୁରକ୍ଷା ବାଟ ଖୋଲିଲା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚ଼ନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ପକ୍ଷରୁ ଡିଜିଟାଲ ଡାଟା ପ୍ରୋଟେକ୍ସନ ଆଇନର ବିଜ୍ଞପ୍ତି ଜାରି କରିଛନ୍ତି । ଏହାଫଳରେ ଭାରତରେ ଲୋକଙ୍କ ବ୍ୟକ୍ତିଗତ ଡିଜିଟାଲ ଡାଟା ସୁରକ୍ଷିତ ରହିବାର ପଥ ପ୍ରଶସ୍ତ ହୋଇଛି । ଡାଟା ସୁରକ୍ଷାକୁ ସୁପ୍ରିମକୋର୍ଟ ନାଗରିକଙ୍କ ମୌଳିକ ଅଧିକାର ବୋଲି ରାୟ ଦେବାର ପ୍ରାୟ ୮ ବର୍ଷ ପରେ ସରକାର ଏ ନେଇ ପଦକ୍ଷେପ ନେଇଛନ୍ତି । ୨୦୧୭ ମସିହାରେ ସୁପ୍ରିମକୋର୍ଟ ଏ ନେଇ ରାୟ ଦେଇଥିଲେ । ସେହିଭଳି ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନକୁ ରାଷ୍ଟ୍ରପତି ସ୍ୱୀକୃତି ଦେବାର ୨ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ୨୦୨୩ ଅଗଷ୍ଟରେ ରାଷ୍ଟ୍ରପତି ଏହି ବିଲ୍‌ରେ ମୋହର ମାରିଥିଲେ ।

ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ ମଧ କେବଳ ଏହାର କିଛି ଅଂଶ ବଳବତ୍ତର ରହିବ । ଆଇନର ଅଧିକାଂଶ ଏବଂ ଗୁରୁତ୍ୱପୂର୍ଣ୍ଣ ଅଂଶ କାର୍ଯ୍ୟକାରୀ ହେବାକୁ ୧୨ରୁ ୧୮ ମାସ ସମୟ ଲାଗିବ । ବ୍ୟକ୍ତିଗତ ଡାଟାକୁ ବ୍ୟବହାର କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କ ସମ୍ମତି ଆଣିବା, ଡାଟା ଚୋରି ବା ଲିକ୍ ଆଦି ସଂପର୍କରେ ସଂପୃକ୍ତ ବ୍ୟକ୍ତିଙ୍କୁ ଜଣାଇବା ଆଦି କାର୍ଯ୍ୟକୁ କାର୍ଯ୍ୟକ୍ଷମ କରିବା ଲାଗି ୧୮ ମାସ ସମୟ ଲାଗିବ । ତେବେ ଯାହା କାର୍ଯ୍ୟକାରୀ କରାଯାଇଛି ତାହା ହେଲା ଡାଟା ପ୍ରୋଟେକ୍ସନ ବୋର୍ଡ ଅଫ୍ ଇଣ୍ଡିଆର ସ୍ଥାପନ । ଆଇନ ଅନୁଯାୟୀ ସଂସ୍ଥାଗୁଡିକ କାର୍ଯ୍ୟ କରିବାକୁ ନିଶ୍ଚିତ କରିବା ପାଇଁ ଏହି ବୋର୍ଡ କାର୍ଯ୍ୟ କରିବ । ସରକାରଙ୍କ ପକ୍ଷରୁ ପୃଥକ୍ ଭାବେ ଜାରି ହୋଇଥିବା ବିଜ୍ଞପ୍ତିରେ ଡାଟା ସୁରକ୍ଷା ବୋର୍ଡରେ ୪ ଜଣ ସଦସ୍ୟ ରହିବେ ଏବଂ ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିବ ବୋଲି କୁହାଯାଇଛି ।

ଡିଜିଟାଲ ପର୍ସନାଲ ଡାଟା ସୁରକ୍ଷା ନିୟମ, ୨୦୨୫ରେ ବ୍ୟବସ୍ଥା ରହିଛି ଯେ ଡାଟା ପରିଚ଼ାଳନା କରୁଥିବା ସଂସ୍ଥାଗୁଡିକ କି ପ୍ରକାର ତଥ୍ୟକୁ ବ୍ୟବହାର କରିପାରିବେ ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କମିଟି ନିର୍ଦ୍ଧାରଣ କରିବ । ମେଟା, ଗୁଗଲ, ଆପଲ, ମାଇକ୍ରୋସଫ୍ଟ ଏବଂ ଆମାଜନ୍ ଭଳି ସଂସ୍ଥାଗୁଡିକ ଏହାର ପରିସର ଭିତରକୁ ଆସିବେ ବୋଲି ଅନୁମାନ କରାଯାଉଛି । ନିୟମ ଅନୁଯାୟୀ ପିଲାଙ୍କ ବ୍ୟକ୍ତିଗତ ଡାଟା ବ୍ୟବହାର କରିବା ପୂର୍ବରୁ ପ୍ରଯୁକ୍ତି କମ୍ପାନିଗୁଡିକୁ ପିତାମାତାଙ୍କର ସମ୍ମତି ନେବାକୁ ପଡିବ । ସରକାର ନିଜ ଆଡୁ ଏ ନେଇ ବ୍ୟବସ୍ଥା ବିକାଶ କରିବା ପରିବର୍ତ୍ତ କମ୍ପାନିଗୁଡିକୁ ଏଥିପାଇଁ ବ୍ୟବସ୍ଥା ବିକାଶ କରିବାକୁ ଛାଡି ଦେଇଛନ୍ତି ।

ଡାଟା ଲିକ୍ ବା ଚୋରି ଭଳି ଘଟଣା ଘଟିଲେ ଡାଟା ପରିଚ଼ାଳନା କରୁଥିବା ସଂସ୍ଥାଗୁଡିକ ତୁରନ୍ତ ଏ ନେଇ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚ଼ନା ଦେବେ । ତଥ୍ୟ ଲିକ୍‌ର ପ୍ରକାର, ସ୍ଥାନ ଏବଂ ସମୟ ଆଦି ସଂପର୍କରେ ସୂଚ଼ନା ଦେବେ । ଡାଟା ଚୋରି ବା ଲିକ୍ ଭଳି ଘଟଣାକୁ ରୋକିବା ପାଇଁ ଯଥେଷ୍ଟ ସୁରକ୍ଷାମୂଳକ ପଦକ୍ଷେପ ନେଇ ନଥିଲେ ସଂସ୍ଥାଙ୍କୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିପାରେ ।

## ଏବିଭିପିର ରାଜ୍ୟ ଅଧିବେଶନ ଉପଲକ୍ଷେ ପ୍ରସ୍ତୁତି

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ମାଟି ଭଦ୍ରକରେ ଅନୁଷ୍ଠିତ ହେବ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା (ପୂର୍ବ) ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ । ଏହାର ସୁବ୍ୟବସ୍ଥିତ ଓ ସୁପରିଚ଼ାଳନା ପାଇଁ ଜିଲ୍ଲାର ପ୍ରମୁଖ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଥମ ବ୍ୟବସ୍ଥା ଓ ପ୍ରସ୍ତୁତି ବୈଠକ ସହରର ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକରେ ଏବିଭିପିର ପୂର୍ବ କ୍ଷେତ୍ର ସହ ସଙ୍ଗଠନ ସମ୍ପାଦକ ବୈଲୋଚ଼ନ ସାହୁ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚ଼ନା କରିବା ସହ ଅଧିବେଶନ ସ୍ଥଳିର ସ୍ଥାନ ନିରୂପଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଜିଲ୍ଲା ସହ ପ୍ରମୁଖ ଡକ୍ଟର ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତି ପ୍ରକାଶ ସାହୁ, ପ୍ରାନ୍ତ ସବିସ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ଅଭିଳାଷ ତ୍ରିପାଠୀଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ପୁଟସିଲଠାରେ ଇକୋ ରିଟ୍ରିଟ ଉଦଘାଟିତ

**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶୀତକୁ ଉପଭୋଗ କରିବା ପାଇଁ ରାଜ୍ୟ ଭିତରର ବିଭିନ୍ନ ଜିଲ୍ଲା ଏବଂ ପଡୋଶୀ ରାଜ୍ୟରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ଓ ଏଥି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତ ସ୍ଥିତ ପୁଟସିଲ ଠାରେ ଇକୋ ରିଟ୍ରିଟ ୨୦୨୫ର ଆଭାସୀ ମାଧ୍ୟମରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି । ପୁଟସିଲ ଠାରେ ପଟାଙ୍ଗୀ ବିଧାୟକ ରାମଚ଼ନ୍ଦ୍ର କାଡାମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର



ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ସେମିଳିଗୁଡା ଗୋଷ୍ଠୀ ଉନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଦୁଧାରୀ ସମିତି ସଭ୍ୟ ସୁଷମା ପାଙ୍ଗି, ସରପଞ୍ଚ ମାଧବ ନନ୍ଦିବାଲୀ, ଜିଲ୍ଲା ପରିଷଦ ସଭ୍ୟ ମୋହନ ଜାନି ଉପସ୍ଥିତ ଥିଲେ । ଏହି ଇକୋ ରିଟ୍ରେଟ ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଫେବୃୟାରୀ ମାସ ପର୍ଯ୍ୟନ୍ତ ଖୋଲା ରହିବ । ସମୁଦାୟ ୨୫ଟି ସୁଟ ରହିଛି । ପଞ୍ଚତାରକା ହୋଟେଲର ସୁବିଧା ସହ ପର୍ଯ୍ୟଟକମାନେ କୋରାପୁଟ ମାଟିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ସମୟ ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୟଦ ସବୀର ସାହା କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିଶୁ ଦିବସ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ରାପଡ଼ା ବାରିମୂଳ ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବାଲ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିଶୁମାନେ ବିଭିନ୍ନ ପ୍ରକାରର ଷ୍ଟଲ ଖୋଲିଥିଲେ । ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଷ୍ଟଲ, ହସ୍ତକଳା ଷ୍ଟଲ, ଚିତ୍ରାଙ୍କନ ଷ୍ଟଲ ଖୋଲା ଯାଇଥିଲା । ଏହାକୁ ଦେଖିବା ପାଇଁ ଅଭିଭାବକମାନଙ୍କ ବେଶ ଭିଡ଼ ଜମିଥିଲା । ବିଦ୍ୟାଳୟର ଅଧକ୍ଷ ଶଶି କୌଶଲଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାକୁ ଚାଚା ନେହୁରଙ୍କ ଫଟୋଚିତ୍ରରେ ଦ୍ୱିପ ପ୍ରଜ୍ୱଳନ କରିବା ପରେ ପୁଷ୍ପମାଲ୍ୟଦେଇ ଉଦ୍‌ଘାଟନ କରିଥିଲେ । ଅଧକ୍ଷ ଶ୍ରୀ କୌଶଲ ଚାଚା ନେହରୁଙ୍କ ଜୀବନ ଦର୍ଶନ ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଭି. ଶୋଭା ଓ ଶିକ୍ଷକ ଅଶୋକ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳାକୌଶଳକୁ ବେଶ ପ୍ରଶଂସା କରିଥିଲେ । ପିଲାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର; ୫୨୪ ଭିନ୍ନକ୍ଷମ ଚ଼ିହ୍ନଟ

**ପଟ୍ଟାମୁଣ୍ଡାଇ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୋଟ ୫୨୪ ଜଣ ଭିନ୍ନକ୍ଷମଙ୍କୁ ଚ଼ିହ୍ନଟ କରାଯାଇଛି । ବିଡ଼ିଓ ଶୀତଲ ଅଗରଓାଲାଙ୍କ ତତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧଅୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ପ୍ରମୁଖ ଯୋଗ ଦେଇଥିଲେ । ବିଡ଼ିଓ ଏହି ଶିବିର ଆୟୋଜନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥରଲେ । ମୁଖ୍ୟଅତିଥି ଏହି ଯୋଜନାର ଯଥାର୍ଥତା ପ୍ରତିପାଦନ କରିଥିଲେ । ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ତଥା ପୌରପାଳିକା ଅଞ୍ଚଳର ପ୍ରାୟ ୫୨୪ ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କ ନାମ ପିକରଣ କରିଥିଲେ । କଟକ, କେନ୍ଦ୍ରାପଡା, ରାଜନଗର ଓ ପଟ୍ଟାମୁଣ୍ଡାଇ ଡାକ୍ତରଖାନାର ବିଭିନ୍ନ ଚିକିତ୍ସା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚ଼ିହ୍ନଟ କରିଥିଲେ । ଶିବିରରେ ଅସ୍ଥି ଶଲ୍ୟରେ ୨୫୦, ଦୃଷ୍ଟିବାଧିତରେ ୫୬ ଜଣ, ମାନସିକ ଅନଗ୍ରସରରେ ୧୧୧ ଜଣ, ଶବଦ୍ଧ ବାଧିତ ୫୫ ଜଣ, ଶିଶୁ ବିଭାଗ ୫୨ଜଣଙ୍କୁ ଚ଼ିହ୍ନଟ କରାଯାଇଥିଲା । ଉକ୍ତ ଶିବିକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନ ପରିଚାଳନା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥଲେ ।

## ବାପା ହେଲେ ରାଜକୁମାର ରାଓ




## ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡରେ ଏବେ ଖୁସିର ମାହୋଲ । ନିକଟରେ କ୍ୟାଟ୍ରିନା କୈଫ୍ ଏବଂ ଭିକି କୌଶଳ ପିତାମାତା ହୋଇଥିବା ବେଳେ ଏବେ ରାଜକୁମାର ରାଓ ଏବଂ ପତ୍ରଲେଖା ମଧ ପିତାମାତା ହୋଇଛନ୍ତି । ପତ୍ରଲେଖା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ଏନେଇ ରାଜକୁମାର ଏକ ସୁନ୍ଦର ପୋଷ୍ଟ ସହିତ ସୋସିଆଲ ମିଡିଆରେ ଏହି ଖବର ସେୟାର କରିଛନ୍ତି ।

ରାଜକୁମାର ରାଓ ପୋଷ୍ଟରେ ଲେଖିଛନ୍ତି, 'ଆମେ ବହୁତ ଖୁସି, ଭଗବାନ ଆମକୁ ଝିଅ ସହିତ ଆଶୀର୍ବାଦ କରିଛନ୍ତି ।' ନଭେମ୍ବର ୧୫ ତାରିଖ ରାଜକୁମାର ଏବଂ ପତ୍ରଲେଖାଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିନ । ଏହି ଦିନ ସେମାନଙ୍କର ବିବାହ ହୋଇଥିଲା । ସେମାନଙ୍କ ଝିଅ ସେମାନଙ୍କର ଚ଼ତୁର୍ଥ ବାର୍ଷିକୀରେ ଜନ୍ମ ହୋଇଛି । ପୋଷ୍ଟ ସେୟାର କରି ରାଜକୁମାର ଲେଖିଛନ୍ତି, 'ଆମର ଚ଼ତୁର୍ଥ ବିବାହ ବାର୍ଷିକୀରେ ଭଗବାନ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ ଦେଇଛନ୍ତି ।' ରାଜକୁମାର ରାଓ ସୋସିଆଲ ମିଡିଆରେ ତାଙ୍କ ପୋଷ୍ଟ ସେୟାର କରିବା ପରଠାରୁ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରଶଂସକ ଏବଂ ସେଲିବ୍ରିଟିମାନେ ତାଙ୍କ ଉପରେ ଶୁଭେଚ୍ଛାର ବର୍ଷା କରୁଛନ୍ତି । ଜଣେ ପ୍ରଶଂସକ ଲେଖିଛନ୍ତି, 'ଅଭିନନ୍ଦନ ରାଜା ଜୀ !' ଆଉ ଜଣେ ଲେଖିଛନ୍ତି, 'ସବୁଠାରୁ ଭଲ ଖବର ! ତୁମ ଦୁହିଁଙ୍କୁ ଅନେକ ଅନେକ ଅଭିନନ୍ଦନ ।' ଆଉ ଜଣେ ଲେଖିଛନ୍ତି, 'ବଲିଉଡର ସବୁଠାରୁ ସୁନ୍ଦର ଯୋଡ଼ି ।'

ରାଜକୁମାର ରାଓ ଏବଂ ପତ୍ରଲେଖା ଜୁଲାଇ ମାସରେ ଏକ ସୁନ୍ଦର ପୋଷ୍ଟ ସହିତ ସେମାନଙ୍କର ଗର୍ଭଧାରଣ ବିଷୟରେ ଘୋଷଣା କରିଥିଲେ, ଯେଉଁଥିରେ ଲେଖାଥିଲା, 'ବେବି ଅନଦ ୱେ' ରାଜକୁମାର ଏବଂ ପତ୍ରଲେଖା ସେମାନଙ୍କ ଗର୍ଭଧାରଣର ଘୋଷଣା କରିବା ପରେ ପ୍ରଶଂସକମାନେ ବହୁତ ଖୁସି ହୋଇଥିଲେ । ରାଜକୁମାର ରାଓ ଏବଂ ପତ୍ରଲେଖା ୧୧ ବର୍ଷ ଡେଟିଂ କରିବା ପରେ ବିବାହ କରିଥିଲେ । ସେମାନେ ପ୍ରଥମ ଥର ପାଇଁ ୨୦୧୦ରେ ଦେଖା ହୋଇଥିଲେ । ତା'ପରେ ସେମାନେ ୨୦୧୪ ଫିଲ୍ମ ସିଟିଲାଇଟ୍ସରେ ଏକାଠି କାମ କରିଥିଲେ । କିଛି ବର୍ଷ ଡେଟିଂ କରିବା ପରେ, ଏହି ଦମ୍ପତି ୨୦୨୧ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏବେ, ସେମାନଙ୍କ ବିବାହର ଚ଼ାରି ବର୍ଷ ପରେ, ସେମାନେ ପିତାମାତା ହୋଇଛନ୍ତି ।

# ପ୍ରସ୍ତାବରେ ଅଟକିଛି ଐତିହାସିକ କେନାଲର ପୁନରୁଦ୍ଧାର



**୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ଥିବା ଓଡ଼ିଶା କୋଷ୍ଟ୍ କେନାଲ୍ ଏବେ ମୃତପ୍ରାୟ ଅବସ୍ଥାକୁ ଚାଲିଆସିଛି । ଏହି ଐତିହାସିକ କେନାଲର ପୁନରୁଦ୍ଧାର କେବଳ ପ୍ରସ୍ତାବରେ ଅଟକିଛି । ଏହା କେବେ ବାସ୍ତବ ରୂପ ନେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୧୮୬୬ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପରେ ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଯୋଜନା କରି ତତ୍କାଳୀନ ଇଂରେଜ ସରକାର ଏହି କୋଷ୍ଟ୍ କେନାଲ୍ ଖନନ ଆରମ୍ଭ କରିଥିଲେ । ଏହି କେନାଲ ପଶ୍ଚିମବଙ୍ଗର ନାରାୟଣ ନଦୀରୁ ବାହାରି ଓଡ଼ିଶାର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ମନ୍ତେଇ ନଦୀର ଚାରବାଟିଆ ଯାଏଁ ରହିଛି । ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଏହା ୧୨୪ କିମି ଓ ପଶ୍ଚିମବଙ୍ଗରେ ୯୦ କିମି ଅଞ୍ଚଳ ଦେଇ ଯାଇଛି । ଓଡ଼ିଶା ଭିତରକୁ ଏହି କୋଷ୍ଟ୍ କେନାଲ୍ ଭୋଗରାଇ ବ୍ଲକ୍ ଅଧୀନ ଅନଳିଆ ପଞ୍ଚାୟତର ନସରାବାଦ ଗାଁ ନିକଟରେ ପ୍ରବେଶ କରିଛି ।

ପୂର୍ବରୁ ଏହି କୋଷ୍ଟ୍ କେନାଲ୍ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ନୌବାଣିଜ୍ୟ ପରମ୍ପରାର ଏକ ପରିଚିତ ନାମ ଥିଲା । ନୌପରିବହନ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟୋଲ୍ ଆଦାୟ କରାଯାଉଥିଲା । ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ୧୮୯୧ ମସିହାରେ ଏହି କୋଷ୍ଟ୍ କେନାଲ୍‌ରେ ୭ ଦିନ ଯାତ୍ରା କରି ଓଡ଼ିଶା ଆସିଥିଲେ । କୋଷ୍ଟ୍ କେନାଲ୍ ଯୋଗୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପାଖାପାଖି ୨୪ ହଜାର ହେକ୍ଟର ଜମିରୁ ଉର୍ଦ୍ଧ୍ୱ ବର୍ଷା ଓ ବନ୍ୟା ଜଳ ସୁରୁଖୁରୁରେ ନିଷ୍କାସିତ ହେଉଥିଲା । ସୁବର୍ଣ୍ଣରେଖା, ଜଳକା, ବୁଢାବଲଙ୍ଗ ନଦୀର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଏହି କେନାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ଏଥିସହ କେନାଲର ଉଭୟ ପାର୍ଶ୍ୱରେ ଥିବା ଜମି ଜଳସେଚିତ ହୋଇପାରୁଥିଲା । ହଜାର ହଜାର ଲୋକେ ମାଛ ମାରି ଜୀବିକା ନିର୍ବାହ କରୁଥିଲେ । ତେବେ, ଏହି କେନାଲ୍‌ରେ ଏବେ ନୀଳ ଜଳରାଶି ବଦଳରେ କେବଳ ସବୁଜ ଦଳ ଭର୍ତ୍ତି ହୋଇଛି । କେନାଲ୍ ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇଗଲାଣି । ୨୦୧୯ ମସିହାରେ କୋଷ୍ଟ୍ କେନାଲର ପୁନରୁଦ୍ଧାର ପାଇଁ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇଥିବା ବେଳେ ଏହା ବାସ୍ତବ ରୂପ ନେଇ ପାରିଲାନିଛ ୨୦୨୫ ଫେବ୍ରୁଆରିରେ କେନ୍ଦ୍ର ଜଳ ପ୍ରାଧିକରଣର ୩ ଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଫଳରେ କେନାଲ୍‌ର ପୁନରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଥିଲା । ହେଲେ ୮ ମାସ ହେଲା ଏଥିରେ କେଣସି ଅଗ୍ରଗତି ହୋଇନି ।

## ଆଜିର ରାଶିଫଳ

ତାରିଖ ୧୬.୧୧.୨୦୨୫ | ରବିବାର– ଦ୍ୱାଦଶୀ, ନକ୍ଷତ୍ର– ହସ୍ତା, କନ୍ୟାଚନ୍ଦ୍ର



| | |
|---|---|
| ମେଷ | : ସୁସମ୍ବାଦ ପ୍ରାପ୍ତି ହେବେ । |
| ବୃଷ | : ଶ୍ୱାସପୀଡ଼ା କଷ୍ଟ ଦେବ । |
| ମିଥୁନ | : ବ୍ୟବସାୟରେ ସାମାନ୍ୟ ଲାଭ । |
| କର୍କଟ | : ବକେୟା ପଡ଼ିଥିବା ଅର୍ଥଲାଭ ହେବ । |
| ସିଂହ | : କଳହ ଯୋଗ ରହିଛି । |
| କନ୍ୟା | : ଅର୍ଥାଦିଲାଭ ଯୋଗ ରହିଛି । |
| ତୁଳା | : ବନ୍ଧୁଙ୍କ ସହ କଳହ ହୋଇପାରେ । |
| ବିଛା | : ଅଯଥା ଖର୍ଚ୍ଚାରେ ପଡ଼ିବେ । |
| ଧନୁ | : ଯାତ୍ରା ଶୁଭ ହେବ । |
| ମକର | : ଦୁର୍ଘଟଣା ଭୟ ରହିଛି । |
| କୁମ୍ଭ | : ଅର୍ଥଲାଭ ହେବ । |
| ମୀନ | : ଭଲ କାମ କରି ଖୁସି ହେବେ । |

## ପୋଖରୀରୁ ମିଳିଲା ଯୁବକଙ୍କ ସନ୍ଦେହଜନକ ମୃତଦେହ

**କାମାକ୍ଷାନଗର, ୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଣବସା ଗୁରୁବାରରେ ରିଲ୍ସ କରି ଘରୁ ଭିଡିଓ ସୁଟିଙ୍ଗ ପାଇଁ ଯାଇଥିଲେ ରାଜେଶ୍ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ମୁକ୍ତାପଶି ଗାଁ ସତସଙ୍ଗ ଘର ପାଖ ପୋଖରୀରୁ ମିଳିଲା ଯୁବକଙ୍କ ସନ୍ଦେହଜନକ ମୃତଦେହ। ତାଙ୍କୁ ହତ୍ୟା କରି କେହି ପୋଖରୀରେ ପକେଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ଯୁବକ ଜଣଙ୍କ ପରଜଙ୍ଗ ଥାନା ସାନ୍ଧ ଗାଁର ରାଜେଶ କୁମାର ପାଣି । ରାଜେଶ ମୁକ୍ତାପଶି ଗାଁରେ ଏକ ନିର୍ବନ୍ଧ ପାଇଁ ଭିଡିଓ ସୁଟିଙ୍ଗ ଥିବା ନେଇ ଘରୁ ବାହାରିଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଯେ, ସେ ଘରୁ ବାହାରିବା ବେଳେ ଏକ ହୃଦୟସ୍ପର୍ଶୀ ରିଲ୍ସ କରି କରି ମୁକ୍ତାପଶି ଗାଁକୁ ବାହାରିଥିଲେ। ମାତ୍ର ଗତକାଲି ଅପରାହ୍ନ ୧୨ଟା ପର ଠାରୁ ତାଙ୍କ ମୋବାଇଲ ସୁଇଚ ଅଫ ଆସିଥିଲା। ଏବଂ ଏହାକୁ ନେଇ ପରିବାର ଲୋକେ ସନ୍ଧ୍ୟାରେ ମୁକ୍ତାପଶି ଗାଁରେ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ସନ୍ଧାନ ପାଇ ନଥିଲେ। ଶୁକ୍ରବାର ତାଙ୍କ ମୃତଦେହ ମୁକ୍ତାପଶି ଗାଁ ସତସଙ୍ଗ ଘର ପାଖ ପୋଖରୀ ଭାସୁଥିବାର ଦେଖିବାକୁ ମିଳିଥିଲା। ଏପରିକି ପୋଖରୀ ହୁଡ଼ାରେ ବାଇକ ଏବଂ ଚପଲ ଥିବା ବେଳେ ଭିଡିଓ ସୁଟିଙ୍ଗ ପାଇଁ ଆଣିଥିବା କ୍ୟାମେରା ସେଟଅପର କୌଣସି ସନ୍ଧାନ ମଧ୍ୟ ମିଳିନାହିଁ। ତେବେ ତାଙ୍କୁ ଘରୁ ଡାକି କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଘଟଣା ସ୍ଥଳରେ କାମାକ୍ଷାନଗର ପୋଲିସ ପଂହଚି ତଦନ୍ତ ଆରମ୍ଭ କରି ଦେଇଛି ।

# ୫ ମାଉଜର ଜବତ: ଦୁଇ ବେପାରୀ ଗିରଫ

**ଭୁବନେଶ୍ୱର, ୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୨ ସଦସ୍ୟ । ବଡ଼ ଲୁଟ୍ ପାଇଁ ଯୋଜନା କରିବା ବେଳେ ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ। ଅଭିଯୁକ୍ତଙ୍କ ଠାରୁ ଗୋଟିଏ କାରବାଇନ ଓ ୫ ବନ୍ଧୁକ ଜବତ । କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ(ଏସସିୟୁ) ଏକ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀ ସିଣ୍ଡିକେଟର ପର୍ଦ୍ଦାଫାଶ କରିଛି । ବିହାରର ଦୁଇ ଜଣ ବେପାରୀ ଭୁବନେଶ୍ୱରକୁ ବନ୍ଧୁକ ବିକିବା ପାଇଁ ଆସିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ମାଡ଼ି ବସିଛି । ସେମାନଙ୍କ ନିକଟରୁ ଗୋଟିଏ କାରବାଇନ୍, ୫ଟି ମାଉଜର, ୯ଟି ଜୀବନ୍ତ ଗୁଳି ସମେତ ୨ଟି ମୋବାଇଲ୍ ଜବତ ହୋଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଖଗାରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଓ ଚନ୍ଦନ କୁମାର ।

ସୂଚନା ଥାଉକି, କଳାବଜାରୀ ମୂଲ୍ୟ ଅନୁସାରେ ଗୋଟିଏ କାରବାଇନ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ହେବ । କିନ୍ତୁ ଡିସିପି (ଏସସିୟୁ) ଅନୁପ କାନୁନଗୋ ନିଜେ ବନ୍ଧୁକ ବେପାରୀଙ୍କୁ ଫୋନ କରିଥିଲେ । ଗୋଟିଏ କାରବାଇନ ବନ୍ଧୁକ କିଣିବା ପାଇଁ ୫ ଲକ୍ଷ ଟଙ୍କା ଦେବେ ବୋଲି ଡିଲ କରିଥିଲେ । ଏହି ପ୍ରଲୋଭନରେ ପଡ଼ି ୨ ବନ୍ଧୁକ ବେପାରୀ ଗତକାଲି ରାତିରେ ଖାରବେଳନଗର ୟୁନିଟ-୩ ଅଞ୍ଚଳକୁ ଯାଇଥିଲେ । ସେଠାରୁ ପୁଲିସ ୨ ବେପାରୀଙ୍କୁ କାବୁ କରିଥିଲା । ସେମାନେ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ବେପାର କରୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ।

# ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

**ଶେରଗଡ଼, ୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି ନେଇ ଶନିବାର ସକାଳେ ସ୍କୁଲ ଗେଟରେ ତାଲା ପକାଇ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ କୃଷ୍ଣଛାଇ ପଞ୍ଚାୟତର ବି.ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ଘଟଣା କ୍ରମେ, ବି.ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଲାଗି ୭ ଜଣ ଶିକ୍ଷକ ଥିବା ଥିବାବେଳେ ଜଣଙ୍କୁ କିଛି ଦିନ ପୂର୍ବରୁ ଡେପୁଟେସନ ଲାଗି ନିର୍ଦ୍ଦେଶ ଆସିଥିଲା ଏବଂ ଇତିମଧ୍ୟରେ ୬ ଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟରେ ପାଠପଢା ଜାରି ରହିଥିଲା । ଏହି ଶିକ୍ଷକ ଜଣଙ୍କ ଡେଙ୍ଗାପଦର ବିଦ୍ୟାଳୟକୁ ସପ୍ତାହରେ ୫ ଦିନ ଯାଉଥିଲେ ଏବଂ ଏଠାକୁ ଗୋଟିଏ ଦିନ ଆସୁଥିଲେ । ଏହି ଦିନେ ଦୁଇ ଦିନ ମଧ୍ୟରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସାଲବେଗ ଶତପଥିଙ୍କୁ ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ସପ୍ତାହରେ ତିନି ଦିନ ଡେପୁଟେସନରେ ଯାଇ ପଢାଇବା ଲାଗି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା । ଏହି ନିର୍ଦ୍ଦେଶକୁ ବିରୋଧ କରି ଶନିବାର ସକାଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଫାଟକ ସାମନାରେ ବସିଥିବା ଦେଖିବାକୁ ମିଳିଥିଲା । ସେମାନଙ୍କର ଦାବି ହେଲା, ଆମର ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ନିର୍ଦ୍ଦେଶକୁ ବାତିଲ କରି ଆମ ବିଦ୍ୟାଳୟରେ ହିଁ ସବୁ ଦିନ ପଢାଇବେ ଏବଂ ଆମର ବଳକା ଥିବା ଚଳିତ ବର୍ଷର ପାଠ୍ୟକ୍ରମ ଶେଷ କରିବେ, ଏହି ଦାବି ରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଡେପୁଟେସନ ନିର୍ଦ୍ଦେଶ ଥିବା ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟର ଫାଟକ ଖୋଲାଯାଇଥିଲା ଏବଂ ବିଦ୍ୟାଳୟରେ ପାଠପଢା କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ଡାକୁଆ, ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ଅଭିଭାବକମାନେ ଧାରଣା ସମୟରେ ଉପସ୍ଥିତ ଥିଲେ ।

## ଝିଅକୁ ଦୁଷ୍କର୍ମ ନେଇ ଥାନାର ଦ୍ୱାରସ୍ଥ ହେଲେ ମାଆ

**ବୈଶିଙ୍ଗା, ୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ହରିପୁର (ଅଁଳା)ଗ୍ରାମର ଜନୈକା ନାବାଳିକାକୁ ଗତ ପ୍ରଥମାଷ୍ଟମୀ ସନ୍ଧ୍ୟାରେ ସେହି ଗ୍ରାମର ଜନୈକ ଯୁବକ ଦୁଷ୍କର୍ମ କରିଥିବା ନେଇ ନାବାଳିକାର ମାଆ ସୁଜାତା ବେହେରା ଶୁକ୍ରବାର ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଏତଲା ଦାଏର କରିଥିବା ଜଣାଯାଇଛି । ଅଭିଯୋଗ ମୁତାବକ ହରିପୁର ଗ୍ରାମର ରାଜେଶ ବେହେରାଙ୍କ ୧୩ ବର୍ଷର ନାବାଳିକା ଝିଅଟି ପ୍ରଥମାଷ୍ଟମୀ ସନ୍ଧ୍ୟାରେ ନିଜ ସାଙ୍ଗ ଘରୁ ଫେରୁଥିବାବେଳେ ଗ୍ରାମ ମଝିରେ ଥିବା ସୋଲାର ପାଣି ପମ୍ପ ଟ୍ୟାପ୍‌ରୁ ପାଣି ପିଉଥିବା ବେଳେ ନିକଟସ୍ଥ ଜରକା ସାହିର ଟେମ୍ପା ମାଝୀ ଛୁରୀ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ଜବରଦସ୍ତ ଦୁଷ୍କର୍ମ କରିଥିଲା । ଝିଅଟି ସାଙ୍ଗ ଘରୁ ଫେରିବାର ବିଳମ୍ବ ହେବାରୁ ବାପା ଓ ମାଆ ଖୋଜାଖୋଜି କରୁଥିବା ବେଳେ ଝିଅଟି କାନ୍ଦି କାନ୍ଦି ଘରକୁ ଆସି ସବୁ ଘଟଣା ମାଆ ସୁଜାତା ଆଗରେ ସବୁ ବଖାଣିଥିଲା । ଏଥି ପାଇଁ ଗୁରୁବାର ଗ୍ରାମରେ ଏକ ବୈଠକ ବସି ସମାଧାନ କରିବାକୁ ଚେଷ୍ଟା କରା ଯାଇଥିଲେ ମଧ୍ୟ ସମାଧାନ ହୋଇ ପାରି ନଥିଲା । ବାଧ୍ୟ ହୋଇ ନାବାଳିକାର ମାଆ ଶୁକ୍ରବାର ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ନାବାଳିକାକୁ ଦୁଷ୍କର୍ମ

**ଢେଙ୍କାନାଳ, ୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ପର୍କୀୟ ଘରକୁ ନେଇଥିବା ବେଳେ ବାଟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀକୁ ନିଜ ମାମୁ ପୁଅ ଦୁଷ୍କର୍ମ କରିଥିଲା । ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବର ଧମକ ଯୋଗୁଁ ବିଚରା ଚୁପ ରହିଥିଲା ନାବାଳିକା ପୀଡିତା । ତେବେ ଦୁଷ୍କର୍ମ ଯୋଗୁଁ ଗର୍ଭବତୀ ପରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ପରେ କଟକ ଶିଶୁଭବନରେ ଶିଶୁଟିର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହାପରେ ନାବାଳିକା ଜଣଙ୍କ ଅଭିଯୋଗ ନେଇ କାମାକ୍ଷାନଗର ଥାନାକୁ ଯିବାରେ ପୁଲିସ ତା'ର ଅଭିଯୋଗ ରଖିନଥିବା ମଧ୍ୟ ଏହି ନାବାଳିକା ପୀଡିତା ଅଭିଯୋଗ ଉଠାଇଛନ୍ତି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳରେ ଏପରି ଲଜ୍ୟା ଜନକ ଘଟଣା ଘଟିଛି। କାମାକ୍ଷାନଗର ଥାନା ପୁଲିସର ଏପରି ବ୍ୟବହାର ନେଇ ଏହି ପୀଡ଼ିତା ମହିଳା ସ୍ୱେଚ୍ଛାସେବୀ ସସ୍ମିତା ଦାସଙ୍କ ସହାୟତା ଲୋଡିଛନ୍ତି । ଏପରିକି ସସ୍ମିତା ଦାସଙ୍କ ସହିତ ଢେଙ୍କାନାଳ ଏସପିଙ୍କ ଦ୍ୱାରସ୍ଥ ହେବା ପରେ ଏହି ଲଜ୍ୟାଜନଙ୍କ ଘଟଣା ପଦାକୁ ଆସିଛି। ସେପଟେ ଦୁଷ୍କର୍ମ କରିଥିବା ଅଭିଯୁକ୍ତ କାମାକ୍ଷାନଗର ଥାନା ଅନ୍ତର୍ଗତ ଶିବୁଲାପଶି ପଞ୍ଚାୟତର ଚୁଲିଆ ଗ୍ରାମର ରୀଙ୍କୁ ଦରେଇ ଫେରାର ହୋଇଯାଇଥିବା ଜଣାପଡିଛି ।

# ଭଉଣୀର ପ୍ରେମିକକୁ ହତ୍ୟା ଘଟଣାରେ ୪ ଗିରଫ

**ଭଦ୍ରକ, ୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଆନନ୍ଦପୁର ପଞ୍ଚାୟତ ଉଡ଼େଇପୁରରେ ଯୁବକଙ୍କୁ ପିଟି ପିଟି ହତ୍ୟା କରିବା ଘଟଣାରେ ଧାମନଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଉଡ଼େଇପୁର ଗାଁର ମଧୁସ୍ମିତା ପାତ୍ର, ତାଙ୍କ ସ୍ୱାମୀ ମଦନ ପାତ୍ର, ମଧୁସ୍ମିତାଙ୍କ ଭଉଣୀ ଜ୍ୱାଇଁ ତଥା ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତ ବଇଁଚା ଗାଁର ପ୍ରଶାନ୍ତ ବେହେରା ଓ ରମାକାନ୍ତ ବେହେରା । ମୃତ ସଞ୍ଜୟ ରାଉତଙ୍କ ସାନଭାଇ ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତ କଣ୍ଡିଆସାହିର ରାଜେନ୍ଦ୍ର ରାଉତଙ୍କ ଏତଲା ଆଧାରରେ ମାମଲା ରୁଜୁ ହୋଇଛି । ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରିଛି ଧାମନଗର ପୁଲିସ । ସିନ୍ ରିକ୍ରିଏସନ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଉଡ଼େଇପୁରରେ ଏଭଳି ଏକ ଘଟଣାକୁ ନେଇ ନାନା ପ୍ରଶ୍ନ ଉଠିଛି । ସରକାରଙ୍କ ଆମ୍ବୁଲାନ୍ସ ସେବା ଓ ପୁଲିସର ତତ୍ପରତା ନେଇ ପ୍ରଶ୍ନ ଉଠିଛି । ଗୁରୁବାର ଅପରାହ୍ଣରେ ଏ ଘଟଣା ଘଟିବା ସମୟରେ ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ । ବହୁ ଲୋକ ଥିଲେ ବି ମଧୁସ୍ମିତାଙ୍କ ହିଂସ୍ର ରୂପ ଦେଖି କେହି ସାହସ କରି ନ ଥିଲେ ଘର ଭିତରକୁ ପଶିବାକୁ । ସମସ୍ତେ ଗାଁ ଦାଣ୍ଡରେ ଥିଲେ ବି କେହି ଘର ଭିତରେ ପଶି ସଞ୍ଜୟଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନ ଥିଲେ । ତେବେ ପାଖ ଗାଁର ଯୁବକ ପ୍ରତାପ ବାରିକ ଓ ମୁନା ପତି ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତ ସଞ୍ଜୟଙ୍କୁ ଡାକ୍ତରଖାନା ନେବା ଲାଗି ୧୧୨ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ପ୍ରତାପ । ସେତେବେଳେ ଡାକ୍ତରଖାନାରେ ଆମ୍ବୁଲାନ୍ସ ନ ଥିଲା । ତା'ପରେ ସେମାନେ ଭଣ୍ଡାରିପୋଖରୀ ଓ ଧୁଷୁରୀ ଥାନାକୁ ଫୋନ୍ କରିଥିଲେ । ଆମ୍ବୁଲାନ୍ସ ନ ମିଳିବା ଓ ପୁଲିସ ବିଳମ୍ବରେ ପହଞ୍ଚିବା ବେଳକୁ ସଞ୍ଜୟଙ୍କ ଅବସ୍ଥା ସଂଗୀନ ହୋଇ ପଡ଼ିଥିଲା । ବିଳମ୍ବରେ ପହଞ୍ଚି ପୁଲିସ ସଞ୍ଜୟଙ୍କୁ ଉଦ୍ଧାର କରି ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ପରେ ତାଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସା ଆରମ୍ଭ ପୂର୍ବରୁ ଭଦ୍ରକରେ ସଞ୍ଜୟଙ୍କର ମୃତ୍ୟୁ ହୋଇଯାଇଥିଲା । ଆଜି ସଞ୍ଜୟଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି । ଅପରାହ୍ଣରେ ଗାଁରେ ଶେଷକୃତ୍ୟ କରାଯାଇଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସଞ୍ଜୟ ରାଉତ ଓ ମଧୁସ୍ମିତାଙ୍କ ସାନ ଭଉଣୀ ରୀନାରାଣୀଙ୍କ ମଧ୍ୟରେ ପ୍ରେମ ସଂପର୍କ ରହିଥିଲା । ହେଲେ ଦୁହେଁ ଭିନ୍ନ ଭିନ୍ନ ସ୍ଥାନରେ ବାହା ହୋଇଥିଲେ । ବିବାହ ପରେ ମଧ୍ୟ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ରହିଥିଲା । କିଛି ମାସ ହେଲା ଦୁହିଁଙ୍କ ସଂପର୍କରେ ଫାଟ ଆସିଥିଲା । ସଞ୍ଜୟ ରୀନାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ରୀନାଙ୍କ ସହ ମିଶି ମଧୁସ୍ମିତା ଷଡ଼ଯନ୍ତ୍ର କରିଥିଲେ । ସଞ୍ଜୟଙ୍କୁ ପାନେ ଦେବାକୁ ଚିନ୍ତା କରିଥିଲେ । ପୂର୍ବ ଯୋଜନା ମୁତାବକ ଗୁରୁବାର ଦିନ ରୀନାରାଣୀ ଫୋନ୍ କରି ସଞ୍ଜୟଙ୍କୁ ଉଡ଼େଇପୁରରେ ଭଉଣୀଙ୍କ ଘରକୁ ଡାକିଥିଲେ । ପ୍ରେମିକାଙ୍କ ଫୋନ୍ ପାଇ ନିଜର କର୍ମସ୍ଥଳ ଅନୁଗୁଳରୁ ଛୁଟି ଆସିଥିଲେ ସଞ୍ଜୟ । ସଞ୍ଜୟ ପହଞ୍ଚିବା ପୂର୍ବରୁ ମଧୁସ୍ମିତାଙ୍କ ଘରେ ରୀନାଙ୍କ ସ୍ୱାମୀ ପ୍ରଶାନ୍ତ, ତାଙ୍କ ବଡ଼ ଭାଇ ରମାକାନ୍ତ, ଭାଇ ପ୍ରିୟବ୍ରତ ବେହେରା ଓ ଅନ୍ୟ ଜଣେ ଉପସ୍ଥିତ ଥିଲେ । ସଞ୍ଜୟ ପହଞ୍ଚିବା ପରେ ତାଙ୍କୁ ଗୋଟିଏ ଘରେ ପୂରାଇ ମଧୁସ୍ମିତା, ପ୍ରଶାନ୍ତ, ରମାକାନ୍ତ ଓ ଅନ୍ୟମାନେ ନିସ୍ତୁକ ମାଡ଼ ମାରିଥିଲେ । ସଞ୍ଜୟଙ୍କ ଯୌନାଙ୍ଗକୁ ମାରି ଫଟାଇ ଦେଇଥିଲେ । ରଡରେ ପିଟି ତାଙ୍କ ମୁଣ୍ଡ ଫଟାଇଥିଲେ ଓ ଆଖିପତାରେ ଛୁରି ଭୁଷି ଦେଇଥିଲେ । ଏହାସହ ଆଣ୍ଠୁ ତଳକୁ ପିଟି ଦୁଇ ଗୋଡ଼କୁ ଚୁନା କରିଦେଇଥିଲେ । ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କ ପିନ୍ଧା ପୋଷାକ ଓହ୍ଲାଇ ଆଉ ଗୋଟିଏ ପୋଷାକ ମଧ୍ୟ ପିନ୍ଧାଇ ଦେଇଥିଲେ । ଏପରିକି ଜାଳିଦେବା ଲାଗି ପେଟ୍ରୋଲ ଢାଳି ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି ।

## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିବାକୁ ଉଦ୍ୟମ

**ଭୁବନେଶ୍ୱର, ୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ଏଜି ଛକ ନିକଟ ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିବାକୁ ଉଦ୍ୟମ ହୋଇଛି । ସିସିଟିଭିରେ କଏଦ ହୋଇଛି ଲୁଟେରାଙ୍କ କାରନାମା । ମୁହଁରେ କପଡା ବାନ୍ଧି ରାତି ପ୍ରାୟ ୧ ଟା ୫୦ ବେଳେ ହାତରେ ମାରଣାସ୍ତ୍ର ଧରି ଆସୁଛି ଲୁଟେରା । ଦାନବାକ୍ସ ଲୁଟିବା ପାଇଁ ଉଦ୍ୟମ କରୁଛି। ସିସିଟିଭି ତାର କାଟିବା ପରେ ଗେଟରେ ଲାଗିଥିବା ତାଲା ଭାଙ୍ଗିବା ପାଇଁ ଉଦ୍ୟମ କରୁଛି । ପାଖାପାଖି ୧୫ ମିନିଟ ଧରି ଲୁଟେରା ତାର ଉଦ୍ୟମ ଜାରି ରଖିଥିଲା । ପୂର୍ବରୁ ୨ ବର୍ଷ ତଳେ ମଧ୍ୟ ଠିକ ସମାନ ଢଙ୍ଗରେ ଲୁଟ ଉଦ୍ୟମ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅପରାଧୀଙ୍କୁ ଧରିବାରେ ସକ୍ଷମ ହୋଇପାରିନି ପୋଲିସ ।

# ଚାକିରି ଦେବାକୁ କହି ୩୦ ହଜାର ଠକେଇ : ହୋମଗାର୍ଡ ଅଟକ

**ଢେଙ୍କାନାଳ, ୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାରେ ନିକଟରେ ଶେଷ ହୋଇଛି ଗୃହରକ୍ଷୀ ନିଯୁକ୍ତି । ଏହି ପରୀକ୍ଷା ଦେଇଥିବା ଭୁବନର ଜଣେ ବ୍ୟକ୍ତିଙ୍କ ଠାରୁ ବାପପୁଅ ମିଶି ଚାକିରି କରାଇଦେବାକୁ କହି ୩୦ ହଜାର ଟଙ୍କା ଠକି ନେଇଛନ୍ତି । ପୁଲିସ ଉଚ୍ଚପଦସ୍ଥ ଅଧିକାରୀଙ୍କ ଘରେ ସୁଇପର ଭାବେ କାର୍ଯ୍ୟକରୁଥିବା ବାପା ଏବଂ ଗୃହରକ୍ଷୀରେ ଥିବା ତାଙ୍କ ପୁଅ ମିଶି ଚାକିରି କରାଇଦେବାକୁ କହି ଏହି ଟଙ୍କା ନେଇଥିଲେ । ଚାକିରି ନହେବାପରେ ସେମାନଙ୍କ ଟଙ୍କା ଫେରାଉନଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି ।

ଭୁବନ ଥାନା ମୁରୁଗା ଗ୍ରାମର ଅଜୟ ନାଏକ ହୋମଗାର୍ଡ ପରୀକ୍ଷା ଦେବା ପରେ ତାଙ୍କୁ ଚାକିରି କରାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ପ୍ରଦୀପ କୁମାର ଜେନା ଏବଂ ତାଙ୍କ ପୁଅ ଅମର ଜେନା । ପ୍ରଦୀପ ଉଚ୍ଚ ପଦାଧିକାରୀଙ୍କ ଘରେ ସୁଇପର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପୁଅ ଅମର ହୋମଗାର୍ଡରେ ଚାକିରି କରୁଛନ୍ତି । ସେମାନେ ଉଚ୍ଚପଦାଧିକାରୀଙ୍କ ସହ କଥାହୋଇ ଚାକିରିରେ ରଖିଦେବେ, ଏଥିପାଇଁ ୧ଲକ୍ଷ ଟଙ୍କା ଦେବାକୁ କହିଥିଲେ । ଏଥିରେ ବିଶ୍ୱାସ କରି ଅଜୟ ଗତ ଜୁନ ୨୬ ତାରିଖରେ ବାପପୁଅକୁ ୩୦ ହଜାର ଟଙ୍କା ଦେଇଥିଲେ । ଚାକିରି ନହେଲେ ଟଙ୍କା ଫେରାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଚାକିରି ନପାଇବା ପରେ ବାରମ୍ବାର ସେମାନଙ୍କ ଘରକୁ ଦୌଡି ଦୌଡି ଟଙ୍କା ଫେରି ପାଉନାହାଁନ୍ତି । ଏଥିରେ ନିରାଶ ହୋଇ ଅଜୟ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ୮୨୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଅମର ନାଏକକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି ।

ଏନେଇ ଶୁକ୍ରବାର ସଂଧ୍ୟା ସାଢେ ୮ ଟାରେ ଟାଉନ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅଭିଯୁକ୍ତ ହୋମଗାର୍ଡ ଅମରକୁ ଅଟକ ରଖାଯାଇଛି । ତାଙ୍କ ବିରୁଦ୍ଧରେ ପ୍ରମାଣ ମିଳିଛି । କିନ୍ତୁ ତାଙ୍କ ବାପା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିନାହିଁ । ଏଥିରେ ଆଉ କାହାର ସଂପୃକ୍ତି ରହିଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି । ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହିପରି ଅନ୍ୟ ଯଦି କେହି ହୋମଗାର୍ଡ ଚାକିରି ପାଇଁ ଟଙ୍କାଦେଇ ହାରାଶ ହୋଇଥାନ୍ତି ଟାଉନ ଥାନାରେ ଅଭିଯୋଗ କରିବା ପାଇଁ ଏସଡିପିଓ ରମେଶ ଦୋରା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ଏଥିରେ ଉପସ୍ଥିତ ଥିଲେ ।

## ମହିଳା ଲୁଟେରା ଗ୍ୟାଙ୍ଗକୁ ଧରିଲା ପୋଲିସ

**ପରଜଙ୍ଗ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରୁ ଏକ ବଡ଼ ଧରଣର ସୁନା ଚୋରି ମହିଳା ଗ୍ୟାଙ୍ଗକୁ ସ୍ଥାନୀୟ ଲୋକେ ଧରି ପରଜଙ୍ଗ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଛତିଶଗଡରୁ ଆସି ଓଡ଼ିଶାର ବିଭିନ୍ନ ଅଂଚଳକୁ ଯାଇ କରୁଥିଲେ ସୁନା ଅଳଙ୍କାର ଲୁଟ । ଯାହାକୁ ନେଇ ଅନିତାଙ୍କର ସନ୍ଦେହଜାତ ହେବାରୁ ସେ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ଆଉ ଏସବୁ ଭିତରେ ସାମ୍ନାକୁ ଆସିଛି ସୁନା ମାଳ ଗୁନ୍ଥିବା ନାଁରେ କିପରି ମହିଳାମାନେ ସୁନା ଅଳଙ୍କାର ଲୁଟ କରୁଥିଲେ । ଯାହାକୁ ନେଇ ଅଭିଯୋଗ ପରେ ଛତିଶଗଡର ୪ ଜଣ ମହିଳାଙ୍କୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଦେଇଛି ପରଜଙ୍ଗ ପୋଲିସ ।

# ବିପଦସଂକୁଳ ଅବସ୍ଥାରେ ଓମଫେଡ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର

**ଗଜପତି, ୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସକାଳେ ହେଲେ ସଭିଙ୍କୁ ଦୁଗ୍ଧର ଅବଶ୍ୟକ ପଡେ । ତେଣୁ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଗୁରୁତ୍ୱ ଦେଇ ସାରା ରାଜ୍ୟରେ କାର୍ଯ୍ୟକ୍ଷମ କରିଛନ୍ତି ଓମଫେଡ କେନ୍ଦ୍ର । ଓମଫେଡ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କ ଠାରୁ ଉଚିତ ମୂଲ୍ୟରେ ଦୁଗ୍ଧ ସଂଗ୍ରହ କରି ସୁଲଭ ମୂଲ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି । ଏକଦା ଲୋକଙ୍କର ଏକ ନିର୍ଭରଶୀଳ ସଂସ୍ଥା ଭାବେ ଗଢି ଉଠିଥିଲା ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରରେ ୧୯୯୩ ମସିହାରେ ଏକ ସ୍ୱତନ୍ତ୍ର ପରିସରରେ ପ୍ରତିଷ୍ଠା ହୋଇଥିଲା ଏହି ଓମଫେଡ ଅନୁଷ୍ଠାନ । ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କ ଠାରୁ ଦୈନିକ ୫ ହଜାର ଲିଟରରୁ ଉର୍ଦ୍ଧ୍ୱ ଦୁଗ୍ଧ ସଂଗୃହୀତ ହୋଇ ଆସୁଥିଲା । ଦୁଗ୍ଧ ସଂଗ୍ରହ ଠାରୁ ପ୍ରକ୍ରିୟାକରଣ କରିବା ପାଇଁ ୨୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ଏଠାରେ ନିୟୋଜିତ ହେଉଥିଲେ । ବର୍ତ୍ତମାନ ତାହା ଦୁଇଜଣ କର୍ମଚାରୀରେ ସୀମିତ ରହିଛ । ବଜାରରେ ମଧ୍ୟ ଓମଫେଡ ଦୁଗ୍ଧର ଯଥେଷ୍ଟ ଚାହିଦା ଓ ଲୋକଙ୍କ ଭରଷା ଯୁକ୍ତ ରହିଥିଲା । ଅନୁରୂପରେ ଗୋପାଳନ ନେଇ ପ୍ରୋତ୍ସାହିତ ହେଉଥିଲେ । ପରବର୍ତ୍ତୀ ସମୟରେ ଘରୋଇ ସଂସ୍ଥାକୁ ପ୍ରୋତ୍ସାହିତ କରାଯିବା ଫଳରେ ସରକାରୀସ୍ତରରେ ଅବହେଳାର ଶିକାର ହେବାରେ ଲାଗିଲା ଏହି ସଂସ୍ଥା । ପ୍ରକ୍ରିୟା କରଣ କେନ୍ଦ୍ର ଓ କାର୍ଯ୍ୟାଳୟ କୋଠା ନଷ୍ଟ ହୋଇଯାଇଥିବା ବେଳେ ବିପଦସଙ୍କୁଳ ଅବସ୍ଥାରେ ରହିଛି କେତେବେଳ ଯେ କ'ଣ ହେବ ତାହା କହିବା ମୁସ୍କିଲ । ସେହିଭଳି ଆସବାବପତ୍ର ସବୁ ଧୀରେ ଧୀରେ କଳଙ୍କି ଲାଗି ନଷ୍ଟ ହେଲାଣି । ଜରାଜୀର୍ଣ୍ଣ ଅବସ୍ଥାରେ କୋଠା ରହିଥିବା ବେଳେ ସମ୍ପୂର୍ଣ୍ଣ ଅଞ୍ଚଳ ଏବେ



ଜଙ୍ଗଲ ଭଳି ପରିବେଶ ସୃଷ୍ଟି ହୋଇଛି । ତଥାପି ସେଠାରେ ପ୍ରକୀୟାକରଣ ଓ ଶୀତଳୀକରଣ କାର୍ଯ୍ୟ ଚାଲୁ ରହିଛି । ଅପରପକ୍ଷରେ ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରିଲା ନାହିଁ । ଯାହା ଫଳରେ ଗତ କିଛି ବର୍ଷମଧ୍ୟରେ ଅନୁଷ୍ଠାନର ଅଧୋଗତି ଘଟି ଦେବାଳିଆ ସ୍ଥିତିକୁ ଗତି କଲାଣି । ପ୍ରୋତ୍ସାହନ ଅଭାବରୁ ଦୁଗ୍ଧ ସଂଗ୍ରହ ୫ହଜାର ଲିଟରରୁ କମି ୫ ଶହ ଲିଟରରେ ପହଞ୍ଚିଛି । ଆନ୍ଧ୍ରରୁ ଗାଡ଼ି ଆସି ଚାଷୀଙ୍କ ଠାରୁ ଅଧିକା ଦାମ ଦେଇ କ୍ଷୀର ସଂଗ୍ରହ କରି ନେଉଥିବା ବେଳେଓମଫେଡ ଜଳକା ହୋଇ ଚାହିଁ ରହୁଛି । ଆନ୍ଧ୍ର କମ୍ପାନୀ ଲିଟର ପିଛା ୬୦ ଟଙ୍କା ଦେଉଥିବା ବେଳେ ଓମଫେଡ ମାତ୍ର ୩୫ ଟଙ୍କା ଦାମ ଦେଉଥିବା ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଇନପାରି ଓମଫେଡ ଠାରୁ ମୁହଁ ଫେରାଉଛନ୍ତି ଚାଷୀ । ବଜାରରେ ଆନ୍ଧ୍ର ଉତ୍ପାଦିତ କ୍ଷୀରର ଦାମ ଲିଟର ପିଛା ୬୦ ଟଙ୍କା ଥିବା ବେଳେ ଓମଫେଡର ଦାମ ଲିଟର ପିଛା ୫୬ ଟଙ୍କା ରହିଛି ଯାହାଚାଷୀଙ୍କ ଠାରୁ କମ ଦାମରେ କ୍ଷୀର ନେଇ ଅଧିକ ଦାମରେ ବିକ୍ରି କରୁଛି ଓମଫେଡ, କିନ୍ତୁ ଆନ୍ଧ୍ର କମ୍ପାନୀ ଅଧିକା ଦାମରେ କ୍ଷୀର କିଣି ମଧ୍ୟ ବଜାରରେ ସମାନ ଦରରେ ବିକ୍ରିକରୁଛି । ତେଣୁ ଜିଲ୍ଲାରେ ଘରୋଇ ଦୁଗ୍ଧ ଉତ୍ପାଦନ କମ୍ପାନୀ ନଥିଲେ ମଧ୍ୟ ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ହୋଇଥିବାରୁ ଆନ୍ଧ୍ରରୁ ବିଶାଖା ଡାଇରି ଓ ହେରିଟେଜ ଭଳି କିଛି ଘରୋଇ କମ୍ପାନୀ ଜିଲ୍ଲାରେ ତାଙ୍କର କାୟା ବିସ୍ତାର କରି ପାରିଛନ୍ତି ।

ଅପରପକ୍ଷରେ ସରକାରୀ ସଂସ୍ଥାର ବିକାଶ ତଥା ବହୁଳ ଭାବରେ ପ୍ରଚାର ପ୍ରସାର ଦିଗରେ ବିଭାଗ ଗୁରୁତ୍ୱ ଦେଉନଥିବାରୁ ଅବହେଳାର ଶିକାର ହେଉଛି ଓମଫେଡ । ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର ଅନୁଦାନ ଦେଉ ନଥିବାରୁ, ରୁଗ୍ଣ ହେଲାଣି ଏହି କେନ୍ଦ୍ରର କୋଠାବାଡ଼ି, ଛାତରୁ ପାଣି ଝରି କଂକ୍ରିଟ ଝଡୁଛି, ଏଠି କାମ କରିବା ସୁରକ୍ଷିତ ନୁହେଁ, ଶୀତଳ ଭଣ୍ଡାର ଅବସ୍ଥା କହିଲେ ନସରେ, କର୍ମଚାରୀ ନିଯୁକ୍ତି ହେଉନାହିଁ, ମାତ୍ର ଦୁଇ ଜଣ ମିଲ୍କ ମେନ ଦ୍ୱାରା ପରିଚାଳିତ ହେଉଛି । ଗତ ୫ ମାସ ହେଲା କର୍ମଚାରୀ ଦରମା ପାଇ ପାରିନାହାନ୍ତି । ବ୍ରହ୍ମପୁର ଓମଫେଡ ଅଧିନରେ ଏହି କେନ୍ଦ୍ର ପରିଚାଳନା ହେଉଥିବା ବେଳେ ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବା ଅଭିଯୋଗ ହୋଇଛି, ଏହାର ପୁନରୁଦ୍ଧାର ହେଲେ ଚାଷୀ ଓ ସାଧାରଣଜନତା ଉପକୃତ ହେବେ ବୋଲି କହିଛନ୍ତି ବୁଦ୍ଧିଜୀବୀ ଓ ଚାଷୀନେତା । ଅନ୍ୟ ପକ୍ଷରେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ଆସିନଥିବା ଅନୁଦାନ ଅଭାବରୁ ମରାମତି କିମ୍ବା ଉଦ୍ଧାର ହୋଇ ପାରିନଥିବା ଗତ ୨୦୦୬ ମସିହା ଠାରୁ କୌଣସି ଅନୁଦାନ ଆସିନାହିଁ । ଗତ ତିତିଲି ମହାବାତ୍ୟାରେ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଥିଲା ସେଥିରେ ବି କିଛି ଅନୁଦାନ ମିଳିଲାନି, ବାରମ୍ବାର ଏ ସମ୍ପର୍କରେ ଅବଗତ କରାଯାଇଛି କୌଣସି ସୁଫଳ ମିଳିନଥିବା ବ୍ରହ୍ମପୁର ଓମଫେଡର ସାଧାରଣ ପରିଚାଳକ କୁମୁଦ ଚନ୍ଦ୍ର ପାଢୀ ।

**ଏବେ ଘରେ ଘରେ ଚାରିଚକିଆ ଗାଡ଼ି, ଏଥି ସହିତ ଗମନାଗମନ ମଧ୍ୟ ସହଜ ହୋଇଛି । ବାଲିଯାତ୍ରା ଦେଖିବା ପାଇଁ କଟକ ବାହାରୁ ଲୋକେ ମଧ୍ୟ ଆସୁଛନ୍ତି । ପ୍ରତିବର୍ଷ ଦେଖାଯାଏ ସନ୍ଧ୍ୟା ସମୟରେ ହିଁ ଭିଡ଼ ବଢ଼ିଥାଏ । ସେ ଭିଡ଼କୁ କିଭଳି ନିୟନ୍ତ୍ରଣ କରିହେବ ସେ ଦିଗ ପ୍ରତି ପୁଲିସ ପ୍ରଶାସନ ସଚେତନ ହେବା ଉଚିତ୍ ଥିଲା । କିଛି କିଛି ଖାଲି ସ୍ଥାନ ମଧ୍ୟ ରଖାଯାଇପାରିଥାନ୍ତା, ଯାହାଫଳରେ ଭିଡ଼ ଅଣାୟତ୍ତ ହେଲେ ଲୋକଙ୍କୁ ସେଇ ଖାଲି ସ୍ଥାନକୁ ନେଇଯାଇ ହୋଇଥାନ୍ତା, ଭିଡ଼ର ସାନ୍ଦ୍ରତା କମାଇବା ପାଇଁ । ଅଧିକାଂଶ ସ୍ଥାନରେ ଖାଲି ଜାଗାଗୁଡ଼ିକ ଭିଆଇପିଙ୍କ ଗାଡ଼ି ପାର୍କିଂ ପାଇଁ କିମ୍ବା ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ ଭାବରେ ବ୍ୟବହାର କରାଯାଏ ।**

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୬ ନଭେମ୍ବର ୨୦୨୫ | ରବିବାର

**ଓଡ଼ିଶା ଏକ୍ସପ୍ରେସ୍**

## ଭିଡ଼ ପରିଚାଳନା ସବୁଠୁ ଗୁରୁତ୍ୱପୂର୍ଣ୍ଣ

ଦିନକୁ ଦିନ ଭିଡ଼ ବଢ଼ୁଛି ମେଳା-ମହୋତ୍ସବମାନଙ୍କରେ । ପର୍ବପର୍ବାଣି ଦିନମାନଙ୍କରେ ତ ଦେବାଳୟଗୁଡ଼ିକରେ ଅସମ୍ଭାଳ ଭିଡ଼ ହେଉଛି । ସବୁପ୍ରକାର ପୂର୍ବ ପ୍ରସ୍ତୁତି ଥାଇ ମଧ୍ୟ ବେଳେବେଳେ ପୁଲିସ ପ୍ରଶାସନ ଭିଡ଼କୁ ନିୟନ୍ତ୍ରଣ କରିପାରୁନାହିଁ ଅନେକ ଜାଗାରେ ।

ଗତ ବାଲିଯାତ୍ରାର ଶେଷଦିନରେ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ଦେଖିବା ଏବଂ ତାଙ୍କ ଗୀତ ଶୁଣିବା ପାଇଁ ଲୋକଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖାଦେଇଥିଲା । ସମସ୍ତେ ଚାହିଁଥିଲେ ମଞ୍ଚ ପାଖକୁ ଯିବାକୁ । ଏଇ କାରଣରୁ ଠେଲାପେଲାରେ କିଛିଲୋକ ଆହତ ହୋଇଥିଲେ ତଳେ ପଡ଼ିଯିବା କାରଣରୁ ।

ଶ୍ରେୟାଙ୍କ ଶୋ'ରେ ଦଳାଚକଟା ସ୍ଥିତି ପ୍ରସଙ୍ଗରେ ଡିଜି ତାଙ୍କ ବୟାନରେ କହିଛନ୍ତି- ଯେଉଁ ସମୟରେ ପର୍ବପର୍ବାଣି ଏବଂ ମେଳା ମହୋତ୍ସବ ଥାଏ ସେଇ ସମୟରେ ମେଗା ତାରକାଙ୍କୁ ଡାକିବା କଥା କି ନୁହେଁ, ସେ ସମ୍ପର୍କରେ ଆୟୋଜକମାନେ ଚିନ୍ତା କରିବା କଥା ।

ଏଇଠି ଯେକୌଣସି ଲୋକର ମନରେ ପ୍ରଶ୍ନ ଉଠିପାରେ- ପ୍ରଶାସନ ମଧ୍ୟ ଚିନ୍ତା କରିବା ଉଚିତ୍, ସେମାନେ ଭିଡ଼ ପରିଚାଳନା କରିପାରିବେ କି ନାହିଁ? ଯାତ୍ରାର ଗହଳି ସହିତ ଶ୍ରେୟାଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ଆସୁଥିବା ଲୋକଙ୍କୁ ମିଶାଇଲେ ଭିଡ଼ ଅନିୟନ୍ତ୍ରିତ ହୋଇପାରେ- ଏହାକୁ ଲକ୍ଷ୍ୟ କରି ପ୍ରଶାସନ ବାଲିଯାତ୍ରା ଅବସରରେ, ପୁଣି ଶେଷ ଦିନରେ ଏଭଳି ଏକ ମେଗା ଶୋ'କୁ ଅନୁମତି ଦେବା ଉଚିତ୍ ନଥିଲା । ଆୟୋଜକମାନେ କ'ଣ ଏ ନିଷ୍ପତ୍ତି ନେଇପାରିବେ? ପ୍ରଶାସନର ସବୁଜ ସଂକେତ ନଥିଲେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଥାନ୍ତା କି?

ବାଲିଯାତ୍ରା ପଡ଼ିଆର ଆୟତନ ସମାନ ରହିଛି, କିନ୍ତୁ ଭିଡ଼ ଦିନକୁ ଦିନ ବଢ଼ୁଛି । ଗାଡ଼ି ମଟର ସଂଖ୍ୟା ମଧ୍ୟ ବଢ଼ୁଛି । ଅନେକ ସମୟରେ, ଅନେକ ଜାଗାରେ ଭିଆଇପିଙ୍କ ଗାଡ଼ିକୁ କାର୍ଯ୍ୟକ୍ରମସ୍ଥଳି ନିକଟକୁ ଯିବାର ଅନୁମତି ଦିଆଯାଇଥାଏ । ଏଇ କାରଣରୁ ମଧ୍ୟ ବେଳେବେଳେ ସମସ୍ୟା ଉପୁଜିଥାଏ। ଭିଆଇପିଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି । ସେମାନଙ୍କ ପାଇଁ ଯେଉଁ ପାର୍କିଂ ବ୍ୟବସ୍ଥା କରାଯାଇଥାଏ ସେଥିପାଇଁ ମଧ୍ୟ ମେଳା ପରିସର ସଂକୁଚିତ ହୋଇଥାଏ ।

ସବୁଠୁ ବଡ଼ କାରଣଟି ହେଲା- ଆମ ଦେଶର ଏବଂ ରାଜ୍ୟର ଲୋକେ ଶୃଙ୍ଖଳିତ ନୁହଁନ୍ତି । ସବୁବେଳେ ନିୟମର ଉଲ୍ଲଂଘନ କରିଥାନ୍ତି ଏମାନେ । ଜରିମାନା ଭୟ ନଥିଲେ ଏମାନେ ଅଧିକ ବିଶୃଙ୍ଖଳିତ ହୋଇପଡ଼ନ୍ତି । ହେଟ୍‌ମେଟ ନ ପିନ୍ଧିଲେ ଜରିମାନା ଗଣିବାକୁ ପଡ଼ିବ- ଏଇ ଭୟରେ ହିଁ ଲୋକେ ହେଲମେଟ୍ ପିନ୍ଧିଥାନ୍ତି, ଏହା ଯେ ସେମାନଙ୍କର ସୁରକ୍ଷା କବଚ ଏକଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ ।

ଭିଡ଼ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଯେଉଁମାନଙ୍କୁ ଭିଡ଼ ପରିଚାଳନା ଦାୟିତ୍ୱ ଦିଆଯାଇଥାଏ ସେମାନେ ପ୍ରଥମେ ଦେଖିବା ଉଚିତ୍ କେତେ ଆୟତନ ଭିତରେ ମେଳା ବା ଯାତ୍ରା ଅନୁଷ୍ଠିତ ହେଉଛି । ଏତିକି ଆୟତନ ଭିତରେ କେତେ ଲୋକଙ୍କୁ ସ୍ୱଚ୍ଛନ୍ଦ ଭାବରେ ରଖାଯାଇପାରିବ । ଯାତ୍ରା ଶେଷ ଆଡ଼କୁ ଭିଡ଼ ନିଶ୍ଚେ ବଢ଼ିବ । ଏକଥା ପୁଲିସ ପ୍ରଶାସନ ଗୁରୁତ୍ୱ ଦେବା ଉଚିତ୍ ଥିଲା । ତେଣୁ ଭିଡ଼କୁ ଲକ୍ଷ୍ୟ କରି ଶେଷଦିନ ଅଧିକ ସତର୍କ ରହିବା ମଧ୍ୟ ଉଚିତ୍ ଥିଲା, ଯେତେବେଳେ କି ଏକ ମେଗା କାର୍ଯ୍ୟକ୍ରମର ଆୟୋଜନ ହେଉଛି ବୋଲି ପ୍ରଶାସନ ଜାଣିଥିଲା ।

ଏବେ ଘରେ ଘରେ ଚାରିଚକିଆ ଗାଡ଼ି, ଏଥି ସହିତ ଗମନାଗମନ ମଧ୍ୟ ସହଜ ହୋଇଛି । ବାଲିଯାତ୍ରା ଦେଖିବା ପାଇଁ କଟକ ବାହାରୁ ଲୋକେ ମଧ୍ୟ ଆସୁଛନ୍ତି । ପ୍ରତିବର୍ଷ ଦେଖାଯାଏ ସନ୍ଧ୍ୟା ସମୟରେ ହିଁ ଭିଡ଼ ବଢ଼ିଥାଏ । ସେ ଭିଡ଼କୁ କିଭଳି ନିୟନ୍ତ୍ରଣ କରିହେବ ସେ ଦିଗ ପ୍ରତି ପୁଲିସ ପ୍ରଶାସନ ସଚେତନ ହେବା ଉଚିତ୍ ଥିଲା । କିଛି କିଛି ଖାଲି ସ୍ଥାନ ମଧ୍ୟ ରଖାଯାଇପାରିଥାନ୍ତା, ଯାହାଫଳରେ ଭିଡ଼ ଅଣାୟତ୍ତ ହେଲେ ଲୋକଙ୍କୁ ସେଇ ଖାଲି ସ୍ଥାନକୁ ନେଇଯାଇ ହୋଇଥାନ୍ତା, ଭିଡ଼ର ସାନ୍ଦ୍ରତା କମାଇବା ପାଇଁ । ଅଧିକାଂଶ ସ୍ଥାନରେ ଖାଲି ଜାଗାଗୁଡ଼ିକ ଭିଆଇପିଙ୍କ ଗାଡ଼ି ପାର୍କିଂ ପାଇଁ କିମ୍ବା ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ ଭାବରେ ବ୍ୟବହାର କରାଯାଏ । କିନ୍ତୁ ଏକଥାକୁ ମଧ୍ୟ ଅସ୍ୱୀକାର କରିହେବନି ଯେ ଲୋକେ ଯଦି ବିଶୃଙ୍ଖଳିତ ହେବେ ତାହେଲେ ଭିଡ଼ ପରିଚାଳନା କେବେବି ସମ୍ଭବ ହେବନାହିଁ ।

## ଟିକସ ଯୁଦ୍ଧ ବନାମ ମିଶନ ଟ୍ରମ୍ପ



**ମୂଲ୍ୟବୋଧ**

**ଅରବିନ୍ଦ ରାଉତରାୟ**

ଭାରତ ବିରୋଧରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଅର୍ଥନୈତିକ ଯୁଦ୍ଧ ଘୋଷଣା ମନୋବୃତ୍ତି ଥମିବାର ନାହିଁ । ପାକିସ୍ଥାନ ସହ ଯୁଦ୍ଧବିରତି ଚାପରେ ସଫଳ ହେବା ପରେ ହ୍ୱାଇଟ୍ ହାଉସ୍ ଭାରତ-ଋଷ ସଂପର୍କରେ ପାଣି ପକାଇବା ପାଇଁ ଅର୍ଥନୈତିକ କଟକଣା ଲାଗୁ କରିଚାଲିଛି । ଭାରତୀୟ ରପ୍ତାନୀ ବାଣିଜ୍ୟ ଉପରେ ପ୍ରଥମ ପର୍ଯ୍ୟାୟରେ ପଚିଶ ଶତାଂଶ ଶୁଳ୍କ ଲଗାଇ କିଛିଦିନ ମହଲତ ଦେବା ପରେ ଅଗଷ୍ଟ ୨୮ରୁ ଆଉ ପଚିଶ ପ୍ରତିଶତ ଶୁଳ୍କ ବୋଝ ଲଦି ଦେଇଛନ୍ତି । ଟ୍ରମ୍ପଙ୍କ ଏହି ବିରୋଧାଭାବ ଆମେରିକାରେ ଭାରତୀୟ ସାମଗ୍ରୀ ଦରକୁ ପ୍ରାୟ ଚଉଷଠି ପ୍ରତିଶତ ବଢାଇ ଦେଇଛି । ପାରମାଣବିକ ଯୁଦ୍ଧ ଠାରୁ ଅର୍ଥନୈତିକ ଯୁଦ୍ଧ ଯେ ଭୟଙ୍କର ତାହା ସେ ପ୍ରମାଣ କରି ଦେଇଛନ୍ତି ବିଶ୍ୱବାସୀଙ୍କ ଆଗରେ । ପରମାଣୁ ଯୁଦ୍ଧରେ ମାନବ ସଭ୍ୟତା ଲୋପ ପାଇଯିବ ସିନା, ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥନୈତିକ ଅଭିବୃଦ୍ଧି ତା'ର ପୁନଃଜାଗରଣ କରାଇବାରେ ସମର୍ଥ ହୋଇଯିବ । ଜାପାନର ହିରୋସୀମା ଓ ନାଗାସାକି ଏହାର ବଳିଷ୍ଠ ଉଦାହରଣ ହୋଇପାରେ । ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା ଭାରତ ବିରୋଧରେ ଦାଉ ସାଧିବାର ମୁଖ୍ୟତଃ ଦୁଇଟି କାରଣ ହୋଇପାରେ । ୟୁକ୍ରେନ୍-ଋଷ ଯୁଦ୍ଧ ଓ ପରବର୍ତ୍ତୀ ସମୟରେ ଇସ୍ରାଏଲ ବିରୋଧରେ ଇରାନକୁ ଋଷର ସମର୍ଥନ ଆମେରିକା ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥିଲା । ଋଷର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିବା ଆଶାରେ ଟ୍ରମ୍ପ ତୈଳ ଆମଦାନୀ ଭଳି ବୃହତ କଟକଣା ଲାଗୁ କରିଥିଲେ । ବିଶ୍ୱର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ହ୍ୱାଇଟ୍‌ହାଉସ୍‌ର ଅର୍ଥନୈତିକ କଟକଣାକୁ ଖାତିର ନକରି ଋଷ ସହିତ ବାଣିଜ୍ୟିକ ସମ୍ପର୍କ ବଢାଇବାରେ ଲାଗିଥିଲା । ଋଷ ସହ ଭାରତର ସଂପର୍କ ପୂର୍ବରୁ ଭଲ ଥିଲା ଓ ରାଷ୍ଟ୍ରପତି ପୁତିନ୍ ମଧ୍ୟ ତାହାକୁ ଅଧିକ ସୁଦୃଢ଼ କରିବା ପ୍ରକ୍ରିୟାକୁ ଆମେରିକା ହଜମ କରିପାରି ନଥିଲା । ଋଷ ଓ ଚୀନ ଆମେରିକାର ପାରମ୍ପରିକ ଶତ୍ରୁ ଥିଲେ ଓ ରହିଛନ୍ତି ମଧ୍ୟ ।

୨୦୨୦ରେ ଭାରତ ଆଭ୍ୟନ୍ତରୀଣ ଆବଶ୍ୟକତାର ମାତ୍ର ଦୁଇ ପ୍ରତିଶତ ଅଶୋଧିତ ତୈଳ ଋଷରୁ ଆମଦାନୀ କରୁଥିବା ବେଳେ ଆମେରିକୀୟ କଟକଣା ସତ୍ତ୍ୱେ ୨୦୨୫ରେ ତାହା ୩୫ ପ୍ରତିଶତରେ ପହଞ୍ଚିଛି । ଅତ୍ୟଧିକ ଉତ୍ପାଦିତ ତୈଳକୁ ଗଚ୍ଛିତ ରଖିବାରେ ଅସମର୍ଥ ହୋଇ ଋଷ ଭାରତକୁ ଶାଗ ମାଛ ଦରରେ ବିକ୍ରି କରିବାକୁ ପାଶୋରି ନଥିଲା । ମାତ୍ର ପାଞ୍ଚରୁ ପଚିଶ ଡଲାର ଦରରେ ଅଶୋଧିତ ତୈଳ ଯୋଗାଇ ଋଷ ଭାରତକୁ ପ୍ରଭୂତ ଆର୍ଥିକ ଫାଇଦା ପହଞ୍ଚାଇ ଥିଲା । ଅବଶ୍ୟ ସେହି ଫାଇଦାର ମୁଖ୍ୟ ଭାଗ୍ୟଦାରୀ ହୋଇଥିଲେ ଦେଶର ଦୁଇ ଘରୋଇ ବୃହତ ତୈଳ କମ୍ପାନୀ । ରାଷ୍ଟ୍ରାୟ ଇଣ୍ଡିଆନ ଅଏଲ ଓ ଭାରତ ପେଟ୍ରୋଲିୟମ ଯେ ବିପୁଳ ଆର୍ଥିକ ଫାଇଦା ପାଇନାହାନ୍ତି ତାହା କହିବା ଠିକ୍ ହେବ ନାହିଁ । ସରକାରୀ ଓ ବେସରକାରୀ ଉଭୟ ତୈଳ କ୍ଷେତ୍ର ଅସୀମିତ ଆର୍ଥିକ ସୁବିଧା ଉପଭୋଗ କରିଥିବାବେଳେ ଦେଶବାସୀଙ୍କୁ ସେଥିରୁ କାଣିଚାଏ ମିଳି ନଥିଲା । ତା'ର ବଳିଷ୍ଠ ଉଦାହରଣ ହେଲା ବର୍ଦ୍ଧିତ ପେଟ୍ରୋଲ ଓ ଡିଜେଲ ଦର । ଲିଟର ପିଛା ଶହେ ଟଙ୍କାରୁ ତଳକୁ ଖସିବାକୁ ନା ଧରୁନାହିଁ । ଏଥିରେ ଆମେରିକାର ଯାଏ କେତେ ନା ଆସେ କେତେ । କଥା ହେଉଛି ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧରେ ଦେଶବାସୀ ପ୍ରତ୍ୟକ୍ଷ ଓ ପରୋକ୍ଷରେ କ୍ଷତିଗ୍ରସ୍ତ । ମାତ୍ର ଫାଇଦା ପହଞ୍ଚାଇଲା ଘରୋଇ ଶିଳ୍ପପତିଦ୍ୱୟ ଓ ରାଷ୍ଟ୍ରାୟ ତୈଳ କ୍ଷେତ୍ରକୁ । ଏ କ୍ଷେତ୍ରରେ ସରକାର ରାଷ୍ଟ୍ରହିତ ପ୍ରତି କେତେ ସଚେତନ ତାହା ଦେଶବାସୀଙ୍କୁ ଭଲ ଭାବେ ଜଣା ।

ଟ୍ରମ୍ପ ଯେ କେବଳ ଭାରତ ଉପରେ ଅର୍ଥନୈତିକ ଦାଉ ସାଜିଛନ୍ତି ତାହା ନୁହେଁ, ପଡ଼ୋଶୀ ଚୀନକୁ ସେଥିରୁ ବାଦ୍ ଦେଇନାହାନ୍ତି । ହେଲେ ବିଶ୍ୱର ଦ୍ୱିତୀୟ ଅର୍ଥନୈତିକ ଶକ୍ତି ବେଇଜିଂ ପ୍ରତି ମନୋଭାବରେ କୋହଳ କରି ଶୁଳ୍କ ଯୁଦ୍ଧକୁ ତିନିମାସ ମହଲତ ଦେଇଛନ୍ତି । ଏଣେ ବ୍ରିକ୍ସ ରାଷ୍ଟ୍ରସମୂହର ଅନ୍ୟତମ ସହଯୋଗୀ ବ୍ରାଜିଲ ଭାରତ ପ୍ରତି ସମର୍ଥନ ଜଣାଉଥିବାରୁ ସେ ରାଷ୍ଟ୍ର ଟ୍ରମ୍ପଙ୍କ ବାଣିଜ୍ୟିକ କୋପ ଦୃଷ୍ଟିରୁ ବାଦ୍ ପଡିବାରେ ଅସଫଳ ହୋଇଛି । ବ୍ରାଜିଲ ଉପରେ ମଧ୍ୟ ଭଲ ରକମର ଶୁଳ୍କ ଘୋଷଣା କରିଛି ହ୍ୱାଇଟ୍ ହାଉସ । ସମଗ୍ର ବିଶ୍ୱରେ ନିଜ ପତିଆରା ଜାହିର କରି ରଖିବା ପାଇଁ ଭାରତ-ଋଷ ସଂପର୍କକୁ ଛିନ୍ନ କରିବାରେ ଟ୍ରମ୍ପ ଦୃଢ଼ ପରିକର । କେବଳ ସେତିକି ନୁହେଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ମଧ୍ୟ ଆମେରିକା ସହଜରେ ହଜମ କରିପାରୁ ନାହିଁ । ବିଶ୍ୱର ଆର୍ଥିକ ଶକ୍ତି ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଚାଲିଯିବା ସ୍ଥିତିକୁ ଟ୍ରମ୍ପ ଗ୍ରହଣ କରିପାରୁନାହାନ୍ତି । ଯେଉଁ ପାଶ୍ଚାତ୍ୟ ଶାସକ ପ୍ରଥମ ରାଷ୍ଟ୍ରମୁଖ୍ୟ ପାଳିରେ ଭାରତ ଆସି ନୂଆଦିଲ୍ଲୀର ଆତିଥ୍ୟକୁ ସାଦରେ ଗ୍ରହଣ କରିଥିଲେ ଓ ବିଗତ ଏଗାରବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାତଥର ଆମେରିକା ଗସ୍ତରେ ଯାଇ 'ଅବ୍‌କି ବାର୍-ଟ୍ରମ୍ପ ସରକାର' ନାରା ଦେବାକୁ ପଛାଇ ନଥିଲେ, ଆଜି ସେ ପ୍ରସ୍ତୁତ ହେଉଛନ୍ତି 'ମିଶନ ଟ୍ରମ୍ପ' ପାଇଁ । ଟ୍ରମ୍ପଙ୍କ ଭାରତ ବିରୋଧୀ ମନୋଭାବ ଆମେରିକା ପାଇଁ କ୍ଷତିକାରକ ହେଲେ ସୁଦ୍ଧା ନିଜ ଜିଦ୍‌ରୁ ହଟିବାକୁ ସେ ନାରାଜ । ପରିସ୍ଥିତି ଏପରି ହେଲାଣି ଯେ ଆମେରିକୀୟ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ପ୍ରଜ୍ଞା ନିଯୁକ୍ତିକୁ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇସାରିଲେଣି । ତାଙ୍କ ମତରେ ପ୍ରବାସୀ ଭାରତୀୟଙ୍କ ଆର୍ଥିକ ଅଭିବୃଦ୍ଧିରେ ଆମେରିକାର କି ଫାଇଦା? ପ୍ରଯୁକ୍ତି କଂପାନୀରେ କେବଳ ଆମେରିକୀୟଙ୍କୁ ନିଯୁକ୍ତି ଦେବାକୁ ସେ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଦେଇଛନ୍ତି । ଆମେରିକା ମାଟିରେ ଭାରତୀୟ ମାନବ ସମ୍ବଳ ଯେ ଅର୍ଥନୀତି ଦୃଷ୍ଟିରୁ ଗ୍ରହଣୀୟ ତାହା ଟ୍ରମ୍ପ ସରକାର ପାଶୋରି ଯାଉଛନ୍ତି । ଭାରତୀୟଙ୍କ ନିଯୁକ୍ତି ଟେକ୍ କମ୍ପାନୀର ଉତ୍ପାଦନ ଖର୍ଚ୍ଚ କମାଇବାରେ ଯେ ସିଦ୍ଧହସ୍ତ ହ୍ୱାଇଟ୍ ହାଉସ୍ ଉପଲବ୍ଧି କରି ମଧ୍ୟ ନ ଜାଣିବାର ଅଭିନୟ କରୁଛି । ଡିଜିଟାଲ ଟେକ୍ନୋଲୋଜି କ୍ଷେତ୍ରରେ ବିଶ୍ୱରେ ଆମେରିକାକୁ ସ୍ୱତନ୍ତ୍ର ସ୍ଥାନ ଦେବାରେ ଭାରତୀୟ ଇଞ୍ଜିନିୟର କୁଶଳୀ କର୍ମଚାରୀଙ୍କ ଅବଦାନ ରହିଛି । ସମଗ୍ର ବିଶ୍ୱ ଏହାକୁ କେବେବି ଅସ୍ୱୀକାର କରିପାରିବ ନାହିଁ ।

ଆଜିର ଭାରତ ନବେଦଶକର ରାଷ୍ଟ୍ର ହୋଇ ରହିନାହିଁ । ଆମେରିକୀୟ ଚାପରେ ଚୁପ୍ ବସିବା ଅର୍ଥ ନୁହେଁ ଯେ ପାଶ୍ଚାତ୍ୟ ରାଷ୍ଟ୍ରର ଅନ୍ୟାୟକୁ ମୁଣ୍ଡ ପାତି ମାନିନେବା । ଆମେରିକୀୟ ଚାପର କଡ଼ା ଜବାବ ସ୍ୱରୂପ 'ମିଶନ ଟ୍ରମ୍ପ' ପ୍ରକ୍ରିୟା ଆରମ୍ଭ ହୋଇଛି । ମିଶନର ପ୍ରଥମ ପର୍ଯ୍ୟାୟରେ ଭାରତରେ କାର୍ଯ୍ୟରତ ଗୁଗୁଲ, ଆମାଜନ, ଆପଲ ଓ ମେଟା ଭଳି ବୃହତ ଡିଜିଟାଲ କମ୍ପାନୀ ଉପରେ ନୂଆଦିଲ୍ଲୀ 'ଡିଜିଟାଲ ଟିକସ' ଲାଗୁ ଆରମ୍ଭ କରିଛି । ଆମାଜନ ଉପରେ ଦୁଇ ପ୍ରତିଶତ ଗୁଗୁଲ ଓ ମେଟା ଉପରେ ଛଅ ପ୍ରତିଶତ ଟିକସ ଲାଗୁ ଘୋଷଣା କରିଛି । ବିନା ପଞ୍ଜୀକୃତ କାର୍ଯ୍ୟାଳୟରେ ଭାରତରେ ବ୍ୟବସାୟ କରି ହଜାର ହଜାର କୋଟି ଡଲାର ଆମେରିକୀୟ ମୁଖ୍ୟାଳୟକୁ ପଠାଉଥିବା ବ୍ୟାବସାୟିକ ସଂସ୍ଥା ଏଣିକି ଡିଜିଟାଲ ଟିକସ ଭରିବାକୁ ବାଧ୍ୟ । ଏ କ୍ଷେତ୍ରରେ କୋହଳ ମନୋଭାବର ପ୍ରଶ୍ନ ନାହିଁ । ମିଶନ ଟ୍ରମ୍ପର ଏହି ପ୍ରଥମ ପଦକ୍ଷେପ ଯେ କେବଳ ହ୍ୱାଇଟ୍ ହାଉସ ପର୍ଯ୍ୟନ୍ତ ଭାରତୀୟ ଦୃଢ଼ ମନୋଭାବର ବାର୍ତ୍ତା ଦେବ ତାହା ନୁହେଁ, ସମଗ୍ର ବିଶ୍ୱ ପାଇଁ ଏକ ସୁଦୃଢ ବାର୍ତ୍ତାର ରୂପ ନେଇଛି । ଜାପାନ, ଫ୍ରାନ୍ସ ଭଳି ରାଷ୍ଟ୍ର ଏ କ୍ଷେତ୍ରରେ ଭାରତର ପଦାଙ୍କ ଅନୁସରଣ କରିବାର ପଥ ଉନ୍ମୁକ୍ତ ହୋଇଯାଇଛି । ସମଗ୍ର ବିଶ୍ୱରେ ଆମେରିକୀୟ କମ୍ପାନୀ ଏଣିକି ବିନା ଶୁଳ୍କରେ ବେପାର ବଣିଜ କରିବା ଅସମ୍ଭବ ।

ମିଶନର ଦ୍ୱିତୀୟ ପଦକ୍ଷେପ ହେଲା ଫର୍ମାସ୍ୟୁଟିକାଲ କ୍ଷେତ୍ର । ଭାରତ ଆମେରିକାକୁ ଔଷଧ, କଞ୍ଚାମାଲ ଓ ସର୍ଜିକାଲ ଯନ୍ତ୍ରପାତି ରପ୍ତାନୀ କରି ଆମେରିକୀୟ ଔଷଧ ଶିଳ୍ପର ସଂଜୀବନୀ ପାଲଟିଥିଲା । ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧରେ ଏହି ଅତ୍ୟାବଶ୍ୟକ କ୍ଷେତ୍ର ଏକ ପ୍ରକାର ଠପ୍ ହୋଇଯାଇଛି । ଯାହା ଯେଉଁଠି କାଁ-ଭାଁ ବେପାର ବଣିଜ ଓ ଉତ୍ପାଦନ ଚାଲିଛି ତାହାକୁ ଭାରତ ଯୋଗାଣ ବନ୍ଦ ମାଧ୍ୟମରେ ସଂପୂର୍ଣ୍ଣ ଅଚଳ କରିଦେବାର ଯୋଜନା କରୁଛି । ଆମେରିକା ବାଧ୍ୟ ହୋଇ ଏହି ସମ୍ବେଦନଶୀଳ କ୍ଷେତ୍ରର ଉତ୍ପାଦନ ଜାରି ରଖିବାକୁ ଅନ୍ୟ ଦେଶ ଉପରେ ନିର୍ଭର କରିବ । ଏଣେ ଭାରତ ଫର୍ମା ହବ୍ ପ୍ରତିଷ୍ଠା କରି ବନ୍ଧୁ ରାଷ୍ଟ୍ର ସମୂହକୁ ଶସ୍ତାଦରରେ ଜେନେରିକ ମେଡିସିନ୍ ଯୋଗାଇବା ଲାଗି ଉଦ୍ୟମ ଜାରି ରଖିଛି । ସ୍ୱାସ୍ଥ୍ୟ ସେବା ଭଳି ଅତ୍ୟାବଶ୍ୟକ ଓ ଜରୁରୀ କ୍ଷେତ୍ରର ଅଚଳାବସ୍ଥା ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧକୁ ପ୍ରଭାବିତ କରିବାର ଯୋଜନା ମିଶନ ଟ୍ରମ୍ପର ଅନ୍ତର୍ଭୁକ୍ତ କରାଯାଉଛି । ଇତିମଧ୍ୟରେ ଆମେରିକା ନିଜର ଅସହ୍ୟ ବିରୋଧୀ ମନୋଭାବରେ ପରିବର୍ତ୍ତନ ନ ଆଣିଲେ ପରିଣତ ଭୟାବହ ହେବାର ଧମକ ଋଷ ଦେଇସାରିଲାଣି । ଏ କ୍ଷେତ୍ରର ପରିବେଶ ଓ ପରିସ୍ଥିତି ଯେ ଆଗକୁ କେଉଁ ଦିଗ ନେବ ତାହା ସମୟ ହିଁ କହିବ । ତେବେ ସେ ଯାହା ହେଉ ନା କାହିଁକି ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ କୂଟନୀତିରେ ଭାରତୀୟ ରପ୍ତାନୀ କ୍ଷେତ୍ର ବିଶେଷ ପ୍ରଭାବିତ ହୋଇଛି । ଭାରତୀୟ ସାମଗ୍ରୀ ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଆମେରିକୀୟ ବଜାରେ ଚାହିଦା ଦ୍ରୁତ ନିମ୍ନମୁଖୀ ହେବାର ଆଶଙ୍କାରେ ନୂତନ ଅର୍ଡର ଏକପ୍ରକାର ଠପ୍ ହୋଇଯାଇଛି । ଚାହିଦା ହିଁ ଯୋଗାଣର ମାପକାଠି ହୋଇଥିବାରୁ ତାମିଲନାଡୁସ୍ଥିତ କପଡ଼ା ଶିଳ୍ପ ଉତ୍ପାଦନ ବନ୍ଦ କରି ଦେଇଛନ୍ତି । ପ୍ରତିବର୍ଷ ଓଡ଼ିଶାରୁ ରପ୍ତାନୀ ହେଉଥିବା ବାଇଶ ହଜାର କୋଟି ଟଙ୍କାର 'ସି ଫୁଡ୍' ବନ୍ଦ ଅବସ୍ଥାରେ ପହଞ୍ଚିଛି । ଓଡ଼ିଶାର ରପ୍ତାନୀ ବାଣିଜ୍ୟ ଇଣ୍ଡୋନେସିଆ ଓ ଭିଏତନାମ ଭଳି ଦେଶ ହାତକୁ ଚାଲିଯିବାର ଆଶଂକା ରହିଛି । ଫର୍ମା କମ୍ପାନୀ ପ୍ରାରମ୍ଭିକ ଶ୍ରମିକ ଛଟେଇ ଆରମ୍ଭ କରିବାକୁ ବାଧ୍ୟ ହେଉଛନ୍ତି । ଏହି ପ୍ରକ୍ରିୟାରେ ଉଭୟ ଦେଶ ମଧ୍ୟରେ ଗତବର୍ଷ ହୋଇଥିବା ୧୨୯ ବିଲିଅନ ଡଲାରର କାରବାର ବନ୍ଦ ଅବସ୍ଥାକୁ ଚାଲିଯାଇଛି । ଆମେରିକା ଗତବର୍ଷ ଭାରତକୁ ୪୨ ବିଲିଅନ ଡଲାର ରପ୍ତାନୀ କରିଥିବା ବେଳେ ୮୭ ବିଲିଅନ ଡଲାରରୁ ଉର୍ଦ୍ଧ୍ୱ ଆମଦାନୀ କରିଥିଲା । ହ୍ୱାଇଟ୍ ହାଉସର ଏହି ଶୁଳ୍କ ଯୁଦ୍ଧ ଭାରତର ବାଣିଜ୍ୟିକ ନିଅ ବୃଦ୍ଧି ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାର ଆଶଙ୍କା ରହିଛି । ତେବେ ଏ କ୍ଷେତ୍ରର ସ୍ଥିତାବସ୍ଥା ଯେ ଭାରତର ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପିକୁ ପ୍ରଭାବିତ ନ କରିବ, ସେ ଗ୍ୟାରେଣ୍ଟି କିଏ ଦେବ? ରପ୍ତାନୀ ଶିଳ୍ପ କ୍ଷେତ୍ରର ଉତ୍ପାଦନ ହ୍ରାସ ବେକାରୀ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ମଧ୍ୟ ସ୍ୱାଭାବିକ । ମିଶନ ଟ୍ରମ୍ପରେ ଭାରତ ଆମେରିକା ସହ ଏକ କୂଟନୈତିକ ଖେଳ ଆରମ୍ଭ କରିଛି । ଆମେରିକାର ଘନିଷ୍ଠ ବନ୍ଧୁ ରାଷ୍ଟ୍ର ଇସ୍ରାଏଲ ସହ କୂଟନୈତିକ ସମ୍ପର୍କ ବୃଦ୍ଧି ଏହି ପ୍ରକ୍ରିୟାର ଅଂଶବିଶେଷ ।

*ସିଡିଏ, ସେକ୍ଟର-୬, କଟକ,*
*ମୋ- ୯୪୩୭୧୩୪୪୦୦*

## ସନାତନ ଧର୍ମ ଓ ଏହାର ସ୍ୱରୂପ

**■ ଗୋପାଳ ମହାପାତ୍ର ■**

ସନାତନ ଧର୍ମକୁ ନେଇ ଏବେ ଅନେକ ବିମର୍ଷ ଚାଲିଛି। ପ୍ରକୃତରେ ସନାତନ ସଂସ୍କୃତି ନା ସନାତନ ଧର୍ମ ସେ ବାବଦରେ ତର୍ଜମା କରାଯିବାର ମଧ୍ୟ ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଶ୍ରୀମଦ୍ ଭଗବଦଗୀତା ଏବଂ ମହାଭାରତ ଭଳି ଗ୍ରନ୍ଥ ମାନଙ୍କରେ କ'ଣ ଉଲ୍ଲେଖ ରହିଛି ସେ ବାବଦରେ ଜାଣିବାର ଆବଶ୍ୟକତା ରହିଛି। ଶ୍ରୀମଦ୍ ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟର ୩୯ତମ ଶ୍ଳୋକରେ ଉଲ୍ଲେଖ କରାଯାଇଛି - 'କୂଳ କ୍ଷୟେ ପ୍ରଣଶ୍ୟନ୍ତି କୂଳଧର୍ମାଃ ସନାତନଃ।' ଏହାର ଅର୍ଥର ହେଉଛି କୂଳର ନାଶ ହେଲେ ସନାତନ ବଂଶ ପରମ୍ପରା ନାଶ ହୋଇଯିବ। ଫଳତଃ ସନାତନ ଧର୍ମର ମଧ୍ୟ ବିନାଶ ଘଟିବ। 'ଗୀତା'ର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି- ହେ ଅର୍ଜୁନ 'ଅବିନାଶି ତୁ ତଦଦ୍‌ବୁଦ୍ଧି ଯେନ ସର୍ବମିଦଂ ତତମ୍' (ଗୀତାର ୨ୟ ଅଧ୍ୟାୟଶ୍ଳୋକ ୧୭) ଏହାର ଅର୍ଥ ହେଉଛି ଯାହା ସଂପୂର୍ଣ୍ଣ ଶରୀରରେ ବ୍ୟାପ୍ତ ହୋଇ ରହିଛି ତାହା ଅବିନାଶୀ ଅଟେ ଓ ଏହା ଆତ୍ମା ଅଟେ। ସେହି ଦ୍ୱୀତୀୟ ଅଧ୍ୟାୟରେ ଶ୍ଳୋକ ୧୬ରେ 'ନାଭାବୋ ବିଦ୍ରଦ୍ୟତେ ସତଃ ଉଲ୍ଲେଖ ଅଛି। ସେହି ସତ୍‌ର ଅଭାବ କେଉଁଠି ନାହିଁ ଅର୍ଥାତ୍ ସେହି ସତ୍ ସବୁଠି ବିଦ୍ୟମାନ। ତାକୁ ଅଗ୍ନି ଜଳାଇ ପାରିବ ନାହିଁ। ସେହି ୨ୟ ଅଧ୍ୟାୟରେ ୨୪ ତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି 'ନିତ୍ୟ ସର୍ବଗତଃ ସ୍ଥାଣୁର୍ ଚକୋୟଂ ସନାତନଃ।' ସେହି ହିଁ ନିତ୍ୟ ଓ ସର୍ବବ୍ୟାପି ଅଟେ। ତାହା ସ୍ଥିର ଅଟେ ଓ ଏକମାତ୍ର ସନାତନ ଅଟେ।

ଗୀତା ଅନେକ ଲୋକ ପଢ଼ନ୍ତି ବୁଝନ୍ତି କିନ୍ତୁ କିଛି ଲୋକ ଏହାକୁ ବୁଝି ପାରନ୍ତି ନାହିଁ । ଗୀତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆତ୍ମା ହେଉଛି ସନାତନ ଯାହାକୁ ପରମାତ୍ମା ସ୍ୱରପ ବୋଲି କୁହାଯାଇଛି। ଯିଏ ପରମାତ୍ମାଙ୍କ ପ୍ରତି ସଚେତ ସେ ହିଁ ସନାତନ ଧର୍ମର ପାଳନ କରିଥାଏ । ସନାତନ ଧର୍ମର ଲକ୍ଷହେଉଛି ମୋକ୍ଷ। ଏହି ମୋକ୍ଷ ପ୍ରାପ୍ତି ପାଇଁ ହୃଦୟରେ ସ୍ଥିତ ସେଇ ସତ୍ୟ ସ୍ୱରୂପ ପରମାତ୍ମାରେ ଲୀନ ହେବା ଆବଶ୍ୟକ। ଏହାକୁ ଆତ୍ମ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ କରିହୁଏ। କୌଣସି ବାହାର ସଂସାରରେ ନୁହେଁ ନିଜ ଭିତରେ ସନାତନ ପରମାତ୍ମାଙ୍କୁ ଖୋଜିବା ଆବଶ୍ୟକ। ସନାତନ ସତ୍ୟ ପାଇଁ ଯେଉଁ ଧର୍ମ ପ୍ରେରିତ କରିଥାଏ ତାହା ହେଉଛି ସନାତନ ଧର୍ମ। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ସନାତନ ଧର୍ମ ସେଇ ମୂଲ୍ୟକୁ ଇଙ୍ଗିତ କରିଥାଏ ଯାହା ଅପରିବର୍ତ୍ତନୀୟ ଅଟେ ଆତ୍ମା, ବ୍ରହ୍ମ, ପ୍ରକୃତିର ମୂଳତତ୍ତ୍ୱ ଓ ମୋକ୍ଷ। ଏସବୁ ସଦା ସତ୍ୟ ଅଟେ। ଏସବୁ ତତ୍ତ୍ୱକୁ ଆପଣେଇ ଏହି ଅନୁସାରେ ଅଚରଣ ବ୍ୟବହାରକୁ ବ୍ୟବସ୍ଥିତ କରିବାକୁ ସନାତନ ଧର୍ମ ଶିକ୍ଷା ଦେଇଥାଏ ।

ଏସବୁ ସତ୍ୟର ଜ୍ଞାନ ପାଇଁ ଅନେକ ମହାପୁରୁଷ ଭିନ୍ନ ଭିନ୍ନ ବାଟ ବତାଇଛନ୍ତି । ଋଗ୍‌ବେଦରେ କୁହାଯାଇଛି- 'ଏକ୍ ସଦ୍‌ବିପ୍ରାବହୁଧା ବଦନ୍ତି' ଅର୍ଥାତ୍ ଏକ୍ ହିଁ ସତ୍ୟ କୁ ବିଜ୍ଞ ପୁରୁଷ ମାନେ ଭିନ୍ନଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି କିନ୍ତୁ ସତ୍ୟ ସର୍ବଦା ଏକ୍ ରହିଛି। ଏକଥା ମହାଭାରତ ଗ୍ରନ୍ଥରେ ମଧ୍ୟ କୁହାଯାଇଛି। ମହାଭାରତର ବନପର୍ବ ଆରଣେୟ ପର୍ବରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି। ଧର୍ମର ତତ୍ତ୍ୱ ଗୁଢ଼ ଏଣୁ ମହାପୁରୁଷ ମାନେ ଯେଉଁ ମାର୍ଗ ଦେଖାଇଛନ୍ତି ତାକୁ ଅନୁସରଣ କରିବା ଉଚିତ୍। ମହାପୁରୁଷ ମାନେ ଭିନ୍ନଭିନ୍ନ ବ୍ୟାଖ୍ୟା କରିଥିବା କାରଣରୁ ସନାତନ ଧର୍ମରେ ଅନେକ ମତର ସମାବେଶ ଦେଖିବାକୁ ମିଳିଥାଏ। ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମର ସ୍ୱରପ ବାବଦରେ ବୁଝାଇ କହିଛନ୍ତି ଯେ କେତେକ ଧର୍ମକୁ ତର୍କ ଦ୍ୱାରା ଜାଣିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ବେଦ ମାନଙ୍କରେ (୪ବେଦ) ଧର୍ମକୁ ଖୋଜିଥାନ୍ତି । କିନ୍ତୁ ବିଜ୍ଞ ମହାପୁରୁଷ ମାନେ ଏକ୍ ବା ଗୋଟିଏ ଧର୍ମର ବାସ୍ତବିକ୍ ସ୍ୱରୂପ କଥା କହିଥାନ୍ତି ।

ମହାଭାରତର କର୍ଣ୍ଣପର୍ବରେ ଉଲ୍ଲେଖ ରହିଛି 'ଯତ୍ ସ୍ୟାଦ୍ ହିଁସା ସଂଯୁକ୍ତ ସ ଧର୍ମଇତି ନିଶ୍ଚୟଃ।' (ଯତ୍ ସ୍ୟାତ୍ ଅହିଁସା ଯୁକ୍ତ ସ ଧମ ଇତି ନିଶ୍ଚୟଃ) ଅର୍ଥାତ୍ ଅହିଁସା ହିଁ ପରମ ଧର୍ମ। ଯେଉଁ ପ୍ରାଣୀର ମନ ବଚନ କର୍ମରେ ହିଂସା ନଥାଏ ସେ ହିଁ ବାସ୍ତବିକ୍ ସନାତନ ଧର୍ମୀ। ଶ୍ରୀମଦ୍ ଭାଗବତ୍ ମହାପୁରାଣରେ ଧର୍ମର କିଛି ଲକ୍ଷଣ ବାବଦରେ ବର୍ଣ୍ଣନା କରାଯାଇଛି। ବର୍ଣ୍ଣନା ଅନୁସାରେ ସତ୍ୟ, ଦୟା, ତପସ୍ୟା, ଶୌଚ, ମନର ସଂଯମ, ଅହିଂସା, ବ୍ରହ୍ମଚର୍ଯ୍ୟ ପାଳନ, ତ୍ୟାଗ, ସ୍ୱାଧ୍ୟାୟ, ସନ୍ତୋଷ, ସେବା, ସମଦର୍ଶୀ, କ୍ଷମା ଉଚିତ୍ ଅନୁଚିତର ଜ୍ଞାନ ହେଉଛି ଧର୍ମର ଲକ୍ଷଣ। ସେଇ ଶ୍ରୀମଦ୍ ଭାଗବଦ୍ ମହାପୁରାଣରେ ଉଲ୍ଲେଖ ଅଛି ଯେ ଏସବୁ ଲକ୍ଷଣକୁ ଆଚରଣରେ ପରିଲକ୍ଷିତ କରିପାରିଲେ ଧର୍ମ ପ୍ରତିଷ୍ଠିତ ହୋଇଥାଏ। ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି- 'ସନ୍ତୋଷ ମୂଳତ୍ୟାଗାତ୍ମା ଜ୍ଞାନାଧିଷ୍ଠା ନ ମୁଚ୍ୟତେ। ଅପବର୍ଗମାତି ର୍ନିତ୍ୟୋ ୟାତିଧର୍ମଃ ସନାତନଃ।' ଯେଉଁଠି ସନ୍ତୋଷ ରହିଛି, ତ୍ୟାଗ ରହିଛି, ଜ୍ଞାନଦାୟିନୀ ବୁଦ୍ଧି ରହିଛି, ବ୍ରହ୍ମ ସାକ୍ଷାତ୍‌କାର ପାଇଁ ଇଚ୍ଛା ରହିଛି ତାହା ହିଁ ସନାତନ ଧର୍ମ ।

ଶ୍ରୀମଦ୍ ଭଗବଦ୍ ମହାପୁରାଣ, ମହାଭାରତ ଆଦି ଗ୍ରନ୍ଥରେ ସନାତନ ଧର୍ମ ବାବଦରେ ଏସବୁ କଥା ଉଲ୍ଲେଖ ରହିଛି। ଏସବୁ ମହାପୁରାଣକୁ ଆମ ହିନ୍ଦୁ ସଂସ୍କୃତିର ଲୋକମାନେ ଧର୍ମଗ୍ରନ୍ଥ ଭାବେ ଗ୍ରହଣ କରୁଛନ୍ତି । ଧର୍ମଗ୍ରନ୍ଥ, ଗୀତା ଓ ପୁରାଣ ପାଠ କରାଯାଉଛି। ଶ୍ରୋତା କହୁଛନ୍ତି ବକ୍ତା ଶୁଣୁଛନ୍ତି କିନ୍ତୁ ସନାତନୀ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣ ସବୁକୁ କେତେଜଣ ନିଜ ନିଜ ଆଚରଣରେ ପରିଲକ୍ଷିତ କରାଉଛନ୍ତି? ଯଦି ଆମେ ଧର୍ମଗ୍ରନ୍ଥରେ ଉଲ୍ଲେଖ କଥାକୁ ଆଚରଣରେ ପରିଲକ୍ଷିତ କରାଇ ପାରିବା ନାହିଁ ତେବେ ଆମେ ନିଜକୁ ସନାତନୀ କହିବା କାହିଁକି? ବେଦ ପୁରାଣ କ'ଣ ଖାଲି ଶୁଣିବା ପାଇଁ ନା ବେଦ ପୁରାଣ ପଢୁଥିବା ଲୋକଙ୍କୁ ସନାତନୀ କହିବା? ନିଜକୁ ସନାତନ ଧର୍ମୀ କହିବା ପୂର୍ବରୁ ବେଦ ପୁରାଣରେ ସନାତନ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣକୁ ବୁଝିବା ଓ ନିଜେ ଅନୁସରଣ କରିବା ଆବଶ୍ୟକ।

*ରାମଚନ୍ଦ୍ରପୁର, ରଣପୁର*
*ମୋ:-୯୪୩୮୪୮୫୦୯୪*

## ଓଡ଼ିଆ କବିତାରେ ଜୀବନବୋଧ-(୨)

**■ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ■**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ପାରମ୍ପରିକ କାବ୍ୟ ଧର୍ମ (ଉତ୍କଳୀୟ ଭାବନା, ସ୍ୱରାଜ୍ୟ ଅନ୍ୱେଷଣ ସାମାଜିକ ବାସ୍ତବତା) ଆଦିକୁ ପଛରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପାଶ୍ଚାତ୍ୟ ଦର୍ଶନ ଆଡକୁ ମୁହାଁଇଲା । ଫଳରେ ଗାନ୍ଧୀ, ଗୋପବନ୍ଧୁ ଓଡ଼ିଶା, ଭାରତବର୍ଷ ବଦଳରେ ଇଲିଅଟ୍- ପ୍ରଏଡ୍- କାମ୍ୟୁ-ବର୍ଲିନ, ଲଣ୍ଡନ ରୋମ ଦର୍ଶନର ପ୍ରଭାବରେ ପ୍ରଭାବିତ ହେଲା । ଓଡ଼ିଆ କବିତାରେ ଜୀବନକୁ ନେଇ ନୂତନ ପ୍ରୟୋଗ ଆରମ୍ଭ ହେଲା । ଏହି ପ୍ରୟୋଗଶାଳା ମଧ୍ୟରେ ଗାଉଁଲୀ ଜୀବନ ପରିବର୍ତ୍ତେ ଅପ୍ରାକୃତ ଆଡମ୍ବରପୂର୍ଣ୍ଣ ବିଚାର କବିତା ମଧ୍ୟରେ ପାଇଲା। କିନ୍ତୁ ମାୟାଧର ମାନସିଂହଙ୍କ 'ମାଟିବାଣୀ', ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'କ୍ଷଣିକ ସତ୍ୟ', ଅନନ୍ତ ପଟ୍ଟନାୟକଙ୍କ 'ତର୍ପଣ କରେ ଆଜି' ପ୍ରମୁଖଙ୍କ କବିତାରେ ମାର୍କବାଦୀ ଚେତନା ପ୍ରକାଶ ପାଇଲା । ଏହି ଧାରାରେ 'ପ୍ରଗତିବାଦୀ' କବିମାନଙ୍କ ରଚନା ବୈପ୍ଳବିକ ଚିନ୍ତାଧାରା ପ୍ରସୂତ । ବିଂଶ ଶତାବ୍ଦୀର ଷଷ୍ଠ ଦଶକ ମଧ୍ୟରେ ସାମ୍ୟବାଦର ସ୍ଲୋଗାନ ଭିତରେ ଓଡ଼ିଆ କବିତାର ଜୟଯାତ୍ରା ବେଶ ଉଦ୍‌ବେଗ ଓ ଉଦ୍‌ବେଳନ ମଧ୍ୟରେ ଅଗ୍ରସର ହେଲା । କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାରେ ଗ୍ରାମ୍ୟ ଜୀବନର ବିକଳ ଚିତ୍ର ପ୍ରତିଭାତ ହୁଏ । ଖାଦ୍ୟ ବିକଳରେ ଭାଙ୍ଗି ପଡୁଥିବା ମୁହ୍ୟମାନ ସୁନିୟାଦର ଦୁଃଖକଷ୍ଟ ସମସ୍ତ କବିତା ଓ କାବ୍ୟମାନଙ୍କରେ ଦେଖିବାକୁ ହୁଏ । କବି ଗୋଦାବରୀଶ ମହାପାତ୍ରଙ୍କ 'ହେମୋର କଲମ', 'ହାଣ୍ଡିଶାଳର ବିପ୍ଳବ', 'କଣ୍ଟା ଓ ଫୁଲ' ଆଦି ପୁସ୍ତକରେ ସମାଲୋଚନାଧର୍ମୀ କବିତା ଲେଖି ସମାଜରେ ରାଜନୀତିକ ଓ ପ୍ରଶାସନିକ ବ୍ୟବସ୍ଥାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । 'ନିଆଁଖୁଣ୍ଟା' ଥିଲା ସେ ସମୟର ସମାଲୋଚନାମୂଳକ ମାସିକ ପତ୍ରିକା । ରାଧାମୋହନ ଗଡ଼ନାୟକଙ୍କ କବିତାରେ ଭାରତବର୍ଷରେ ମୂଲ୍ୟବୋଧ ଓ ମାନସିକତାର ଅବକ୍ଷୟ ଓ ସେଥିରୁ ସ୍ପଷ୍ଟ ଦଙ୍ଗା, ଅପହରଣ, ଅପବାଦ ଦ୍ୱାରା କ୍ଷତାକ୍ତ ସାଧାରଣ ଜୀବନର ଚିତ୍ର ସହିତ ଦଳିତମାନଙ୍କ ଉପରେ ହେଉଥିବା ନିର୍ଯାତନାର ଚିତ୍ର ଦେଖିବାକୁ ମିଳେ । କବି ରବି ସିଂଙ୍କ ସାମ୍ୟବାଦୀ ଦୃଷ୍ଟିକୋଣଟି ପରବର୍ତ୍ତୀ ସମୟରେ ବ୍ୟବସ୍ଥା ବିପକ୍ଷରେ ଆହୁରି ଶାଣିତ ପ୍ରକାଶ ପାଇଛି । ଆଦର୍ଶଚ୍ୟୁତ ନେତାମାନଙ୍କୁ ବ୍ୟଙ୍ଗ କରି କବି ରବି ସିଂ କବିତାରେ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା କ୍ରାନ୍ତିକାରୀ ପ୍ରଭାବ ସୃଷ୍ଟି କରିଛି । କବି କୁଞ୍ଜବିହାରୀ ଦାଶଙ୍କ 'ମାଟି ଓ ଲାଠି' ଦାଦନ, ଗାଁ ଛାଡୁଥିବା ବ୍ୟକ୍ତିଙ୍କ କରୁଣ କାହାଣୀ ଉପରେ ଆଧାରିତ । ଜମିଦାରଙ୍କ ଦ୍ୱାରା ଶୋଷିତଙ୍କର ଦୁର୍ଦ୍ଦଶାର ଚିତ୍ର କାବ୍ୟକବିତାରେ ବର୍ଣ୍ଣନା କରି ସାମାଜିକ ମୂଲ୍ୟର ଅବକ୍ଷୟ ସମ୍ପର୍କରେ କବିତା ରଚିତ ।

କବି ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓଙ୍କ ଯୌଥ ରଚନାରେ 'ନୂତନ କବିତା' ଗ୍ରନ୍ଥ ପ୍ରକାଶିତ । ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ' କବିତାରୁ ତତ୍କାଳୀନ ନାରୀ ଜୀବନର ଆର୍ଥନୀତିକ ଓ ସାମାଜିକ ଚିତ୍ର ଉପଲବ୍ଧ । କ୍ଷମତା, ବିଳାସ ଓ ଆଭିଜାତ୍ୟ ରୂପେ ଶିକ୍ଷିତା ନାରୀ ପୁରୁଷଙ୍କ ପାଖରେ ସମର୍ପଣ କରୁଥିବା ବେଳେ ଅନ୍ୟ କେଉଁଠି ଭୋକ ଯନ୍ତ୍ରଣାରେ ଅସହାୟ ଅଳକାରର ଦେହଦାନ କରିବାର ସୂଚନା ମିଳେ । ସପ୍ତମ ଦଶକରେ କବି ବେଣୁଧର ରାଉତଙ୍କ 'ପିଙ୍ଗଳାର ସୂର୍ଯ୍ୟ' ସ୍ୱାଧୀନତା ମଧ୍ୟରେ ଓଡ଼ିଆ ସମାଜରେ ଉତ୍କଟଭାବ, ସହରୀ ସଂସ୍କୃତିର ଶୋଷଣ, ସ୍ୱାଧୀନର ମୋହଭଙ୍ଗ, ରାଜନୀତିକ ଛଳନା ଆଦି ପ୍ରସଙ୍ଗ ବର୍ଣ୍ଣିତ । ଗଣତାନ୍ତ୍ରିକ ଶୋଷଣ ପଦ୍ଧତିକୁ ବିଦ୍ରୂପ କରି ବେଣୁଧର ଲେଖିଛନ୍ତି-

କାଠଘୋଡ଼ା ଜନଗଣ ।
କାଠଘୋଡ଼ା ବୁଝେକି ଜୀବନ ।
ସୁନାର ଫସଲ ଦେଶେ ଦୈନ୍ୟରେ
ଶୋଷିତ ଯା' ରକତ
ମୁକ୍ତି କି ମହନୀୟ ବୁଝିବ ସେ?
ହବତାର ଭକ୍ତି ଭକତ?
ହୁଏତ ବା ନିର୍ବୀବ ସୁନାର ସେ
ପାଉଥିବ ସ୍ୱପ୍ନିକ ପରଶ
ଅଭାବୀର ହସ କାହିଁ,
ରସ କାହିଁ, କାହିଁ ନିହ ହରସ?
(କାଠଘୋଡ଼ା ପାଣି ପି: ପିଙ୍ଗଳାର ସୂର୍ଯ୍ୟ)

ସତୁରି ଦଶକରେ ମୁକ୍ତଛନ୍ଦ ଓ ଗଦ୍ୟଛନ୍ଦର ବିକାଶ ଘଟିଲା । ମନୋଜ ଦାସ, ବ୍ରଜନାଥ ରଥ, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥଙ୍କ କାବ୍ୟ କବିତାରେ ସମାଜ, ଗଣଜୀବନ, ଗଣପୀଡ଼ା ଆଦି ପ୍ରସଙ୍ଗ ଏହି କବିମାନଙ୍କ କବିତାରୁ ଅପସରି ଯିବା ଆରମ୍ଭ ହେଲା । ଚିତ୍ରକଳ୍ପ, ପ୍ରତୀକ ଆଦି କାବ୍ୟ ଆଭିମୁଖ୍ୟକୁ ବଦଳାଇ ଦେଲା । ସୀତାକାନ୍ତ ମହାପାତ୍ରଙ୍କ 'ଦୀପ୍ତି ଓ ଦ୍ୟୁତି' ପରିବର୍ତ୍ତିତ ଜୀବନଧାରାରେ ସ୍କେଚ ଆଙ୍କିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଦୁଇଦଶକ ମଧ୍ୟରେ ନାରୀ ଶ୍ରମ ଓ କର୍ମ ପାଇଁ ସମାଜରେ ସ୍ୱୀକୃତି ପାଇନଥିଲା । ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ଦେହ ଥିଲା ଏକମାତ୍ର ମାଧ୍ୟମ । ସେ ଦେହକୁ ବିକ୍ରି କରି ମଧ୍ୟ ଦାରିଦ୍ର୍ୟକୁ ପୂରଣ ହେଉନଥିଲା । ରମାକାନ୍ତଙ୍କ କବିତାରେ-

ସେ ଜିଇଁଛି ଏ ଘରେ, ନୂଆଣିଆ
ବତାରୁଅ ତଳେ
ସେ ଜିଇଁଛି ଏଇ ଭଙ୍ଗା ଖପରରେ
ଛାଉଣି କୁଟୀରେ
ରାତିର ଖାଟେଣୀ ପରେ ସହରର
କୋହଳ ସକାଳେ
ଦିହର ଦରଜମାରେ ଶୁଣ୍ଠି ଆଉ
ଗରମ ପାଣିରେ ।
(କେତେ ଦିନର : ଚନ୍ଦ୍ରମାର ବୁଢ଼ି)

ସତୁରୀ ଦଶକରେ କବି ରବି ସିଂଙ୍କ କବିତାରେ କ୍ଷୁଧାର ପାହାଡ଼ ମଧ୍ୟରେ ଲୁଚି ଯାଇଛି ନାରୀର ସର୍ବସ୍ୱ । ଦାଦନ ଖଟିବାକୁ ଯାଇ ଓଡ଼ିଆ ପୁଅ ଫେରିନି ଗାଁକୁ । ବଞ୍ଚିବାର ମୋହରେ ନାରୀ ନିଜକୁ ସଜେଇଛି ବାରବଧୂ । କବିଙ୍କର 'ଭୋକ' କବିତାରେ ପ୍ରଲମ୍ବିତ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ପ୍ରଗତିବାଦୀ କବି ଦିଲ୍ଲୀପ ଦାସ, ସଦାଶିବ ଦାଶ, ପ୍ରସନ୍ନ ପାଟ୍ଟଶାଣୀ, ସୌଭାଗ୍ୟ ମିଶ୍ର ପ୍ରମୁଙ୍କ କାବ୍ୟ ଚେତନାରେ ବଞ୍ଚିବାର ସଂଘର୍ଷକୁ ନେଇ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଘଟିଛି । ଉଦାର ମୁକ୍ତିବୋଧ ଜାତି, ଧର୍ମ, ସମ୍ପ୍ରଦାୟ, ଭୂଗୋଳ ଡେଇଁ ଏକ ଚିରନ୍ତନ ଆଲିଙ୍ଗନ ଆଡକୁ ଅଗ୍ରସର ହୋଇଛି । ଅଶୀ ଦଶକରେ କବିତା ନିଷ୍କର୍ଷ ଥିଲା, ଜାତୀୟ ଜରୁରୀ ବିରୋଧରେ ରାଜନୀତିକ ସାମାଜିକ ପ୍ରତିକ୍ରିୟା ନକ୍ସା ଆନ୍ଦୋଳନକୁ ସମର୍ତନ, ଆଞ୍ଚଳିକ ସମସ୍ୟାଗୁଡ଼ିକର ବିସ୍ତାର, ନାରୀମାନଙ୍କରର ସାମାଜିକ, ଅର୍ଥନୀତିକ ଓ ମନସ୍ତାତ୍ତ୍ୱିକ ସମସ୍ୟାର ଉତ୍‌ଥାପନ, ନଗର ଓ ନାଗରିକମାନଙ୍କର ଅନୁଭବଗୁଡ଼ିକର କାବ୍ୟ ରଚନା ସାହିତ୍ୟକୁ ସମୃଦ୍ଧ କରିଛି ।

ନବେ ଦଶକର ମଧ୍ୟ କାବ୍ୟ ଧାରା ଅଶଇ ଦଶକକୁ ଅନୁଶରଣ କରେ । ଓଡ଼ିଶାର ଆଇନ ବ୍ୟବସ୍ଥା ନାରୀ ସୁରକ୍ଷା, ପୋଲିସର ନୃଶଂସତା, ପୋଲିସର ପ୍ରତିଶୋଧମୂଳକ କାର୍ଯ୍ୟ, ଛାତ୍ର ଆନ୍ଦୋଳନ ଆଦି କବିତାରେ ସ୍ଥାନ ପାଏ । ଅସୁସ୍ଥ ସମୟ, ଅସୁଖୀ ଜୀବନ ପ୍ରତି ସମ୍ବେଦନା ପ୍ରକାଶ ପାଇଛି । ନିତ୍ୟାନନ୍ଦ ନାୟକ, ଗୋପାଳ କୃଷ୍ଣ ରଥ, ସୌରୀନ୍ଦ୍ର ବାରିକ, ନୃସିଂହ ରଥ ପ୍ରମୁଖଙ୍କ କବିତାରେ ଗାଁ, ମାଟି, ଧାନକେଣ୍ଡା, ମଣିଷ ପ୍ରକୃତି, ପରମେଶ୍ୱର ପ୍ରଭୃତି ପୁନଃ ଉପସ୍ଥାପିତ ହୋଇଛି । ବାମପନ୍ଥୀ ଚିନ୍ତାଧାରାରୁ ମୁକ୍ତ ହୋଇଛି କବିତା । ମହିଳା ସୁରକ୍ଷା, ମହିଳା ସଶକ୍ତିକରଣ, ମହିଳା ଅସ୍ମିତା ପ୍ରତି ଦରଦୀ ଦୃଷ୍ଟି ପ୍ରଦାନ କରାଯାଇଛି । କବିତା ଲୋକାଭିମୁଖୀ ସହିତ ପ୍ରତୀକ, ରୂପକଳ୍ପ ପ୍ରୟୋଗ ସହିତ ଗ୍ରାମ୍ୟ ଓ କଥିତ ଭାଷାର ପ୍ରୟୋଗ ମଧ୍ୟ ଘଟିଛି ।

ବିଂଶ ଶତାବ୍ଦୀର ଶେଷ ଭାଗରେ ଭୋଟ ରାଜନୀତିକୁ ନେଇ କବିତା ସହିତ ନାରୀ ଦୁଷ୍କର୍ମ, ଶିଶୁ ହତ୍ୟା, ଅପମିଶ୍ରଣ, ବେକାରୀ, ଦରବୃଦ୍ଧି, କମ୍ପ୍ୟୁଟର ବଜାର ଭିତ୍ତିକ ଶିକ୍ଷା ସହିତ ସଂସ୍କୃତିର ଅବକ୍ଷୟ ସହି ଜୀବନ ଜଞ୍ଜାଳମୟ । ଯେଉଁଠି କବି ଗଣତନ୍ତ୍ର ପ୍ରତି ଚରମ ବିମୁଖ । କବି ପ୍ରସନ୍ନ ପାଟ୍ଟଶାଣୀଙ୍କ କବିତା ଏସବୁ ବିଫଳତାର ପରିପ୍ରକାଶ । ଯେପରି-

'ହେ ଗଣତନ୍ତ୍ର, ତମେ ମରିଯାଅ
ତୁମକୁ ପୋଡ଼ିବାକୁ
ମୁଁ ଅପେକ୍ଷା କରିଛି ।

ବିଂଶ ଶତାବ୍ଦୀର ଅଶୀ ଦଶକରୁ ଉତ୍ତର ଆଧୁନିକ କବିତାର ଜୟଯାତ୍ରା ଆରମ୍ଭ । କବିତା ଦୁର୍ବୋଧ ପର୍ଯ୍ୟାୟରୁ ମୁକ୍ତି ପାଇ ଆଗେଇ ଚାଲିଛି, ମଣିଷ ଜୀବନଚର୍ଯ୍ୟାକୁ ଏକବିଂଶ ଶତାବ୍ଦୀରେ ଉତ୍ତର ଆଧୁନିକତା ପାଠକର ପ୍ରିୟ ହୋଇଛି ।

**ପ୍ରଜ୍ଞାନ ବାଚସ୍ପତି**
**ସମ୍ପାଦକ, 'ନିତ୍ୟ ନୂତନ'**
**ଭୁବନେଶ୍ୱର**







ପୁରାଣ ଯୁଗରେ ତିନି ଲୋକର ଖବର ସମସ୍ତଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱବହନ କରିଥିଲେ ଦେବର୍ଷି ନାରଦ । ବିଶ୍ୱ ବ୍ରହ୍ମାଣ୍ଡର ପ୍ରଥମ ସାମ୍ବାଦିକ ଭାବରେ ତାଙ୍କୁ ଚିତ୍ରଣ କରାଯାଇଥାଏ । ଅତୀତ ଭାରତରେ ପର୍ବତମାନଙ୍କରେ ଅଗ୍ନି ସଂଯୋଗ କରାଯାଇ ରାଜାମାନେ ସରକାରୀ ନିର୍ଦ୍ଦେଶ ବା ଆଦେଶକୁ ଘୋଷଣା କରୁଥିଲେ । କେତେକ ଦେଶରେ ନିଆଁ ଜାଳି ଲୋକଙ୍କୁ ଡକାଇ ସରକାରୀ ଘୋଷଣା ଜଣାଇ ଦିଆଯାଉଥିଲା । ଫୁଙ୍କା ନଳୀ ଯୋଗେ ସମ୍ବାଦ ମଧ୍ୟ ଘୋଷଣା କରାଯାଉଥିଲା । ପରବର୍ତ୍ତୀ ସମୟରେ ଭାରତରେ ତାଳପତ୍ରରେ ଲେଖାଯାଇ ବାର୍ତ୍ତା ପ୍ରଚାର କରାଯାଉଥିଲା । ଶାସନ ବିଷୟରେ ପ୍ରତ୍ୟକ୍ଷ ପ୍ରତିକ୍ରିୟା ଜାଣିବାପାଇଁ ରାଜାମାନେ ଗୁପ୍ତଚର ନିଯୁକ୍ତି କରୁଥିଲେ । ଏହି ଗୁପ୍ତଚରମାନେ ନିୟମିତ ଭାବରେ ରାଜ୍ୟର ଖବର ରାଜାଙ୍କୁ ଯୋଗାଉଥିଲେ । ସମ୍ରାଟ ଅଶୋକଙ୍କ ସମୟରେ ସାମ୍ରାଜ୍ୟର ପ୍ରତ୍ୟେକ ବିଷୟରେ ବିବରଣୀ ଜାଣିବାପାଇଁ ସେ ଛଦ୍ମବେଶୀ କର୍ମଚାରୀ ନିଯୁକ୍ତି କରିଥିଲେ । ସମ୍ରାଟ ଔରଙ୍ଗଜେବ୍ ଉଆକୁଇହାନବିସ୍ ମାନଙ୍କୁ ନିଯୁକ୍ତ କରିଥିଲେ । ସେମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଉଆକୁଇଆରେ ଲେଖି ରଖୁଥିଲେ । ପ୍ରତ୍ୟେକ ଦିନ ରାତ୍ରି ନଅଟା ପରେ ଅନ୍ତଃପୁରର ଜଣେ ମହିଳା ସମ୍ରାଟଙ୍କୁ ସଂଗୃହୀତ ସମ୍ବାଦଗୁଡ଼ିକୁ ପଢ଼ି ଶୁଣାଉଥିଲେ । ଚୀନ୍‌ରେ ପ୍ରଥମେ କାଗଜର ବ୍ୟବହାର ହେବାରୁ କାଗଜକୁ ସମ୍ବାଦ ଲିଖନର ମାଧ୍ୟମ ଭାବରେ ବ୍ୟବହାର କରାଗଲା ।

# ଗଣମାଧ୍ୟମ ଗଣସଚେତନତାର ବାହକ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଆମେରିକାର ସ୍ୱାଧୀନତା ସଂଗ୍ରାମ ଚାଲିଥିବାବେଳେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଦେଶାତ୍ମବୋଧ ଜାଗ୍ରତ କରିବା ସେ ଦେଶର ସମ୍ବାଦପତ୍ରମାନଙ୍କର ଯେପରି ପ୍ରଧାନ ଆଭିମୁଖ୍ୟ ଥିଲା, ଭାରତରେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ସମୟରେ ଭାରତୀୟ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ତଥା ପତ୍ରପତ୍ରିକା ଗୁଡ଼ିକର ଅନୁରୂପ ଆଭିମୁଖ୍ୟ ଥିଲା । ସ୍ୱାଧୀନତା ସଂଗ୍ରାମର ସର୍ବପ୍ରଥମ ସ୍ଫୁଲିଙ୍ଗ ଏହି ସମ୍ବାଦପତ୍ର ଗୁଡ଼ିକରୁ ହିଁ ସୃଷ୍ଟି ହୋଇଥିଲା । ପ୍ରାକ୍ ସ୍ୱାଧୀନତା ସମୟରେ ସମ୍ବାଦପତ୍ର ଗୁଡ଼ିକ ରାଜନୀତିକୁ ନିୟନ୍ତ୍ରଣ କରି ଦେଶଭକ୍ତିର ରକ୍ତ ସଞ୍ଚାର କରୁଥିଲେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ବାଦପତ୍ର ହେଉଛି ଜାଗ୍ରତ ପ୍ରହରୀ । ଦେଶର ଶାସନ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଚାଲିଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଓ ଜନମତକୁ ପ୍ରଭାବିତ କରିବାରେ ସମ୍ବାଦପତ୍ର ସବୁଠୁ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ । ଭାରତର ସମ୍ବାଦପତ୍ରମାନେ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶାତ୍ମକ ବୋଧର ପ୍ରଚାର ଏବଂ ଜାତୀୟ ସଂଗ୍ରାମର ପ୍ରସାର ଦିଗରେ ସହାୟକ ହୋଇ ଅଧିକ ଜନପ୍ରିୟ ହୋଇଥିଲେ । ଭାରତର ଜାତୀୟ କଂଗ୍ରେସର ପୁରୋଧାମାନେ କୌଣସି ନା କୌଣସି ସମ୍ବାଦପତ୍ର ସହିତ ଜଡ଼ିତ ଥିଲେ । ରାଜନୈତିକ ଚିନ୍ତାଧାରାର ପ୍ରସାର ପାଇଁ ସାମ୍ବାଦିକ ମାନଙ୍କର ପ୍ରବୃତ୍ତିକୁ ଏକ ଯୋଗ୍ୟତା ଭାବେ ବିଚାର କରାଯାଉଥିଲା । ରାଜନୈତିକ କର୍ମୀମାନେ ଜାତୀୟତାବାଦୀ ସମ୍ବାଦପତ୍ର ମାନଙ୍କର ପ୍ରତିନିଧି ହୋଇ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । ଭାରତର ବିଭିନ୍ନ ରାଜ୍ୟରେ ଜାତୀୟତାବାଦୀ ସମ୍ବାଦପତ୍ର ପ୍ରତିଷ୍ଠା ମଧ୍ୟ ସେତେବେଳେ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ବିଶେଷ ଥିଲା । ସେ ସମୟରେ ବହୁ ଛୋଟ ଛୋଟ ସମ୍ବାଦପତ୍ର ଜନସାଧାରଣଙ୍କ ମନରେ ସ୍ୱାଧୀନତାର ପ୍ରେରଣା ଜାଗରିତ କରିଥିଲେ । ମହାତ୍ମା ଗାନ୍ଧୀ,




ବାଲ୍‌ଗଙ୍ଗାଧର ତିଳକ୍, ଗୋପାଳକୃଷ୍ଣ ଗୋଖ୍‌ଲେ, କେଶବ ଚନ୍ଦ୍ର ସେନ୍, କ୍ଷୀରୋଦ ଶାହ ମେହେଟା, ଦାଦା ଭାଇ ନାରୋଜୀ, ସି.ୱାଇ. ଚିନ୍ତାମଣୀ, ସୁରେନ୍ଦ୍ରନାଥ ବାନାର୍ଜୀ, ଗୌରୀଶଙ୍କର ରାୟ ଗୋପବନ୍ଧୁ ଦାସ ପ୍ରମୁଖ ସଂପାଦକ ତତ୍କାଳୀନ ସମ୍ବାଦପତ୍ର ଓ ସାମ୍ବାଦିକତା କ୍ଷେତ୍ରରେ ଏକ ମର୍ଯ୍ୟାଦାର ବାତାବରଣ ସୃଷ୍ଟି କରିଥିଲେ । ଭାରତରେ ଗାନ୍ଧୀ ଯୁଗରେ ସ୍ୱାଧୀନତା ସଂଗ୍ରାମୀମାନେ ଖଣ୍ଡେ ଖଦଡ ଧୋତି, ଫତେଇ ଓ ଚାଦର ପରିଧାନ କରି ଖଦଡ କନାର ବ୍ୟାଗ ଧରି ପଦଯାତ୍ରା କରି ଗାଁକୁ ଗାଁ ଯାଇ ଲୋକମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ । ସମାଜସେବାର ଏକ ଅଙ୍ଗ ଭାବେ ସମ୍ବାଦପତ୍ରକୁ ଗାଁ ଗହଳିର ସମସ୍ୟା ଜଣାଇବା ଆବଶ୍ୟକ ବୋଲି ସେମାନେ ବିଚାର କରୁଥିଲେ । ସ୍ୱାଧୀନତା ପରେ ଗଣମାଧ୍ୟମର ଭୂମିକା ବଦଳି ଯାଇଛି ।

ସମ୍ବାଦପତ୍ର ଓ ସାମ୍ବାଦିକ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ସାମ୍ବାଦିକକୁ ଛାଡ଼ି ଯେପରି ସମ୍ବାଦପତ୍ର କଥା ଚିନ୍ତା କରାଯାଇନପାରେ ସେହିଭଳି ସମ୍ବାଦପତ୍ର ବ୍ୟତୀତ ସାମ୍ବାଦିକଙ୍କ କଥା ଚିନ୍ତା କରାଯାଇପାରିବ ନାହିଁ । ସାମ୍ବାଦିକ କେବଳ ଜଣେ ନାଗରିକ ନୁହେଁ ସେ ହେଉଛି ଜନସାଧାରଣଙ୍କର ମୁଖପାତ୍ର । ଲୋକଙ୍କ ସମସ୍ୟା ହୃଦୟଙ୍ଗମ କରି ତାକୁ ଖବର ରୂପ ଦେବା, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସରକାରଙ୍କର ବିଭିନ୍ନ ଦୋଷ, ଦୁର୍ବଳତାକୁ ପ୍ରକାଶ କରିବା ସମ୍ବାଦପତ୍ରର ମୁଖ୍ୟକାର୍ଯ୍ୟ । ଭାରତର ସାଧାରଣତନ୍ତ୍ର ଶାସନରେ ନାଗରିକ ମାନଙ୍କର ସ୍ୱାଧୀନତା ରକ୍ଷା, ଜନଚେତନା, ଆଦର୍ଶମୁଖୀ ସମାଜ ଗଢ଼ିବାରେ ସମ୍ବାଦପତ୍ର ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ସେଥିପାଇଁ କୁହାଯାଏ – 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ' । ସମ୍ବାଦପତ୍ରର କୁଶଳୀ କାରିଗରମାନେ ହେଲେ ସାମ୍ବାଦିକମାନେ । ପ୍ରିଣ୍ଟମିଡ଼ିଆ, ରେଡ଼ିଓ, ଇଲେକଟ୍ରୋନିକ୍ସ ମିଡ଼ିଆ ପରେ ସାମାଜିକ ଗଣମାଧ୍ୟମ ଖବର ପ୍ରକାଶରେ ବିଶେଷ ପ୍ରଭାବଶାଳୀ ହୋଇଛି । ଏହାର ସୁଫଳକୁ ନେଇ ଅନେକ ଚର୍ଚ୍ଚା ହେବା ପରେ, କୁପରିଣାମ ଏବେ ସମାଜ ଉପରେ ପଡ଼ିବା ଆରମ୍ଭ କରିଛି । ପେଡ ନିୟୁଜ ଓ ଫେକ ନିୟୁଜର ସଂଖ୍ୟା ମଧ୍ୟ ବଢୁଛି । କର୍ପୋରେଟ ହାଉସ, ରାଜନୈତିକ ବ୍ୟକ୍ତି, ଠିକାଦାର, ଖଣିମାଲିକ, ଶିକ୍ଷା ଦଲାଲଙ୍କ କବ୍ଜାକୁ ଗଣମାଧ୍ୟମ ଚାଲିଗଲାଣି । କର୍ପୋରେଟ ହାଉସଗୁଡ଼ିକ ଟଙ୍କା ଦେଇ ନିଜକୁ ସୁହାଉଥିବା ଖବର ପ୍ରକାଶ କରୁଛନ୍ତି । ଆଜିର ଦିନରେ ବିଶ୍ୱସନିୟତା ଓ ଭରସାଯୋଗ୍ୟ ଖବର ଗଣମାଧ୍ୟମ ପାଇଁ ସବୁଠୁ ବଡ ଆହ୍ୱାନ । ଯଦି ଲୋକେ ଗଣମାଧ୍ୟମ ଉପରୁ ଭରସା ତୁଟାଇଦେବେ,ତେବେ ସାମ୍ବାଦିକତାର ଅର୍ଥ କିଛି ରହିବ ନାହିଁ ।




ଯାହାଙ୍କର କଲମ ମୁନରେ ସୂକ୍ଷ୍ମକଳା ନିପୁଣତାରେ ଆତ୍ମ ପ୍ରକାଶ କରେ ସେ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ସାମ୍ବାଦିକ କେବଳ ଜଣେ ନାଗରିକ ନୁହେଁ । ସେ ହେଉଛି ଜନସାଧାରଣଙ୍କ ମୁଖପାତ୍ର । ଚାରିପାଖେ ଯାହା ସବୁ ଭଲମନ୍ଦ ଘଟଣା ଘଟୁଛି ନିର୍ଲିପ୍ତ ଭାବରେ ସେ ଖବର ପ୍ରକାଶ କରିବା ହେଉଛି ସାମ୍ବାଦିକର ପେଷା । ଯେଉଁ ସାମ୍ବାଦିକମାନେ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କରନ୍ତି ସେମାନଙ୍କ ପ୍ରତି ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ଅତୁଟ ଥାଏ । ସାମ୍ବାଦିକତାକୁ ଏକ ସମ୍ମାନୀୟ ବୃତ୍ତି ଭାବେ ଗ୍ରହଣ କରିବା ଦ୍ୱାରା ପ୍ରତ୍ୟେକ ସାମ୍ବାଦିକ ନିଜର ଏବଂ ନିଜେ ପ୍ରତିନିଧିତ୍ୱ କରୁଥିବା ସମ୍ବାଦପତ୍ରର ଅଭିବୃଦ୍ଧିରେ ସହାୟକ ହୋଇପାରିବେ । ସମ୍ବାଦପତ୍ରରେ ସାମ୍ବାଦିକ ମାନଙ୍କର ନିରପେକ୍ଷତା, ସମ୍ବାଦ ପରିବେଷଣରେ ସାଧୁତା ରହିଲେ ସମ୍ବାଦପତ୍ରଗୁଡ଼ିକ ଆଦର ଲାଭ କରିବେ ଓ ସମାଜରେ ସୁପ୍ରତିଷ୍ଠିତ ହୋଇପାରିବେ । ଯାହା ସତ୍ୟ ତାହାକୁ ପରିବେଷଣ କଲେ ସାମ୍ବାଦିକର ସମ୍ମାନ ବଢ଼ିବ ଓ ସମ୍ବାଦପତ୍ରର ଉତ୍ତରୋତ୍ତର ଉନ୍ନତି ହେବ । ନାରୀର ସମ୍ମାନ ପାଇଁ ସତୀତ୍ୱ ଯେପରି ଆବଶ୍ୟକ, ସମ୍ବାଦପତ୍ରର ସମ୍ମାନ ପାଇଁ ସମ୍ବାଦର ସତ୍ୟତା ଓ ସଠିକତା ସେହିପରି ଆବଶ୍ୟକ । ଗାନ୍ଧିଜୀ କହୁଥିଲେ ଜଣେ ସାମ୍ବାଦିକ ଦେଶପ୍ରେମୀ ହୋଇପାରେ, କୌଣସି ରାଜନୈତିକ ଦଳର କର୍ମୀ ହୋଇପାରେ




କିମ୍ବା ଜଣେ ବିଶ୍ୱସ୍ତ କର୍ମଚାରୀ ହୋଇପାରେ ତେବେ ପାଠକ ମାନଙ୍କ ପ୍ରତି ସେ ଅନୁରକ୍ତ ରହିବା ଦରକାର । ଯଦି ଖବର କାଗଜ ପାଠକଙ୍କ ବିଶ୍ୱାସ ହରାଏ ତେବେ ସେଠାରେ ସାମ୍ବାଦିକତାର କିଛି ମୂଲ୍ୟ ନଥାଏ । କେଉଁଠି ସରକାର ବଦଳାଇବା କ୍ଷେତ୍ରରେ ଓ ଆଉ କେଉଁଠି ଲୋକଙ୍କ ଜୀବନ ବଞ୍ଚାଇବାରେ, ବିପର୍ଯ୍ୟୟ ମୁକାବିଲା କରିବାରେ, ଦଙ୍ଗା ରୋକିବାରେ ସାମ୍ବାଦିକମାନଙ୍କର ସମ୍ବାଦ ବିଶେଷ ସହାୟକ ହୋଇଥାଏ । ସତ୍ୟଘଟଣାକୁ ଲୋକଲୋଚନକୁ ଆଣି ବେଳେବେଳେ ସାମ୍ବାଦିକ ଆକ୍ରମଣର ଶୀକାର ହୋଇଥାଏ । ଯାହା ଫଳରେ ଗଣତନ୍ତ୍ରର ପବିତ୍ରତା ଧ୍ୱଂସ ପାଇଥାଏ । ତେବେ ବାହୁବଳ ପ୍ରୟୋଗକାରୀମାନେ ଜାଣିରଖିବା ଉଚିତ୍ ସଚ୍ଚୋଟ ସାମ୍ବାଦିକଙ୍କୁ ନୀରବ କରିଦେବାପାଇଁ ମାନବ ଇତିହାସରେ ଯେତେ ଉଦ୍ୟମ ହୋଇଛି ତାହା ବ୍ୟର୍ଥ ହୋଇଛି । ଲାଟିନ୍– ଆମେରିକାର ସାମ୍ବାଦିକମାନେ ବହୁ ଅସୁବିଧା ଭିତରେ ବି ନିଜ କାମ ଖୁବ୍ ସାହସର ସହିତ କରିଆସୁଛନ୍ତି । ଏହି ସବୁ ଦେଶ ମାନଙ୍କରେ ବହୁ ସମୟରେ ସାମ୍ବାଦିକମାନେ ଆତତାୟୀଙ୍କ ଗୁଳି ଚୋଟରେ ନିହତ ହୋଇଥାନ୍ତି । ୨୦୧୫ ମସିହାରେ ବିଶ୍ୱରେ ୧୧୨ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିବା ବେଳେ ୨୦୧୬ ମସିହାରେ ଭାରତର ୫ଜଣ ସାମ୍ବାଦିକଙ୍କ ସମେତ ବିଶ୍ୱରେ ୧୬୬ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି ୨୦୧୭ରେ ୨୬୨, ୨୦୧୮ରେ ୪୩, ୨୦୧୯ରେ ୨୫ଜଣ ସାମ୍ବାଦିକ ହତ୍ୟାର ଶିକାର ହୋଇଛନ୍ତି । ସେହିପରି ୨୦୨୧ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ବିଶ୍ୱରେ ୨୯୩ ଜଣ ସାମ୍ବାଦିକ ବିଭିନ୍ନ ଆକ୍ରୋଶର ଶିକାର ହୋଇ ଜେଲ ଯାଇଛନ୍ତି । ତେଣୁ ସାମ୍ବାଦିକତା ବୃତ୍ତି ଯେ କେତେ ଗମ୍ଭୀର ଭାବେ ବିପଦପୂର୍ଣ୍ଣ ତାହା ପରିଲକ୍ଷିତ ହେଉଛି ।




ସମ୍ବାପତ୍ରପାଇଁ ସ୍ୱତନ୍ତ୍ର ନୀତି, ନିୟମ ଏବଂ କର୍ତ୍ତବ୍ୟବୋଧ ବିଷୟରେ ପରାମର୍ଶ ଦେବାପାଇଁ ଗଠନ କରାଯାଇଥିବା ପ୍ରେସ୍ କମିଶନ ୧୯୫୪ ମସିହାରେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ । ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କଲେ । ଆଇନ୍ ଅନୁସାରେ ଏହାକୁ ସ୍ୱତନ୍ତ୍ର ବିଚାର ବିଭାଗୀୟ କ୍ଷମତା ଅର୍ପଣ କରାଗଲା । ଯେ କୌଣସି ବ୍ୟକ୍ତି ସାମ୍ବାଦିକତାର ପାରମ୍ପରିକ ନୀତି ଓ ସମ୍ମାନ ଏବଂ ସାମାଜିକ ରୁଚି ଦୃଷ୍ଟିରୁ ଯେ କୌଣସି ସମ୍ବାଦପତ୍ର ଏବଂ ସାମ୍ବାଦିକଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରିପାରିବେ । ସେହିପରି ଯେ କୌଣସି ସମ୍ବାଦପତ୍ର ମଧ୍ୟ ତାହାର ନୀତି ଅନୁସରଣରେ ସରକାର କିମ୍ବା ଅସାମାଜିକ ବ୍ୟକ୍ତିଙ୍କର ହସ୍ତକ୍ଷେପ, ବଳପ୍ରୟୋଗ ଏବଂ ଅବାଞ୍ଛିତ କଟକଣା ବିରୁଦ୍ଧରେ ପ୍ରେସ୍ କାଉନ୍‌ସିଲ୍ ନିକଟରେ ଅଭିଯୋଗ କରିପାରିବେ । ଅନେକ ସମୟରେ ବିଧିବଦ୍ଧ ଅଭିଯୋଗ ନପାଇଲେ ମଧ୍ୟ ସମ୍ବାଦପତ୍ର ଓ ସାମ୍ବାଦିକଙ୍କର ସ୍ୱାଧୀନତା ଓ ନିରାପତ୍ତା ବିପନ୍ନ ହୋଇଥିବାର କୌଣସି ନିର୍ଭରଯୋଗ୍ୟ ଖବର ପାଇଲେ ସ୍ୱତଃପ୍ରବୃତ୍ତ ଭାବେ ବିଚାର ପାଇଁ ପ୍ରେସ୍ କାଉନ୍‌ସିଲ୍ ଉଦ୍ୟମ କରନ୍ତି ।

ଭାରତରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଘଟୁଛି । କମ୍ପ୍ୟୁଟର ବିପ୍ଳବ ପରେ ଛପା ଗଣମାଧ୍ୟମ ଆହୁରି ଅଗ୍ରଗତି କରିଛି । ଦୈନିକ ନୂଆ ସମ୍ବାଦପତ୍ର ଆତ୍ମପ୍ରକାଶ କରୁଛନ୍ତି । ପରିବର୍ତ୍ତିତ ରୁଚି ଓ ଆବଶ୍ୟକତାକୁ ଦେଖି ଖବରକାଗଜରେ ବିଭିନ୍ନ ଖବର ଓ ରୋଚକ ସ୍ତମ୍ଭ ପ୍ରକାଶ ପାଉଛି ।ବିକଶିତ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଖବରକାଗଜର ସ୍ଥିତି ଭଲ ରହିଛି । ଭାରତରେ ଖବରକାଗଜ ସଂଖ୍ୟାରେ ପ୍ରସାର ବାର୍ଷିକ ହାରାହାରି ୪.୮୭ ପ୍ରତିଶତ ହାରରେ ବଢୁଛି । ସାମ୍ବାଦିକତାକୁ ଏକ ଉନ୍ନତ ବୃତ୍ତିରେ ପରିଣତ କରାଯାଉଛି । ଏହି ବୃତ୍ତିକୁ ଗ୍ରହଣ କରିବାକୁ ବହୁ ଯୁବକ ଆଗ୍ରହୀ ହେଉଛନ୍ତି । ଅନେକ ଯୁବକ ଉଚ୍ଚ ପାହ୍ୟା ସରକାରୀ ଚାକିରି ପରିତ୍ୟାଗ କରି ସମ୍ବାଦ ସେବାକୁ ଗ୍ରହଣ କରୁଛନ୍ତି । ସାମ୍ବାଦିକତା ଓ ଗଣଯୋଗାଯୋଗ ତାଲିମ ପାଇଁ ଶିକ୍ଷା ଅନୁଷ୍ଠାନମାନେ ପୁଞ୍ଜିନିବେଶ କରୁଛନ୍ତି । ଉଭୟ ମୁଦ୍ରିତ ଏବଂ ଇଲେକ୍‌ଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକମାନେ ଦିନରାତି ପ୍ରତିକୂଳ ପରିସ୍ଥିତିରେ କାମ କରୁଛନ୍ତି । ସରକାର ସାମ୍ବାଦିକଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରିଥିଲେହେଁ ସେମାନଙ୍କୁ ପେନ୍‌ସନ ଦେବାରେ ପଛଘୁଞ୍ଚା ଦେଉଛନ୍ତି । କର୍ଣ୍ଣାଟକ, ଆସାମ, କେରଳ, ଛତିଶଗଡ଼, ତାମିଲନାଡୁ, ଉତ୍ତରପ୍ରଦେଶ, ଝାଡଖଣ୍ଡ ଆଦି ରାଜ୍ୟରେ ପେନ୍‌ସନ ବ୍ୟବସ୍ଥା ହୋଇଛି । ୨୦୧୯ ମସିହାରେ ମଧ୍ୟପ୍ରଦେଶ ସରକାର ସାମ୍ବଦିକଙ୍କ ପାଇଁ ଦଶହଜାର ଟଙ୍କାର ପେନସନ ବ୍ୟବସ୍ଥା କରିଛନ୍ତି । ଅବଶ୍ୟ ଛତିଶଗଡରେ ସାମ୍ବାଦିକଙ୍କ ଚିକିତ୍ସା ଲାଗି ୩ ଲକ୍ଷ ଟଙ୍କା ଓ ମୃତ୍ୟୁରେ ୫ଲକ୍ଷ ଟଙ୍କା ସହାୟତା ଦିଆଯାଉଥିବା ବେଳେ ଆମ ରାଜ୍ୟରେ ସାମ୍ବାଦିକଙ୍କୁ ଦୁଇଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରାଯାଇଛି । ସାମ୍ବାଦିକମାନଙ୍କୁ କରୋନା ସମ୍ମୁଖ ଯୋଦ୍ଧା ଘୋଷଣା ଓ ବିତରକମାନଙ୍କୁ ସାମାଜିକ ସୁରକ୍ଷା ବଳୟକୁ ଅଣାଯିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ସେମାନଙ୍କ ମନୋବଳକୁ ଦୃଢ଼ କରିବ ।





***ଭୁବନ, ଢେଙ୍କାନାଳ***

***ମୋ–୯୪୩୭୭୨୯୩୮୪***


# ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ




ଆଜି ହେଉଛି ଜାତୀୟ ପ୍ରେସ୍ ଦିବସ । ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ । ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା । ଉଦ୍ଦେଶ୍ୟଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା । ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତାର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି । ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ । ସେଥିପାଇଁ ପ୍ରତିବର୍ଷ ବଭିନ୍ନ ଆଲୋଚନା ଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି ।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ । ସେମାନେ ହେଲେ– ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ । ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶି । ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି । ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର–ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ଼ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡ଼ିଆ ତା'ର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା । ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା । ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।




ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ । ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା । ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢ଼ିଛି । ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡ଼ିଛ । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା' ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ । ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି ।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବର ମାନ ପହଞ୍ଚାଉଥିଲେ । ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ । ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ତେର ମଧ୍ୟ ପାଆନ୍ତି ନାହିଁ । ମୋବାଇଲ୍, କମ୍ପ୍ୟୁଟର୍, ଇଣ୍ଟର୍‌ନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍‌ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି । ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ–ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ–ଜୀବିକାର ମାଧ୍ୟମ ହୋଇଛି ।



ସାଂପ୍ରତିକ ସମୟରେ ଜୀବନ– ଜୀବିକାର ଦାୟିତ୍ୱ ବଢ଼ିବାରେ ଲାଗିଛି । ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି । ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି । ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ । କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ିଆସିବ ।

ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡ଼ିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ । ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢ଼ିବାରେ ଲାଗିଛ । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି । ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ'ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ' ରୁ 'ଜିରୋ' କରିଦେଉଛି । ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର । ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ । କିଏ ବା ନଜାଣିଛି ଏକଥା– ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ । କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ଗଣମାଧ୍ୟମ ତାର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ । ଏହାହିଁ ଜାତୀୟ ଗଣମାଧ୍ୟମ ଦିବସର ଅନୁଚିନ୍ତା ।


***ହିମାଂଶୁ ଶେଖର ଆଚାର୍ଯ୍ୟ***

***ମୋ. ୯୯୩୭୧୫୧୦୫୨***




ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ନଭେମ୍ବର ୨୦୨୫ । ରବିବାର

## ସ୍ୱତନ୍ତ୍ର ଶିଶୁ ଥେରାପି କେନ୍ଦ୍ର ଉଦ୍‌ଘାଟିତ

**କେନ୍ଦ୍ରାପଡା,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ କେନ୍ଦ୍ରାପଡ଼ା ଜିଲ୍ଲାରେ ଥେରାପି ସେବା, ଭିନ୍ନକ୍ଷମଙ୍କ ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ପକ୍ଷରୁ ଏକ ସ୍ୱତନ ଶିଶୁ ଥେରାପି କେନ୍ଦ୍ର କେନ୍ଦ୍ରାପଡ଼ା ସହରର ମାଧପୁର ସ୍ଥିତ ଅମର ଉଦ୍ୟାନ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଥେରାପି କେନ୍ଦ୍ରରେ ନିୟୋଜିତ ଥିବା ଫିଜିଓଥେରାପିଷ୍ଟ, ଅକ୍ୟୁପେଶନାଲ୍ ଥେରାଥେରାପିଷ୍ଟ, ସ୍ପିଚ ଥେରାପିଷ୍ଟ ଓ ସ୍ପେଶାଲ ଏଜୁକେଟର ପ୍ରମୁଖ ରହି ମସ୍ତିଷ୍କ ପକ୍ଷାଘାତ, ଚଳନ ଶକ୍ତି ବାଧିତ, ଅଟିଜିମ୍ ଓ ବିବିଧ ବିକାଶ ବାଧିତ ଶିଶୁଙ୍କୁ ଥେରାପି ସେବା ପ୍ରଦାନ କରିବେ। ମୁଖ୍ୟଅତିଥି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର, ଭାପ୍ରସେ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ବିଶିଷ୍ଟ ଅତିଥିମାନେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ ଚନ୍ଦ୍ର ନାୟକ, ବିଶିଷ୍ଟ ସମାଜସେବୀ ଲୋକପ୍ରିୟ ଚିକିତ୍ସାବିତ୍ ଡା. ବିଶ୍ୱ ପ୍ରକାଶ କାନୁନଗୋ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ପ୍ରମୁଖ ଯୋଗଦେଇ ଏହା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କ ଚିକିତ୍ସା ଏକ ପ୍ରମୁଖ କେନ୍ଦ୍ର କାର୍ଯ୍ୟ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଆବଶ୍ୟକ ଉପକରଣ, ବାଧକ ବିହୀନ ଖସଡ଼ା, ପରିଶ୍ରାଗାର, ସାଜସଜ୍ଜା ଆଦି ଦେଖି ଅତିଥିମାନେ ସନ୍ତୋଷ ପ୍ରକାଶ କରିଥିଲେ। ପୁନର୍ବାସର ଉପଦେଷ୍ଟା ତଥା ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଫିଜିଓ ଥେରାପିଷ୍ଟ ଗୁଞ୍ଜନ୍, ସ୍ପିଚି ଥେରାପିଷ୍ଟ ଶିବାନୀ ଭୋଳ ଦିଆଯାଉଥିବା ଥେରାପି ଉଟିକ୍ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁନର୍ବାସର ସଂଯୋଜକ ସଞ୍ଜୀବ ଜେନା, ରଞ୍ଜନ ଦାସ, ସ୍ୱପ୍ନାଶ୍ୱଶୁ କୁମାର ଦାସ, ଅକ୍ଷୟ କୁମାର ପାଣି, ମହମ୍ମଦ ଜାହିଦ ଖାଁ, ନିରଞ୍ଜନ ମେକାପ, ଶେଷଦେବ ଦାସ, ଜ୍ୟୋତି ରଞ୍ଜନ ନାୟକ ଓ ପୁନର୍ବାସ କର୍ମକର୍ତ୍ତା, କର୍ମଚାରୀମାନେ ସହଯୋଗ କରିଥିଲେ। ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକମାନେ ଯୋଗଦେଇ ପିଲାମାନଙ୍କ ଅଭିବୃଦ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**କେନ୍ଦ୍ରାପଡା,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଟାଉନ୍ ହାଇସ୍କୁଲ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ୍ ଆର୍ ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ପ୍ରାଣୀ ସମ୍ପଦ ବିଭାଗର ସହକାରୀ ନିର୍ଦ୍ଦେଶକ ମନୀଷ ସିଂ, ଏସ୍‌ଡିଭିଓ ସୁଧାଂଶୁ ସାମନ୍ତରାୟ, ବିଡିଓ ଅଭିଷେକ ସ୍ୱାଇଁ, ଏଡିଭିଓ ବିକାଶ ବେହେରା, ସାଂସଦଙ୍କ ପ୍ରତିନିଧି ଅମିତାଭ ସୁଆର, ଏଏଫ୍‌ଓ ମୋନାଲିସା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ। ମତ୍ସ୍ୟ ଚାଷ, ଗୋପାଳନ, ଛେଳି, ମେଣ୍ଢା, ପୋଖରୀ ଖନନ, ପୁରାତନ ପୋଖରୀର ପୁନରୁଦ୍ଧାର ପ୍ରଭୃତି ଯୋଜନାଗୁଡ଼ିକରେ ଚାଷୀଙ୍କୁ ସହଜ ଉପାୟରେ ଋଣ ପ୍ରଦାନ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଚାଷୀମାନଙ୍କ ପାଇଁ ୮ଟି ଷ୍ଟଲ୍ ଖୋଲା ଯାଇଥିଲା। ଏଏଫ୍‌ଓ ମୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ ଓ ଭିଏସ୍ ପ୍ରୀତମ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ମା’ମଙ୍ଗଳା ପୀଠରେ ଚଣ୍ଡୀଯଜ୍ଞ

**କେନ୍ଦ୍ରାପଡା,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କପାଳେଶ୍ୱର ଗ୍ରାମର ମା’ମଙ୍ଗଳା ପୀଠରେ ଏକ ଦିବସୀୟ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୁରୋଧା ରବିନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚଣ୍ଡୀଯଜ୍ଞରେ ସୌରା ପଣ୍ଡା, ଟୁକୁ ନନା, ଅଜୁ ଓ ରାଜୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କଳସ ଯାତ୍ରାରେ ୨୦ଜଣ ଅଂଶଗ୍ରହଣ କରିଥିଲେ। ରାତ୍ରରେ ପୂର୍ଣ୍ଣାହୂତି କରାଯାଇ ଯଜ୍ଞ ସମାପନ କରାଯାଇଥିଲା।

## ଫର୍ଣ୍ଣିଚର ଦୋକାନରେ ଅଗ୍ନିକାଣ୍ଡ

**କଟକ,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଖଟବିନ ସାହିରେ ଶୁକ୍ରବାର କଲିକତା ସୋଫା ସେଣ୍ଟର ନାମକ ଏକ ଫର୍ଣ୍ଣିଚର ଦୋକାନାରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ । ସୂଚନା ମୁତାବକ, ଶେଖ ଅବଦୁଲ ଲତିବଙ୍କ କଲିକତା ସୋଫା ଦୋକାନରେ ଦିନ ୧୧ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଦୋକାନରେ ଥିବା ସୋଫା ଏବଂ ଆନୁସଙ୍ଗିକ ସାମଗ୍ରୀରେ ନିଆଁ ଲାଗିଯିବା ସହିତ ଶୀଘ୍ର ଦୋକାନ ଚାରିପାଖରେ ଏହା ବ୍ୟାପି ଯାଇଥିଲା । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ ସଟ୍ ସରକିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଅଗ୍ନିଶମ ବିଭାଗ ପକ୍ଷରୁ ସଂପତ୍ତି କ୍ଷୟକ୍ଷତିର ଆକଳନ କରାଯାଇନଥିବା ଜଣାପଡ଼ିଛି ।

## ନିଆରା ଢଙ୍ଗରେ ପାଳିଲେ ଶିଶୁ ଦିବସ




**ଛତ୍ରପୁର,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଛତ୍ରପୁର ସହରରେ ଅବସ୍ଥାପିତ ୟୁରୋ ସ୍କୁଲ ପକ୍ଷରୁ ଶିଶୁ ଦିବସକୁ ନିଆରା ଢଙ୍ଗରେ ପାଳିତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଓ ଭୌତିକ ଶିକ୍ଷାର ବିକାଶ କ୍ଷେତ୍ରରେ ସ୍କୁଲ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବେଳେ ଶିଶୁ ଦିବସରେ ଛାତ୍ରଛାତ୍ରୀଙ୍କ ପାଇଁ ‘ଫନ୍ ଫେୟର’ ତଥା ମଜା ମେଳାର ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଓ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ମଧ୍ୟ ସାମିଲ ହୋଇ ଆଜି ଦିନର କାର୍ଯ୍ୟକ୍ରମକୁ ଏକ ଅଭୁଲା ତଥା ସ୍ମୃତିର ଦିନ ଭାବେ ଅନୁଭବ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ନିମନ୍ତେ ମନୋରଞ୍ଜନ ଖେଳ, ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ ବେଶ୍ ଉପଭୋଗ କରିଛନ୍ତି। ପ୍ରାରମ୍ଭରେ ସ୍କୁଲର ପ୍ରିନ୍ସପାଲ ତପସ୍ୱିନୀ ସାହୁ, ଏକାଡେମୀ ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହୁରୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

# ପାରା ଆଥ୍‌ଲେଟିକଙ୍କୁ ହୁଇଲଚେୟାର ପାଇଁ ପତ୍ର

**ଯାଜପୁର,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଦିନ ଜଣେକା ପାରା ଆଥ୍‌ଲେଟିକ ହୁଇଲଚେୟାର ନିମନ୍ତେ ଜିଲା ପ୍ରଶାସନକୁ ଏକ ନିବେଦନ ପତ୍ର ପ୍ରଦାନ କରିଥିଲେ। ସୂଚନା ମୁତାବକ ସୁକିନ୍ଦା ବ୍ଲକ ବର୍ତ୍ତଣ୍ଡା ପଞ୍ଚାୟତ ସୋଲାପୁର ଗ୍ରାମର ୨୬ ବର୍ଷୀୟା ନିତୁ ପ୍ରଧାନ ହେଉଛନ୍ତି ଜଣେ ପାରା ଆଥ୍‌ଲେଟିକ। ସେ ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ-୨୦୨୫ରେ ଡିସ୍‌କସ୍ ଥ୍ରୋ ଖେଳି ସ୍ୱର୍ଣ୍ଣପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ। ଏହି ହୁଇଲ ଚେୟାରରେ ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ଖେଳିବା ପାଇଁ ସୁବିଧା ହୋଇଥାଏ। ମାତ୍ର ସ୍ୱର୍ଣ୍ଣ ପଦକ ବିଜୟିନୀ ନିତୁ ପ୍ରଧାନଙ୍କୁ ଅଦ୍ୟାବଧି ନିଓମୋସନ ହୁଇଲ ଚେୟାର ମିଳିପାରିନାହିଁ। ରାଜ୍ୟର ସମସ୍ତ ଜିଲ୍ଲାରେ ପାରା ଆଥ୍‌ଲେଟିକସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲାର ଅଦ୍ୟାବଧି କୌଣସି ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ଦିଆଯାଇନାହିଁ। ଯାହାକୁ ନେଇ ପାରା ଆଥଲେଟିକ ଖେଳାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାରା ଆଥଲେଟିକ ଖେଳାଳିଙ୍କୁ ରାଜ୍ୟ ସରକାର ଖେଳରେ ଗୁରୁତ୍ୱ ଦେଉଥିବା ବେଳେ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବା କେତେଦୂର ଯଥାର୍ଥ ବୋଲି ଅଭିଯୋଗ କରିଛନ୍ତି। ନିତୁଙ୍କୁ ଏହି ହୁଇଲ ଚେୟାର ସରକାରଙ୍କ ପକ୍ଷରୁ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରିଣୀ ଜାନକୀ ହେମ୍ବ୍ରମଙ୍କୁ ପଚାରିବାରେ ପାରା ଆଥଲେଟିକ ଖେଳାଳି ତାଙ୍କ ପାଖକୁ ଆସିନଥିବା ବେଳେ ଜିଲ୍ଲାପାଳଙ୍କୁ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏହି ପତ୍ର ଆମ କାର୍ଯ୍ୟାଳୟକୁ ଆସିଲେ ନିଶ୍ଚୟ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ।



## ମଧୁମେହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**କଟକ,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନ ଲୋକମାନଙ୍କର ଜୀବନ ଶୈଳୀରେ ବ୍ୟାପକ ପରିବର୍ତ୍ତନ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବିଶେଷ କରି ପ୍ରତିଦିନ ଜଙ୍କ ଫୁଡ୍ ଖାଇବା, ଅତ୍ୟଧିକ ଆମିଷ ଖାଦ୍ୟ ସେବନ, ଅଧିକ ତେଲଭାଜି ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ ନ କରିବା ଦ୍ୱାରା ଜଣଙ୍କ ଶରୀରରେ ମଧୁମେହ ରୋଗ ଦେଖା ଦେଇଥାଏ। ତେବେ ମଧୁମେହ ରୋଗ ସମ୍ପର୍କରେ ବିଭିନ୍ନ ସମୟରେ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଥାଏ। ଏଣୁ ଜଣେ ବ୍ୟକ୍ତି ମଧୁମେହ ରୋଗରେ ଆକ୍ରାନ୍ତ ନହେବା ପର୍ଯ୍ୟନ୍ତ ସେ ସମସ୍ତ ପ୍ରକାରର ଖାଦ୍ୟ ଖାଇବା ଉଚିତ୍ ବୋଲି ୱାର୍ଲ୍ଡ ଡାଇବେଟିସ୍ ଡେ ପାଳନ ଅବସରରେ ମତ ପ୍ରକାଶ ପାଇଛି। ହୋଟେଲ୍ ଆକବରୀ ପରିସରରେ ‘ଦିବ୍ୟ ଆଦିତ୍ୟ ଡାଏବେଟିକ୍ କେୟାର୍’ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ଆଦିତ୍ୟ ବିକ୍ରମ ମିଶ୍ର ଯୋଗଦେଇ ମଧୁମେହ ରୋଗର ବିଭିନ୍ନ କାରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମଧୁମେହ ରୋଗକୁ ପ୍ରତିରୋଧ କରିବା ପାଇଁ ହେଲେ ଧୈର୍ଯ୍ୟ ରଖିବାକୁ ପଡିବ ଓ ପ୍ରତ୍ୟେକ ଦିନ ବ୍ୟାୟାମ ସହିତ ଠିକ୍ ସମୟରେ ଔଷଧୀୟ ଉପଚାର ଜରୁରୀ । ସେ କହିଲେ ଯେ ପଖାଳ ଭଳି ଖାଦ୍ୟର ଗୁଣ ଇନସୁ୍ୟଲିନ୍ ସେନ୍‌ସିଟିଭିଟି ବଢ଼ାଇଥାଏ। ଏହି ମର୍ମରେ ସେ ପ୍ରତ୍ୟେକ ଖାଦ୍ୟ ଶରୀର ପାଇଁ ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି କହିଥିଲେ। ମଧୁମେହ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବହୁମୂଲ୍ୟ ଜୀବନ ବଂଚାଉଥିବା ଡାକ୍ତରଙ୍କୁ ଭଗବାନଙ୍କ ସହିତ ତୁଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଏସ୍‌ପି ମିଶ୍ର, ବିଦ୍ୟାଧର ନାୟକ, ହିମାଦ୍ରୀ ତନୟା ମିଶ୍ର, ଦିପ୍ତୀରେଖା ମିଶ୍ର ପ୍ରମୁଖ ଯୋଗଦେଇ ମଧୁମେହ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

## ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ଧାରଣା

**ଶେରଗଡ,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି ନେଇ ଶନିବାର ସକାଳେ ସ୍କୁଲ ଗେଟରେ ତାଲା ପକାଇ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ କୃଷ୍ଣଛାଇ ପଞ୍ଚାୟତର ବି.ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଘଟଣା କ୍ରମେ, ବି.ବ୍ରହ୍ମପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଲାଗି ୭ଜଣ ଶିକ୍ଷକ ଥିବାବେଳେ ଜଣଙ୍କୁ କିଛି ଦିନ ପୂର୍ବରୁ ଡେପୁଟେସନ ଲାଗି ନିର୍ଦ୍ଦେଶ ଆସିଥିଲା ଏବଂ ଇତି ମଧ୍ୟରେ ୬ ଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟରେ ପାଠପଢା ଜାରି ରହିଥିଲା। ଏହି ଶିକ୍ଷକ ଜଣଙ୍କ ଡେଙ୍ଗାପଦର ବିଦ୍ୟାଳୟକୁ ସପ୍ତାହରେ ୫ ଦିନ ଯାଉଥିଲେ ଏବଂ ଏଠାକୁ ଗୋଟିଏ ଦିନ ଆସୁଥିଲେ। ଏହି ଦିନେ ଦୁଇ ଦିନ ମଧ୍ୟରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସାଲବେଗ ଶତପଥିଙ୍କୁ ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚବିଦ୍ୟାଳୟକୁ ସପ୍ତାହରେ ତିନି ଦିନ ଡେପୁଟେସନରେ ଯାଇ ପଢାଇବା ଲାଗି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ଏହି ନିର୍ଦ୍ଦେଶକୁ ବିରୋଧ କରି ଶନିବାର ସକାଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଫାଟକ ସାମନାରେ ବସିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କର ଦାବି ହେଲା, ଆମର ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ନିର୍ଦ୍ଦେଶକୁ ବାତିଲ କରି ଆମ ବିଦ୍ୟାଳୟରେ ହିଁ ସବୁ ଦିନ ପଢାଇବେ ଏବଂ ଆମର ବଳକା ଥିବା ଚଳିତ ବର୍ଷର ପାଠ୍ୟକ୍ରମ ଶେଷ କରିବେ, ଏହି ଦାବିରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଡେପୁଟେସନ ନିର୍ଦ୍ଦେଶ ଥିବା ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟର ଫାଟକ ଖୋଲାଯାଇଥିଲା ଏବଂ ବିଦ୍ୟାଳୟରେ ପାଠପଢା କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ଡାକୁଆ, ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ଅଭିଭାବକମାନେ ଧାରଣା ସମୟରେ ଉପସ୍ଥିତ ଥିଲେ।

## ଇଣ୍ଡିଆନ ଏନର୍ଜି କଂଗ୍ରେସର ‘ଅକ୍ଷୟ ଶକ୍ତିର ଆବଶ୍ୟକତା’ ଶୀର୍ଷକ ଜାତୀୟ ଆଲୋଚନା ଚକ୍ର

**କୋଲକତା,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଶନିବାର ପୂର୍ବାହ୍ନରେ କୋଲକାତା ସ୍ଥିତ ଆଇଆଇଇଏସଟି ସମ୍ମିଳନି କକ୍ଷରେ ଦୁଇ ଦିନିଆ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଇଣ୍ଡିଆନ ଏନର୍ଜି କଂଗ୍ରେସ ଓ ଆଇଆଇଇଏସଟି ବିଦ୍ୟୁତ୍ ବିଭାଗ ଆନୁକୂଲ୍ୟରେ ଏବଂ ବ୍ରହ୍ମପୁର ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ସହଯୋଗିତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଧାନବାଦ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ଉଦଘାଟନ କରି ଭବିଷ୍ୟତରେ ଶକ୍ତି ସଙ୍କଟକୁ ମୁକାବିଲା କରିବା ପାଇଁ ଅକ୍ଷୟ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ।

ଏନର୍ଜି କଂଗ୍ରେସର ସଭାପତି ଡ଼. ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଇଆଇଇଏସଟିର ନିର୍ଦ୍ଦେଶକ ପ୍ରଫେସର୍ ଭିଏମଏସଆର ମୂର୍ତ୍ତୀ ବିଶିଷ୍ଟ ଅତିଥି, ନିଷ୍ଟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଡ଼. ସୁକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏନର୍ଜି କଂଗ୍ରେସର ମହାସଚିବ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ବିଷୟବସ୍ତୁର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ପ୍ରଫେସର ଅପରାଜିତା ସେନଗୁପ୍ତ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଡ଼. ସ୍ୱାଇଁ ତାଙ୍କ ଅଭିଭାଷଣରେ ୨୦୪୭ର ବିକଶିତ ଭାରତ ପାଇଁ ଅକ୍ଷୟ ଶକ୍ତିର ଉତ୍ପାଦନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ମୂର୍ତ୍ତୀ ଭବିଷ୍ୟତରେ ଶକ୍ତିର ଚାହିଦାକୁ ସମ୍ମୁଖୀନ ହେବା ପାଇଁ ଉଚାଙ୍ଗ ଗବେଷଣାର ଆବଶ୍ୟକତା ସମ୍ପର୍କରେ କହିଥିବା ବେଳେ ସମ୍ମାନିତ ଅତିଥି ଡଃ ମହାପାତ୍ର ଅକ୍ଷୟ ଶକ୍ତିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ସିକେ ଚନ୍ଦା, ପ୍ରଫେସର ଶୁଭ୍ରାଂସୁ ସାମନ୍ତରାୟ, ଡଃ ଅତନୁ ବାନାର୍ଜୀ, ଡଃ ପାରମିତା ଚଟୋପାଧ୍ୟାୟ, ଡଃ କନିକା ଦାସ ଭଟ୍ଟାଚାର୍ଯ୍ୟ, ଓପିବିସିର ପରିଚାଳନା ନିର୍ଦ୍ଦେଶକ ଇଂ କେଦାର ପାଣ୍ଡୁ, ଡଃ ଦିବାକର ସ୍ୱାଇଁ, ଆମେରିକାର ବିଶିଷ୍ଟ ବୈଜ୍ଞାନିକ ଡଃ ଲୋଭ ଖେର ପ୍ରମୁଖ ବିଭିନ୍ନ ଅଧିବେଶନରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଇଂ. ପବିତ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଇଂ ଶିଶିର କୁମାର ସାହୁ, ଇଂ ସୁଶାନ୍ତ କୁମାର ସେଠୀ, ଇଂ ସୁଚିତ୍ରା ସାହୁ ପ୍ରମୁଖ କାର୍ଯକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ରାଷ୍ଟ୍ରୀୟ ଶିଶୁ ଦିବସ

**ଭୁବନେଶ୍ୱର,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଦ୍ୱାରା ୭ମ ବାଟାଲିୟମ ଉଚ୍ଚ ବିଦ୍ୟାଳୟ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଶିଶୁ ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ଆରକ୍ଷୀ ଅଧ୍ୟକ୍ଷ ବିନୟ କୁମାର ଦାଶ ଓ ଅନ୍ୟ ଦିବଂଗତ ସଭ୍ୟମାନଙ୍କର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶିଷ୍ଟ ସମାଜସେବୀ ପ୍ରହଲ୍ଲାଦ କୁମାର ସିହ୍ନା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଦ୍ୟନାଥ ନାୟକ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଧଳ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ। ଅତିଥିମାନେ ତାଙ୍କ ବକ୍ତବ୍ୟତ୍ୱର ଶିଶୁ ଦିବସର ତାପର୍ଯ୍ୟ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୀବନୀ ଉପରେ ଉଦବୋଧନ ଦେଇ ତାଙ୍କ ଆର୍ଦଶରେ ଅନୁପ୍ରାଣି ହୋଇ ଦେଶ ଗଠନରେ ଯୋଗଦେବା ପାଇଁ ଦିଗଦର୍ଶନ ଦେିଥିଲେ। ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ଓ ୬ଷ୍ଠ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ନାୟକ ତାଙ୍କ ବ୍ୟକ୍ତବ୍ୟ ରଖିଥିଲେ। ୭ମ ବାଟାଲିୟମ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ର ଶୁଭେନ୍ଦୁ ବରାଡ ଓ ୯ମ ଶ୍ରେଣୀ ଛାତ୍ରୀ ପ୍ରିତି ମହାରଣାଙ୍କୁ ମେଧା ସମ୍ମାନ ରେ ସମ୍ମାନିତ କରାଯାଇ ଏକ ହଜାର ଟଙ୍କା ଲେଖାଏ ଅର୍ଥ ରାଶି, ୯ମ ଶ୍ରେଣୀ ଛାତ୍ରୀ ଲିସା ବିଶ୍ୱାଳଙ୍କୁ କ୍ରିଡା ସମ୍ମାନରେ ସମ୍ମାନିତ କରାଯାଇ ୨ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ସମିତି ତରଫରୁ ପ୍ରଦାନ କରାଯାଇଥିଲା। ଜେଜେଙ୍କ ଯନ୍ ରଚନା ଉପରେ ଭୁବନେଶ୍ୱରର ୧୬ଟି ଉଚ୍ଚ ବିଦ୍ୟାଳୟକୁ ନେଇଥିବା ୯୨ଜଣ ଛାତ୍ର ଓ ଛାତ୍ରୀଙ୍କୁ ଅତିଥିମାନେ ସତ୍ୟବାଦୀର ପଖପ୍ରାଣ ଓ ରମାଦେବୀ ପୁସ୍ତକ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ନାୟକଙ୍କୁ ପୁଷ୍ପହାର ଓ ପଗଡି ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ, କ୍ରୀଡା ସମ୍ପାଦକ ସୁବେଶ ଚନ୍ଦ୍ର ସାମଲ, ଉପସଭାପତି ସୁରେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ରାଧାନାଥ ମହାପାତ୍ର, ବିମଳ କୁମାର ମହାନ୍ତି, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ସୁକାନ୍ତ ଦାସ, ପ୍ରମିଳା ନାୟକ, ତପସ୍ୱିନୀ ଆରୁଖ, ସୁଖେଲୁ ଦାସ, ଜେବେନ୍ଦ୍ର ନାଥ ଶତପଥୀ, ହେମନ୍ତ ଚନ୍ଦ୍ର ଜେନା ପରିଚାଳନା କରିଥିଲେ ବୋଲି ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

## ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ

**ରାଜନଗର,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତସ୍ଥ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଶିଶୁ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନିଭାଇଥିବା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ହାତି, ଏସଏନ ସଂସ୍କୃତ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ ଓ ଅବସର ଗ୍ରହଣ କରିଥିବା ପଣ୍ଡିତ ନାରାୟଣ ପ୍ରଧାନ, ଶିକ୍ଷକ ଘନଶ୍ୟାମ ପରିଡ଼ା ଓ ଲିପିକ ରମାକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠକରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ମୁଖ୍ୟବକ୍ତା ରୂପେ ତୁଳସୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ତଥା କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ ଶିକ୍ଷାନୁଷ୍ଠାନ ସଂଘର ସଭାପତି ସୁବାସ ଚନ୍ଦ୍ର ପାଣି, ସମ୍ମାନିତ ଅତିଥି ରୂପେ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ରତ୍ନାକର ଦାସ ଓ ସତ୍ୟଶିବ ସୁନ୍ଦର ସଂସ୍କୃତ ବିଦ୍ୟାଳୟ , ନୂଆଗାଁର ପ୍ରଧାନ ପଣ୍ଡିତ ବଳରାମ ବାଗ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରୀ , ସମୟାନୁବର୍ତ୍ତୀ ଓ ବିଦ୍ୟାଧାୟି ହେବାକୁ ଉପଦେଶ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ସତୀଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ବୈକୁଣ୍ଠ ବିହାରୀ ବଳ, ବିଶ୍ୱମ୍ଭର ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଗୋଚର ଜମିରେ ସରକାରୀ ପ୍ରକଳ୍ପ ପାଇଁ ମସୁଧା

**ଗୋପ, ୧୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୋହନ ସରକାରଙ୍କ ପକ୍ଷରୁ ଗତ କିଛି ଦିନ ପୂର୍ବରୁ ଏକ ବିଜ୍ଞପ୍ତି ଜାରି ହୋଇଥିଲା ସମସ୍ତ ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ତୁରନ୍ତ ଉଚ୍ଛେଦ କରାଯିବ । ଅପରପକ୍ଷରେ ସରକାରୀ ଜମିକୁ କିପରି ଜବରଦଖଲ କରାଯିବ ସେଥିପାଇଁ ମାଫିଆମାନେ ଭାରି ତତ୍ପର । ଏଭଳି ଏକ ଅଭାନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଗୋପ ବ୍ଲକ ଅଧିନସ୍ଥ ବଉଲାଙ୍ଗ ପଞ୍ଚାୟତର ବରିମୁଣ୍ଡ ଗ୍ରାମରେ । କିଛି ମୁଷ୍ଟିମେୟ ଗୋଷ୍ଠୀ ନିଜର ସ୍ୱାର୍ଥ ପାଇଁ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମିକୁ ଜବରଦଖଲ କରିବାରେ ବ୍ୟସ୍ତ । ଯାହାଫଳରେ ଉକ୍ତ ଗ୍ରାମରେ ଗୋସମ୍ପଦ ପ୍ରତି ସଂକଟ ସୃଷ୍ଟି ଦେଖାଦେଲାଣି । ଏହାଦ୍ୱାରା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗୋଚାଷୀ ଜୀବନଜୀବିକା ପ୍ରଭାବିତ ହେବା ଭଳି ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି । ଉକ୍ତ ଅଞ୍ଚଳରେ ଗାଈଗୋରୁମାନଙ୍କୁ ଘାସ ମିଳୁ ନ ଥିଲା ବେଳେ ସେମାନଙ୍କ ଖାଦ୍ୟ ସଂକଟ ଉଗ୍ରରୂପ ଧାରଣ କରିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ସମୟରେ ଗୋଖାଦ୍ୟ ମୂଲ୍ୟ ବୃଦ୍ଧି ପାଇ ଥିବାରୁ ଏହି ଚାରଣ ଭୂମି ଜବରଦଖଲ ପରେ ଗାଈଗୋରୁମାନେ ଖାଦ୍ୟ ନ ପାଇବା ଯୋଗୁଁ ଘାସ ନ ପାଇ ଗୋଚାଷୀ ମାନଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବଉଲାଙ୍ଗ ଗ୍ରାମ ପଞ୍ଚାୟତ ଅଧିନସ୍ଥ ବରିମୁଣ୍ଡ ରାଜସ୍ୱ ନିରୀକ୍ଷକ ସର୍କଲ ଅଧିନରେ ଥିବା ବରିମୁଣ୍ଡ ଗ୍ରାମର ଖାତାନଂ- ୩୩୦,ପ୍ଲଟନଂ- ୬୪,୬୫ ଓ ୫୯ ରେ ରହିଥିବା ଗୋଚର ଜମିକୁ କିଛି ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମି ଜବରଦଖଲ କରିବା ଯୋଗୁଁ ସଂକଟ ମଧ୍ୟରେ ଗୋସମ୍ପଦ ରହିଥିବା ଦେଖିବାକୁ ମିଳିଛି । ଗୋଚର ଜମି ଜବରଦଖଲ ସମାସ୍ୟା ଯୋଗୁଁ ଖାଦ୍ୟ ନ ପାଇ ଗାଈଗୋରୁ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗୋପାଳନ କରି ପରିବାର ପ୍ରତିପୋଷଣ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ଗୋଚାଷୀ ମାନଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହେବା ସହ ଗୋଚାଷୀ ଆତ୍ମହତ୍ୟା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଗୋଚାଷୀ ମହଲରେ ଆଲୋଚନା ହେଉଛି । ବରିମୁଣ୍ଡ ଗ୍ରାମରେ ଗୋଚର ଜମି ଜବରଦଖଲ ଉଚ୍ଛେଦ କରି ଗୋସମ୍ପଦ ସୁରକ୍ଷା ପାଇଁ ଥିବା ଗୋଚର ଜମି ସଂରକ୍ଷିତ ରଖିବାକୁ ବରିମୁଣ୍ଡ ଗ୍ରାମର ଦିବ୍ୟ ସିଂହ ସ୍ୱାଇଁ, କମଳ କାନ୍ତ ବେହୁରା, କେଦାର ଚନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଶୋକ ବେହେରା ଓ ଅଜୟ କୁମାର ସ୍ୱାଇଁଙ୍କ ସମେତ ଶତାଧିକ ବ୍ୟକ୍ତି ଗୋପ ତହସିଲଦାର, ଗୋପ ବିଡ଼ିଓ ଓ ଗୋପ ଥାନା ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରା ନ ଗଲେ ଗୋସମ୍ପଦର ସୁରକ୍ଷା ପାଇଁ ଶତାଧିକ ଗୋଚାଷୀ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ସ୍ଥାୟୀ ସହରାଞ୍ଚଳ ବିକାଶ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଚିନ୍ତା

**କଟକ,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ‘ଶ୍ରୀ ଶ୍ରୀ ସେଣ୍ଟର ଫର୍ ସଷ୍ଟେନେବଲ୍ ବିଲ୍ଟ ଏନଭାଇରନମେଣ୍ଟ’ (ଏସଏସସି-ଏସବିଇ) ଏବଂ ‘ଫ୍ୟାକଲ୍ଟି ଅଫ୍ ଆର୍କିଟେକ୍‌ଚର’ ମିଳିତ ଭାବରେ ଆସନ୍ତା ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଏକ ପାଞ୍ଚଦିନିଆ ଅନଲାଇନ୍ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫଡିପି) ବା ଆଭାସୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛନ୍ତି। ସେଥିପାଇଁ ‘ସଷ୍ଟେନେବଲ୍ ଅର୍ବାନ୍ ଡେଭଲପମେଣ୍ଟ ବା ସ୍ଥାୟୀ ସହରାଞ୍ଚଳ ବିକାଶ ନିମନ୍ତେ ଟେକ୍ନୋଲୋଜି ଇଣ୍ଟିଗ୍ରେସନ୍ (ଏସଡିଜି ୯ ଏବଂ ୧୧)’ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, ଆର୍କିଟେକ୍‌ଚର ବିଭାଗ ଡିନ୍ ପ୍ରଫେସର ଅନିସା ଆଝାରୁନ୍ନିସା, ଏସଏସସି-ଏସବିଇ ନିର୍ଦ୍ଦେଶକ ଡ. ପାର୍ଥସାରଥୀ ମିଶ୍ର, ଆର୍କିଟେକ୍ଟ ରଥିନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଏବଂ ଆର୍କିଟେକ୍ଟ ଦେବାଶିଷ ଦାସ ଯୋଗ ଦେଇଥିଲେ। ଏହି ‘ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ’ରେ ଆଇଟିପିଆଇ, ଆଇଜିବିସି ଏବଂ ଇନଟାକ୍ ଓଡ଼ିଶା ସହ ମିଶି ବିଭିନ୍ନ ବିଭାଗର ବୃତ୍ତିଧାରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସ୍ଥାୟୀ ଶିକ୍ଷାଦାନ ଏବଂ ଗବେଷଣା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରାଯିବ। ଆୟୋଜିତ ହେବାକୁ ଯାଉଥିବା ଏଫଡିପିର ଗୁରୁତ୍ୱପୂର୍ଣ୍ଣ ସବ୍ ଥିମ୍ ଗୁଡ଼ିକ ମଧ୍ୟରେ ଉନ୍ନତ ଓ ସ୍ମାର୍ଟ ଭିତ୍ତିଭୂମି, ବିଆଇଏମ୍, କୃତ୍ରିମ ବୁଦ୍ଧିମତ୍ତା, ଗ୍ରୀନ୍ ବିଲଡିଂ ଏବଂ ନଗର ଯୋଜନା ପାଇଁ ଜିଆଇଏସ୍ ଇତ୍ୟାଦି ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ବିଜେପିର ବିଜୟ ଉତ୍ସବ

**ଯାଜପୁର,୧୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ନୂଆପଡ଼ା ଉପ ନିର୍ବାଚନରେ ବିପୁଳ ପରିମାଣ ଭୋଟରେ ବିଜେପି ପାର୍ଥୀ ଜୟ ଢ଼ୋଲକିଆ ବିଜୟ ହୋଇଥିବା ବେଳେ ବିହାର ବିଧାନସଭା ନିର୍ବାଚନରେ ବିଜେପି ଓ ସହଯୋଗୀ ଦଳ ବିପୁଳ ପରିମାଣରେ ବିଜୟ ଲାଭ କରିବା ପରେ ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଥିବା ବେଳେ ଅନୁରୂପ ଭାବେ ଯାଜପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ସହରସ୍ଥ ରାମ ମନ୍ଦିର ଠାରେ ଶତାଧିକ ବିଜେପି ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇ ବାଜା ବଜାଇ ବାଣ ଫୁଟାଇ ବିଜୟ ଉତ୍ସବ ମନେଇଥିଲେ। ଓଡ଼ିଶାରେ ମୋହନ ମାଝୀଙ୍କ ସରକାର ଲୋକଙ୍କ ବିଶ୍ୱାସ ଭାଜନ ହୋଇଥିବା ବେଳେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକ ପ୍ରିୟତା ସାରା ଦେଶକୁ ବ୍ୟାପିବାରେ ଲାଗିଛି। ଯାହାକି ଓଡ଼ିଶାର ନୂଆପଡ଼ା ଉପ ନିର୍ବାଚନ ଓ ବିହାର ବିଧାନସଭା ନିର୍ବାଚନ ଫଳାଫଳ ସ୍ପଷ୍ଟ ପ୍ରମାଣିତ କରୁଛି। ବିଜେପି ଲୋକଙ୍କର ଆସ୍ଥା ଭାଜନ ହୋଇପାରିଛି। ଏହି ଅବସରରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ଜିଲ୍ଲା ସମ୍ପାଦକ ସୁରଜଲାଲ ସାମଲ, ପୂର୍ବତନ ସରପଞ୍ଚ କୁଳମଣି ପରିଡ଼ା, ଶକ୍ତି ସୌରଭ ମହାପାତ୍ର, ଦେବାଶିଷ ମହାନ୍ତି, ସମ୍ବିତ ଶତପଥୀ, ତାରିଣୀ ବେହେରା, ମହେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଜେପି କର୍ମୀ ସାମିଲ ହୋଇଥିଲେ।

**AFFIDAVIT**

By virtue of an affidavit sworn before (Notary Public), Bhubaneswar, dated 14.11.2025, I, Gula Pradhan, At- Pananagar, Po- Rajsunakhala, PS- Bolagarh, Dist- Khordha, Pin-752065, Odisha declare that I have changed my name from Gul Pradhan to Gula Pradhan. Henceforth, I shall be known as Gula Pradhan for all purposes.

(Gula Pradhan)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୬ ନଭେମ୍ବର ୨୦୨୫ ● ରବିବାର


## ଗୁହାଳରୁ ୪୦ ମେଣ୍ଢା ଚୋରି

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଳକାଟି ଫାଣ୍ଡି ଅଧୀନ ସାତକାଣିଆ ଗ୍ରାମର ଜୟୀରାମ ବେହେରାଙ୍କ ଗୁହାଳ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୪୦ ମେଣ୍ଢା ଲୁଟି ନେଇଛନ୍ତି । ଜୟୀରାମ ଏ ସଂପର୍କରେ ବାଳକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ବାଳକାଟି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ । ହେଲେ ଲୁଟ ମେଣ୍ଢା ଓ ଲୁଟେରାଙ୍କ ସଂପର୍କରେ ପୁଲିସକୁ କିଛି ସୂଚନା ମିଳିପାରି ନାହିଁ । ସୂଚନା ଅନୁସାରେ ଜୟୀରାମଙ୍କ ଗୁହାଳ ଘରଠାରୁ ଅଳ୍ପ ଦୂରରେ । ଦୁର୍ବୃତ୍ତ ମେଣ୍ଢାମାନଙ୍କ ମୁହଁରେ ନିଶା ଔଷଧ ସ୍ପ୍ରେ କରି ଲୁଟ କରିଥିଲେ । ୮ଟି ଛୁଆ ମେଣ୍ଢା ଛାଡି ଦେଇ ଯାଇଛନ୍ତି । ମେଣ୍ଢାଗୁଡିକୁ ବୋଲେରୋ କିମ୍ବା ଟାଟାଏସ ଗାଡିରେ ଲଦି ପଳାଇଥିବା ଅନୁମାନ କରାଯାଉଛି ।

## ସୁରଭି ପ୍ରତିଯୋଗୀତାରେ ୩ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସ୍ତରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ଛାତ୍ର ଓ ୨ ଜଣ ଛାତ୍ରୀ ଯୋଗ୍ୟ ବିବେଚିତ ହୋଇ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିବା ଜଣାଯାଇଛି । ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ଦିତ୍ୱୀୟ ବର୍ଷର ଛାତ୍ରୀ ଶ୍ରଦ୍ଧା ସୋହାନୀ ଆଚାର୍ଯ୍ୟ ଚିତ୍ରକଳା ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଖଣ୍ଡପଡ଼ା ବ୍ଲକର ଶିଖରପୁର ପଞ୍ଚାୟତ ଅଧିନ ଉଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ପ୍ରଧାନ ବକ୍ତୃତା ପ୍ରତିଯୋଗୀତାରେ ୨ୟ ସ୍ଥାନ, ବେଣାଗାଡିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ର ସତ୍ୟଜିତ ବେହେରା ସାଧାରଣ ଜ୍ଞାନ ପ୍ରତିଯୋଗୀତାରେ ୨ୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି । ଛାତ୍ରଛାତ୍ରୀମାନଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ଗର୍ବ ଅନୁଭବ କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର କୃତିତ୍ୱ ଅର୍ଜନ କରିଥିବା ୩ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ଗଡ଼ ଇଟାପୋଖରୀ ଆଶ୍ରମ ସ୍କୁଲରେ ଜନଜାତୀୟ ଗୌରବ ଦିବସ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଆଶ୍ରମ ସ୍କୁଲରେ ପିତାମାତା ସହଭାଗିତା ବୈଠକ ଅନୁଷ୍ଠିତ ଓ ଜନ ଜାତୀୟ ଗୌରବ ଦିବସ ପାଳନ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ଭୋଦର ସିଆରସିସି ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ପାତ୍ର, ଚିନ୍ମୟ ମିଶ୍ର, କୃପାସିନ୍ଧୁ ସାଁ, ମନୋରଞ୍ଜନ କୁଣ୍ଡ, ସରୋଜିନୀ ସ୍ୱାଇଁ, ପରିଚାଳନା କମିଟିର ଉପ ସଭାପତି ସ୍ନିଗ୍ଧା ରାଣୀ ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ ବୈଠକରେ ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ପିତାମାତାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପିତାମାତା ସହଭାଗିତା ବୈଠକ କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର ମଲ୍ଲିକ, ପ୍ରଦେଶ ବସ୍ତିଆ, ଦେବ ଶବର, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସହିତ କର୍ମଚାରୀ ପ୍ରତିମା କାଣ୍ଡି, ସୁଭାଶିନୀ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଶିଶୁ ଦିବସ ପାଳନ ସହ ସଚେତନତା ଶିବିର




**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶନାରେ ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାସନ ଆମ୍ବ ଗାଁ, ହିଞ୍ଜିଳିକାଟୁ ପରିସରରେ ଶିଶୁ ଦିବସ ପାଳନ ସହ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୌଳିକ ଅଧିକାର, ପୋକସୋ ଆକ୍ଟ, ପୋସ ଆକ୍ଟ, ଜେଜେ (ସିପିସି) ଆକ୍ଟ ଉପରେ ଏହି ସଚେତନତା ଶିବିରରେ ଆଲୋଚନା ହୋଇଥଲା । ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ନାୟକ, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମ ଶେଷରେ ସନ୍ଦୀପ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟି ସଫଳତାର ସହିତ ସଚିବ ଡିଏଲଏସଏ, ଗଞ୍ଜାମଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

## ଗାଧୋଇବା ବେଳେ ନଦୀରେ ବୁଡ଼ି ଜଣେ ନିଖୋଜ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ପଂଚାୟତ ଏରଞ୍ଚ ଦେବୀ ନଦୀରେ ଶନିବାର ଅପରାହ୍ନରେ ଶୌଚ ହେବାକୁ ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଥିଲେ । ବ୍ୟକ୍ତି ଜଣକ ହେଲେ ନିଆଳି ଥାନା ଏରଞ୍ଚ ଗ୍ରାମର ପ୍ରତାପ ଭୋଇ(୭୫) । ମିଳିଥିବା ସୂଚନା ମୁତାବକ ଶନିବାର ଅପରାହ୍ନ ଚାରିଟା ସମୟରେ ଏରଞ୍ଚ ଗ୍ରାମ ନିକଟ ଦେବୀ ନଦୀରେ ପ୍ରତାପ ଗାଧୋଇବାକୁ ଆସି ଆଉ ଘରକୁ ଫେରିନଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ନଦୀ ତୁଠକୁ ଆସି ଖୋଜାଖୋଜି କରିଥିଲେ । ତୁଠରେ ସେମାନେ ପିନ୍ଧା ବସ୍ତ୍ର ପଡ଼ିଥିବା ଦେଖିଥିଲେ । ନଦୀରେ ସେ ବୁଡି ଯାଇଥିବା ସନ୍ଦେହରେ ପରିବାର ଲୋକେ ଥାନାରେ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ସହ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ ସଂଧ୍ୟା ସୁଧା ତାଙ୍କ ସନ୍ଧାନ ମିଳିନଥିଲା । ଖାଲି ହାତରେ ଓଡ୍ରାଫ ଟିମ ଓ ଅଗ୍ନୀ ସେବା ବାହିନୀ ଫେରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ନଦୀର ବିଭିନ୍ନ ଜାଗାରେ ଚୋରା ବାଲି ରହୁଥିବାରୁ ଏଭଳି ଘଟଣା ଘଟୁଛି ।

## ମଧୁମେହର ମୁକାବିଲା ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ ପରିଚାଳନା ଆବଶ୍ୟକ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



ସାମଗ୍ରିକ ଯତ୍ନ, କାର୍ଯ୍ୟ କ୍ଷେତ୍ରରେ ସହଯୋଗାତ୍ମକ ପରିବେଶ ସୃଷ୍ଟି ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ପରିଚାଳନା ଦ୍ୱାରା ହିଁ ମଧୁମେହ ଭଳି ବ୍ୟାଧିକୁ ମୁକାବିଲା କରିହେବ ବୋଲି ଶୁକ୍ରବାର ବିଶେଷଜ୍ଞ ମତ ଦେଇଛନ୍ତି ।

ବର୍ତ୍ତମାନ ମୋଟାପଣ ଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାୟତଃ ଟାଇପ୍ ୨ ଡାଇବେଟିସ୍ ସମସ୍ୟା ଦେଖାଦେଉଛି । ଏ ନେଇ ଆଗୁଆ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ ବୋଲି କଟକ ଏସସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର (ଡାକ୍ତର) ମନୋଜ କୁମାର ବଳିୟାରସିଂହ କହିଛନ୍ତି । ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଆୟୋଜିତ ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଯୋଗ ଦେଇ ପ୍ରଫେସର ବଳିୟାରସିଂହ କହିଥିଲେ ଯେ ସାରା ବିଶ୍ୱରେ ପ୍ରାୟ ୫୮.୯ କୋଟି ମଧୁମେହ ରୋଗୀ ରହିଥିବା ବେଳେ କେବଳ ଭାରତରେ ଅଛନ୍ତି ୧୦.୭ କୋଟି ରୋଗୀ । ସାରା ଭାରତରେ ମଧୁମେହ ରୋଗୀଙ୍କ ମଧ୍ୟରୁ ସହରାଂଚଳରେ ୧୦.୨ ପ୍ରତିଶତ ରୋଗୀ ରହିଥିବା ବେଳେ ଗ୍ରାମାଂଚଳରେ ୭ ପ୍ରତିଶତ ରୋଗୀ ଅଛନ୍ତି ବୋଲି ସେ କହିଛନ୍ତି । ବିଶ୍ୱ ମଧୁମେହ ଦିବସ ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ମଧୁମେହ ରୋଗର ନିରାକରଣ ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା । ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଏଣ୍ଡୋକ୍ରାଇନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଜୟଭାନୁ କନୱର, ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସମୀର ସାହୁ ଓ ମେଡିସିନ୍ ସ୍ପେଶିଆଲିଷ୍ଟ ପ୍ରଫେସର ଲଳିତ ମେହେର ବକ୍ତବ୍ୟ ରଖିଥିଲେ । ନଭେମ୍ବର ୧୪ ତାରିଖ ଯାହାକି ନୋବେଲ ପୁରସ୍କାର ବିଜେତା ସାର ଫ୍ରେଡରିକ୍ ବ୍ୟାଂଟିକ୍‌ଙ୍କ ଜନ୍ମ ଦିବସ ସେହି ଦିବସ ପରିପ୍ରେକ୍ଷୀରେ ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଥାଏ । ସାର ଫ୍ରେଡରିକ୍ ବ୍ୟାଂଟିକ ମଧୁମେହ ରୋଗର ଚିକିତ୍ସା ପାଇଁ ଇନ୍ସୁଲିନ୍ ଆବିଷ୍କାର କରିଥିଲେ ଯେଉଁଥି ପାଇଁ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପନ୍ଦରା ସମାଜ ପକ୍ଷରୁ ଶିଶୁମାନଙ୍କୁ ପୁରସ୍କାର ବିତରଣ

**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**



ଶିଶୁ ଦିବସ ଅବସରରେ ବାର୍ଷିଙ୍ଗି ପଞ୍ଚାୟତ ପନ୍ଦରା ସମାଜ ପକ୍ଷରୁ ସମାଜ କୋଠଘରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପନ୍ଦରା ସମାଜର ସଭାପତି ସଞ୍ଜୟ ବାଡତ୍ୟା ପରିଚାଳନା କରିଥିବା ବେଳେ ଗଞ୍ଜାମ ଜିଲ୍ଲା ପନ୍ଦରା ସମାଜର କୋଷାଧକ୍ଷ ସନ୍ତୋଷ କୁମାର ବାଡତ୍ୟା ମୁଖ୍ୟ ଅତିଥି ଏବଂ ବଡଗଡ ତାଲୁକା ପନ୍ଦରା ସମାଜର ଉପସଭାପତି ବନବାସ ବାଡତ୍ୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୂଳପ୍ରେମୀ ବ୍ୟକ୍ତିମାନଙ୍କୁ ସମାଜର ନୀତି ନିୟମ ମାନି ଚଳିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ବାପାମାଙ୍କ କଥାମାନି ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବା ଲାଗି ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଦଶମ, ଦ୍ୱାଦଶ, ସ୍ନାତକ ଶ୍ରେଣୀରେ ପାସ କରିଥିବା ଚାରି ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର, ପାଠ୍ୟ ଉପକରଣ ଏବଂ ପୁରସ୍କାର ପ୍ରଦାନ କରିଥିଲେ । ତତସହିତ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜର ଉପସଭାପତି କରୁଣାକର ବାଡତ୍ୟା, ସମ୍ପାଦକ ମିଟୁ ବାଡତ୍ୟା, ସହସମ୍ପାଦକ ଟୁକୁନା ବାଡତ୍ୟା, ପୂର୍ବତନ ସଭାପତି ବୃନ୍ଦାବନ ବାଡତ୍ୟା, ପୂର୍ବତନ ସମ୍ପାଦକ ରାଜକିଶୋର ବାଡତ୍ୟା ଛାତ୍ରଛାତ୍ରୀମାନଙ୍କୁ ସମାଜର ନୀତି ଆଦର୍ଶ ମାନି ଆଦର୍ଶ ବ୍ୟକ୍ତି ହୋଇ ସମାଜ ସେବାରେ ନିଜକୁ ନିୟୋଜିତ କରିବା ଲାଗି ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପନ୍ଦରା ସମାଜର ସମସ୍ତ ଯୁବକ, ଯୁବତୀ ପରିଚାଳନା କରିଥିଲେ ।

## ଜାତୀୟ ସଂହତି ମହୋତ୍ସବ ଉଦଯାପିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



ନେହରୁ ଯୁବ ପ୍ରତିଷ୍ଠାନ ତରଫରୁ ଆୟୋଜିତ ୭ ଦିନ ବ୍ୟାପୀ ଜାତୀୟ ସଂହତି ମହୋତ୍ସବ ଉଦଯାପିତ ହୋଇଯାଇଛି । ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉଦଯାପନୀ ସନ୍ଧ୍ୟାରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ଖୋର୍ଦ୍ଧାର ପୂର୍ବତନ ଜିଲ୍ଲାପାଳ ନିରଞ୍ଜନ ସାହୁ, ଅଭିନେତା ଜ୍ଞାନେନ୍ଦ୍ର ଅତିଥି ଭାବେ ଯୋଗଦେଇ ଥିଲେ । ଅନୁଷ୍ଠାନର ସଭାପତି ସହଦେବ ଜୟସିଂଙ୍କ ଅଧକ୍ଷତା ଓ କାର୍ଯ୍ୟକାରୀ ସଦସ୍ୟା ଶ୍ରୀମତୀ ମାନି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସଂଯୋଜକ ଆଶିଷ ବେବର୍ତ୍ତା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ନିରଞ୍ଜନ ସାହୁ ପିଲାମାନଙ୍କୁ କଠିନ ପରିଶ୍ରମ କଲେ ସଫଳତା ମିଳିଥାଏ ବୋଲି କହିଥିଲେ । ଅନୁଷ୍ଠାନ ଦୀର୍ଘ ବର୍ଷ ଧରି ଏପରି କାର୍ଯ୍ୟକ୍ରମ ଆୟୋଜନ କରୁଥିବାରୁ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟତମ ମୁଖ୍ୟ ଅତିଥି ବାବୁ ସିଂ ମଧ ପିଲାମାନଙ୍କ ମଧ୍ୟରେ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ଟେକ୍ନୋଲୋଜି ବିଷୟରେ ଜ୍ଞାନ ଆହରଣ କରିବା ସହ ଭାରତକୁ ଏକ ବିକାଶ ରାଷ୍ଟ୍ର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ବିଧାୟକ ଶ୍ରୀ ଜେନା ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ କହିବା ସହ ଏହି ଅନୁଷ୍ଠାନ ବିପଦ ବେଳର ସାଥୀ ବୋଲି କହିଥିଲେ । ଅଭିନେତା ଜ୍ଞାନେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟରେ ଯୋଗ ଦେଇ ସେ ଗର୍ବ ଅନୁଭବ କରନ୍ତି ବୋଲି କହିଥିଲେ । ସମ୍ପାଦିକା ସୁମିତ୍ରା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ପୂର୍ବତନ ଉପସଭାପତି ଲିଙ୍ଗରାଜ ମହାପାତ୍ର ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଜୀବ ସାହୁ ଜାତୀୟ ସଂହତି ମହୋତ୍ସବ ଆୟୋଜନର ତାତ୍ପର୍ଯ୍ୟ ବିଷୟରେ କହିଥିଲେ । ସଭାପତି ସହଦେବ ଜୟସିଂହ ପିଲାମାନଙ୍କୁ ମୋବାଇଲ୍ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । ୭ ଦିନ ଧରି ଆୟୋଜିତ ଜାତୀୟ ସଂହତି ମହୋତ୍ସବର ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉତ୍ସବରେ ବରିଷ୍ଠ ସଂଯୋଜକ ସୁରେନ୍ଦ୍ର ସାହୁ ଉପସ୍ଥିତ ଥିଲେ, ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ସିତାର ନୃତ୍ୟ ଅନୁଷ୍ଠାନର କୁନି କୁନିପିଲା ପିଲାମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ସମବେତ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଉମେଶ ନନ୍ଦଙ୍କ ପରିଚାଳନାରେ କମଳ ପତି, ସନ୍ତୋଷ ଦାଶ, ଦାଶରଥି ପାତ୍ର, ବିରୁପାକ୍ଷ ମିଶ୍ର, ପ୍ରସନ୍ନ ଜେନା, ସୁମନ୍ତ ନାୟକ, ସୁରେଶ ନାୟକ, ଶୁଭ୍ରଜୋତି ସାହୁ, ସାଂସ୍କୃତିକ ସମ୍ପାଦିକା ଲିଲିପ୍ସା ମହାପାତ୍ର, ମଞ୍ଜୁ ନନ୍ଦ, ମିନତୀ ତ୍ରିପାଠୀ, ସଙ୍ଗୀତା ମିଶ୍ର, କମଲେଶ ତ୍ରିପାଠୀ, ରଜତ ପାତ୍ର ପ୍ରମୁଖ ସହଯୋଗ କରିଥଲେ ।

## ସିଦ୍ଧ ମହାବୀରଙ୍କ ବାର୍ଷିକୋତ୍ସବ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶିଳିପୁର ଗ୍ରାମରେ ସିଦ୍ଧ ମହାବୀରଙ୍କ ଅଷ୍ଟମ ଜନ୍ମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଧ୍ୟାତ୍ମିକ ଓ ଧର୍ମୀୟ ପରିବେଶରେ ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବରେ ଆୟୋଜିତ ଉତ୍ସବର ପ୍ରଥମ ଦିନରେ ୧୦୮ କଳସ ଶୋଭାଯାତ୍ରା, ଘଟ ସ୍ଥାପନ ଏବଂ ଦ୍ୱିତୀୟ ଦିନରେ ନାମଯଜ୍ଞ, ହରିହାଟ, ପୂର୍ଣ୍ଣାହୁତି ହୋଇଥିଲା । ଗଙ୍ଗାଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ସରପଞ୍ଚ ମଧୁସ୍ମିତା ପରିଡ଼ା, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ଦାସ, କ୍ରାନ୍ତି ରଞ୍ଜନ ଦାସ, ସୌମ୍ୟରଂଜନ ବେଉରା, ଜ୍ୟୋତିରଞ୍ଜନ ଦାସ, ଦେବାଶିଷ ଦାସ, ସୁଧୀର ସାହୁ, ଅଶ୍ୱିନୀ ପ୍ରତାପ ଦାସ, ପରେଶ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଅଫିସ୍‌ରେ ଖୋଲିବ ଖବରକାଗଜ ପ୍ରଦର୍ଶନୀ

**ଖୋର୍ଦ୍ଧା: ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଜାତୀୟ ପ୍ରେସ୍ ଦିବସ । ତେବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ କରୁଣାମୟୀ ସ୍ମାରକୀ ସମ୍ବାଦପତ୍ର ସଂଗ୍ରହାଳୟ ଖୋର୍ଦ୍ଧା ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାରୁ ପ୍ରକାଶିତ ହୋଇଥିବା ଖବରକାଗଜ ଗୁଡିକର ମନୋରମ ପ୍ରଦର୍ଶନୀ କରାଯିବ । ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରକାଶିତ ହୋଇଥିବା ଓଡିଆ, ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଓ ସାନ୍ତାଳି ଭାଷାର ଖବର କାଗଜ ପ୍ରଦର୍ଶିତ ହେବ । ସମସ୍ତ ସାମ୍ବାଦିକ ବନ୍ଧୁ ଓ ଜନସାଧାରଣ ଉପସ୍ଥିତ ରହି ଏହି ଖବରକାଗଜ ପ୍ରଦର୍ଶନୀ ଦେଖିବାକୁ ସଂଗ୍ରାହକ ବିମଳ ଚନ୍ଦ୍ର ଷଡଙ୍ଗୀ ଅନୁରୋଧ କରିଛନ୍ତି ।

## ସୁକନ୍ୟା ସମୃଦ୍ଧି ସଚେତନତା



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛି ବାସୁଦେବପୁର ବ୍ଲକର ଚୂଡ଼ାମଣି ଆଡିଆ ପ୍ରାଥମିକ ବିଦ୍ୟାଳୟ ଓ କେସି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ଓ କେ ସି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସୁକନ୍ୟା ଆକାଉଣ୍ଟ ଖୋଲାଯିବା ସହ ଏଠାରେ ଆଧାର ଶିବିର ମଧ୍ୟ ଆୟୋଜିତ ହୋଇଥିଲା ଓ ନୂଆ ଆଧାର ଆବେଦନ ଓ ସୁଧାର କରିଥିଲେ । ଏହି ଶିବିରରେ ଚୂଡ଼ାମଣି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଅଭିଭାବକ, ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକର ଅଭିଭାବକ ଓ ଅଙ୍ଗନୱାଡ଼ି କର୍ମକର୍ତ୍ତା ଯୋଗଦେଇ ଥିଲେ । ମୁଖ୍ୟ ଅତିଥିମାନେ ସୁକନ୍ୟା ସମୃଦ୍ଧି ଯୋଜନାର ଉପକାରିତା ସଂପର୍କରେ ଅଭିଭାବକମାନଙ୍କୁ ଅବଗତ କରାଇବା ସହ ଅଧିକରୁ ଅଧିକ ବ୍ୟକ୍ତି ନିଜ ଶିଶୁ କନ୍ୟା ପାଇଁ ସୁକନ୍ୟା ଖାତା ଖୋଲିବା ପାଇଁ ଅନୁପ୍ରାଣିତ କରିଥିଲେ ।

## ଜବରଦଖଲ ଉଚ୍ଛେଦ

**ମାର୍ଶାଘାଇ: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ୫୩ ନମ୍ବର ଜାତୀୟ ରାଜପଥ ଶିଳିପୁର ଛକ ଠାରେ ଆଜି ପ୍ରଶାସନ ତରଫରୁ ଯବର ଦଖଲ ଉଚ୍ଛେଦ କରାଯାଇଛି । ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏନ୍ ଏଚ ଆଇ ସତ୍ତ୍ୱ ଉପରେ ରାସ୍ତା କଡରେଥିବା ବ୍ୟବସାୟ ପ୍ରତିଷ୍ଠାନ ସମେତ ଅନ୍ୟ ଅବରୋଧ ଘର ଗୁଡିକୁ ତହସିଲ ପ୍ରଶାସନ ତରଫରୁ ନୋଟିସ କରାଯାଇଥିଲା । ସମୟ ସିମା ସରିବା ପରେ ଆଜି ପ୍ରଶାସନ ତରଫରୁ ଶିଳିପୁର ଛକରୁ ଯବରଦଖଲ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ତହସିଲଦାର ଶ୍ରୀକାନ୍ତ ପରିଜା ଓ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ରେଭେନ୍ସାର ପ୍ରତିଷ୍ଠା ଦିବସ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୧୯ତମ ପ୍ରତିଷ୍ଠା ଦିବସ ଶନିବାର ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ସେଭେନ ପିଲାର ଅଫ ୱିସଡମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ ଆଶୁତୋଷ ବିଶ୍ୱାସ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ସଂଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ରେଭେନ୍ସା ସାରା ରାଜ୍ୟରେ ଶିକ୍ଷାର ଏକ୍ଟୁଡ଼ିଶାଳ । ଗୁଣାତ୍ମକ ଶିକ୍ଷା ପ୍ରଦାନର ସର୍ବଶ୍ରେଷ୍ଠ ମାନଦଣ୍ଡ ଭାବେ ପରିଚୟ ପାଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୨୭ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ଏନସିସି ଓ ଏନଏସଏସ କ୍ୟାଡେଟମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଶ୍ରମଜୀବୀଙ୍କୁ କମ୍ବଳ ବଣ୍ଟନ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ହରି ଭାରତୀ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମଞ୍ଜରୀ ଦେବୀ ନର୍ସିଂ କଲେଜ ପରିସରରେ ଆଜି ଏକ ସ୍ୱେଚ୍ଛାକୃତ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ଅପରାହ୍ନରେ ଆୟୋଜିତ ସଭାରେ କଲେଜ ପ୍ରତିଷ୍ଠାତା ତଥା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଉପାଧକ୍ଷା ଜ୍ୟୋସ୍ନା ଦାସ, ପ୍ରାଶାସନିକ ଅଧିକାରୀ ତାରାପଦ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ତ୍ରିପାଠୀ, ମଧୁସୁଦନ ସାହୁ, ମୁଖ୍ୟ କୋଷାଧକ୍ଷ ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ, ଲକ୍ଷ୍ମୀଧର ପତି ଏବଂ ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କରିଥିଲେ । ସମାଜସେବା ଏବଂ ପରୋପକାର ମାନବିକତାର ସକାରାତ୍ମକ ଭାବନାର ପ୍ରତୀକ ବୋଲି ଅତିଥିବୃନ୍ଦ କହିଥିଲେ । ଏହି ଉପଲକ୍ଷେ ସମବେତ ଶତାଧିକ ଶ୍ରମଜୀବୀ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରା ଯାଇଥଲା ।

## ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନୂଆ ଅଫିସ୍ ଉଦ୍‌ଘାଟିତ

**ନିଆଳି: ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ନୂତନ ଗୃହ ନିର୍ମାଣ କରାଯାଇଛି । ଏହି ଗୃହକୁ ବିଧାୟକ ନିଆଳି ଛବି ମଲିକ୍‌ଙ୍କ କରକମଳରେ ୧୪ ତାରିଖ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ସୁଶାନ୍ତ ନାୟକ, କଣ୍ଟାପଡା ବ୍ଲକ୍ ଆତ୍ମା ଅଧକ୍ଷ ପ୍ରଦୀପ କୁମାର ପାତ୍ର, କଣ୍ଟାପଡା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱପ୍ନିତା ନାୟକ, କଣ୍ଟାପଡା ବ୍ଲକ୍ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ମୃତ୍ୟୁଞ୍ଜୟ ବେଉରା ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟନାୟକ, ସରପଞ୍ଚ ଅଭିଷେକ ମହାପାତ୍ର, ନିର୍ମଳ ସାହୁ, ଇତିଶ୍ରୀ ବେହେରା, ନିରୁପମା ଜେନା, ସମିତି ସଭ୍ୟ ପ୍ରିୟବ୍ରତ ବେଉରା, ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ଅଶୋକ ରଥ, ପ୍ରଶାନ୍ତ ବେହେରା, ବଂଶୀଧର ବେହେରା, କେଦାର ରାୟ, ବାବୁଲି ବେହେରା, ପ୍ରଭାତ ମହାପାତ୍ର, ସଜିତ ବିଶ୍ୱାଳ, ବୁଧନାଥ ଜେନା, ସୁରେନ୍ଦ୍ର ପାତ୍ର, ରଂଜନ କୁମାର ଦାସ, ବିରବର ଜେନା, ବିଶ୍ୱମ୍ଭର ଜେନା, ଗୋପାଳ ସାହୁ, ଦିଲ୍ଲିପ ବେହେରାଙ୍କ ସମେତ ବହୁ ସରକାରୀ କର୍ମଚାରୀ ଓ ଅନ୍ୟ ବିଭାଗର ଅଧିକାରୀମାନେ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ ।

## ଜନଜାତୀୟ ଗୌରବ ଦିବସରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**




ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦୁଝରଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଅଡ଼ିଟୋରିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଦିବାସୀ ସାହସ ଓ ସ୍ୱାଭିମାନର ପ୍ରତୀକ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ଅଧିକାରୀ ଏବଂ ଆଦିବାସୀ ସଦସ୍ୟମାନେ ଏକତ୍ରିତ ହୋଇଥିଲେ ।

ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସମାବେଶକୁ ସମ୍ବୋଧିତ କରି ଭଗବାନ ବିର୍ସା ମୁଣ୍ଡାଙ୍କ କାଳଜୟୀ ଅବଦାନ ଉପରେ ଆଲୋକପାତ କରିଥିଲେ । ନିଜ ଅଭିଭାଷଣରେ ସାଂସଦ କହିଥିଲେ ଯେ 'ବିର୍ସା ମୁଣ୍ଡା କେବଳ ଜଣେ ଆଦିବାସୀ ନାୟକ ନଥିଲେ ବରଂ ସାହସ ଏବଂ ପ୍ରତିରୋଧର ଜାତୀୟ ପ୍ରତୀକ ଥିଲେ । ନିର୍ଯାତନା ବିରୁଦ୍ଧରେ ତାଙ୍କର ଲଢେଇ ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଲକ୍ଷଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି । ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମର ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ । ସେ ଆଦିବାସୀ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ଏକତା ଏବଂ ସ୍ୱାଭିମାନର ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଅନୁରୋଧ କରିଥିଲେ ।'

ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ ବେହେରା, କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ସ୍ୱେଚ୍ଛାସେବୀ କମଳାକାନ୍ତ ସିଂ, ମମିତା ନାଏକ, କିରଣବାଳା ନାଏକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଗୌରବ ଦିବସର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ଆଦିବାସୀ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଉତ୍ସବ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଆଦିବାସୀ ସମ୍ପ୍ରଦାୟର ପ୍ରାଣବନ୍ତ ଏବଂ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।

ସକାଳେ ସାଂସଦ ଅନନ୍ତ ନାୟକ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଭଗବାନ ବିର୍ସା ମୁଣ୍ଡା, ଗୁରୁ ଗୋମକେ ରଘୁନାଥ ମୁର୍ମୁ ଏବଂ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ଏବଂ ଭାରତର ସାମାଜିକ ଏବଂ ସାଂସ୍କୃତିକ ପରିଦୃଶ୍ୟରେ ସେମାନଙ୍କର ଅମ୍ଳାନ ଅବଦାନକୁ ସମ୍ମାନ ଜଣାଇଥିଲେ । ଆଦିବାସୀ କଲ୍ୟାଣ ପଦକ୍ଷେପଗୁଡ଼ିକୁ ଆହୁରି ମଜବୁତ କରିବା ଏବଂ ବିର୍ସା ମୁଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ୧ରୁ ୩ ପର୍ଯ୍ୟନ୍ତ ସୋଆ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ନେଇ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱାରୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାପିଟାଲ ହସ୍‌ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିର୍ଦ୍ଦେଶିକା ସୁଶ୍ରୀ ପଟାୱାରୀ ଏହି ଆୟୋଜନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବିଗତ ବର୍ଷମାନଙ୍କର ଅଭିଜ୍ଞତାକୁ ଆଧାର କରି ଚଳିତ ବର୍ଷର ଆୟୋଜନକୁ ଅଧିକ ଶୃଙ୍ଖଳିତ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ଅନୁକୂଳ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ମୁତୟନ କରିବା ଉପରେ ଗୁରୁତ୍ୱ ଦେଇ ନିର୍ଦ୍ଦେଶିକା ସମସ୍ତଙ୍କୁ ନିଜନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ । ଏଥିସହିତ ବିଭାଗୀୟ ଅଧିକାରୀମାନେ ସୋଆ ବିଶ୍ୱବିଦ୍ୟାଳୟ ଗସ୍ତ କରି ଏହି ଉତ୍ସବର ସଫଳ କାର୍ଯ୍ୟକାରିତା ନିମନ୍ତେ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ଏକ ସମନ୍ୱୟ ବୈଠକ କରିଥିଲେ ।

ଏହି ବୈଠକରୁ ଜଣାପଡିଛି ଯେ ସୋଆ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଡିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏଠାରେ ଥିବା ପ୍ରେକ୍ଷାଳୟରେ ୧୫୦୦ରୁ ଅଧିକ ବ୍ୟକ୍ତିଙ୍କ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ଥିବା ଦୃଷ୍ଟିରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଉପଯୁକ୍ତ ହେଉଥିବାରୁ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ସୋଆସ୍ଥିତ ଖେଳପଡିଆରେ ଦୃଷ୍ଟିବାଧିତ ମହିଳାମାନଙ୍କ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ । ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି , ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନୁଷ୍ଠାନ ତରଫରୁ ବିଭିନ୍ନ ଷ୍ଟଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଷ୍ଟଲ ରେଜିଷ୍ଟ୍ରେସନ୍ ପାଇଁ ବିଭାଗୀୟ ୱେବ୍‌ସାଇଟ୍‌ରେ ଏକ ଆପ୍‌ର ବ୍ୟବସ୍ଥା କରାଯାଇଛି । ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତୋ ଓ ସନ୍ତୋଷ ବେହେରାଙ୍କ ସମେତ ସୋଆ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 16th November, 2025 Sunday RNI Regd. No. ODIODI/2006/23033 Postal Regd. No. : BN/169/13-15

## ଡାକ୍ତର-ଭଗବାନ




ଡାକ୍ତରବାବୁ ରୋଗୀକୁ ବୁଝାଉଥିଲେ- ଶୁଣ, ଦୁଇଜଣଙ୍କୁ କେବେ ବି ଅସନ୍ତୁଷ୍ଟ କରିବନି।

ରୋଗୀ ପଚାରିଲା- କୋଉ ଦୁଇଜଣଙ୍କୁ ?

ଡାକ୍ତରବାବୁ କହିଲେ- ଜଣେ ହେଲେ ଭଗବାନ, ଆଉ ଜଣେ ହେଲେ ଡାକ୍ତର।

ରୋଗୀ ପୁଣି ପଚାରିଲା- କାହିଁକି ଏ ଦୁଇଜଣଙ୍କୁ ଅସନ୍ତୁଷ୍ଟ କରିବନି ?

ଡାକ୍ତରବାବୁ- ଭଗବାନ ଅସନ୍ତୁଷ୍ଟ ହେଲେ ସେ ତମକୁ ଡାକ୍ତରଙ୍କ ପାଖକୁ ପଠେଇଦେବେ।

ରୋଗୀ ପଚାରିଲା- ଆଉ ଡାକ୍ତର ଅସନ୍ତୁଷ୍ଟ ହେଲେ ?

ଡାକ୍ତରବାବୁ ଗମ୍ଭୀର ଗଳାରେ କହିଲେ- ସିଏ ତମକୁ ଭଗବାନଙ୍କ ପାଖକୁ ପଠେଇଦେବେ।

# ଇଡେନ୍‌ରେ ବୋଲରଙ୍କ ଦବ୍‌ଦବା: ଦିନକରେ ୧୬ ୱିକେଟ ପତନ

**କୋଲକାତା,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଇଡେନ ଗାର୍ଡେନ୍ସ ଟେଷ୍ଟରେ ବୋଲରଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ଦିନକରେ ଝଡିଛି ୧୬ ୱିକେଟ। ସ୍ଥିତି ଏପରି ହୋଇଛି ଯେ ମ୍ୟାଚ୍‌ର ଫଳାଫଳ ତୃତୀୟ ଦିନରେ ବାହାରିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଦିନରେ ଇଡେନରେ ୧୧ଟି ୱିକେଟ ଯାଇଥିଲା। କିନ୍ତୁ ଦ୍ୱିତୀୟ ଦିନରେ ବୋଲରଙ୍କୁ ଇଡେନ ପିଚ୍ ଆହୁରି ସୁହାଇଛି।

ଦକ୍ଷିଣ ଆଫ୍ରିକାର ବୋଲରମାନେ ଆଜି ୯ଟି ୱିକେଟ ନେଇଥିବା ବେଳେ ଭାରତୀୟ ବୋଲର ୭ଟି ସଫଳତା ପାଇଛନ୍ତି। ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ୭ ୱିକେଟ ହରାଇ ୯୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭ୍ରମଣକାରୀ ଦଳର ଲିଡ ୬୩ ରନ ରହିଛି। ଖେଳ ବନ୍ଦ ହେବା ବେଳକୁ ଅଧିନାୟକ ତେମ୍ବା ବଭୂମା ୨୯ ଓ କୋରବିନ ବଚ୍ ୧ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଇନିଂସରେ ୱିକେଟ ପାଇ ନଥିବା ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଏହି ପାଳିରେ ଏକାକୀ ୪ ୱିକେଟ ନେଇଛନ୍ତି। କୁଲଦୀପ ଯାଦବ ୨ଟି ଓ ଅକ୍ଷର ପଟେଲଙ୍କ ଖାତାକୁ ଗୋଟିଏ ସଫଳତା ଦେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ୫ ୱିକେଟ ନେଇ ପ୍ରଥମ ଦିନର ଚା'ପାନ ବିରତି ପରେ ଦକ୍ଷିଣ ଆଫ୍ରିକା ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ ହରାଇ ୩୭ ରନ କରିଥିଲା। ଆଜି କେଏଲ ରାହୁଲ ଓ ୱାଶିଂଟନ ସୁନ୍ଦର ମିଳିତ ଭାବେ ଭାରତର ରନକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ।

କିନ୍ତୁ ଦକ୍ଷିଣ ଆଫ୍ରିକାର ବୋଲର ଏହା କରାଇ ଦେଇଥିଲେ। ଇନିଂସର ୩୫ମ ଓଭରରେ ଦିବସର ପ୍ରଥମ ବ୍ୟାଟର ଭାବେ ୨୯ ରନ କରି ଆଉଟ ହୋଇଥିଲେ ସୁନ୍ଦର। ଏହାପରେ ଗିଲ ବ୍ୟାଟିଂ କରିବାକୁ ଆସିଥିଲେ। ସେ ଚୌକା ମାରି ଖାତା ଖୋଲିଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ତାଙ୍କ ବେକର ସିର ମୋଡି ହୋଇଯାଇଥିଲା। ଫଳରେ ସେ ଅଧାରୁ ପଡିଆ ଛାଡିଥିଲେ।

ଉପ ଅଧିନାୟକ ଋଷଭ ପନ୍ତ ନିଜର କମବ୍ୟାକ ଅନ୍ତର୍ଜାତୀୟ ଟେଷ୍ଟରେ ଦ୍ରୁତଗତିରେ ରନ ସଂଗ୍ରହ




କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମାତ୍ର ୨୪ ବଲରେ ୨୭ ରନ କରି ସେ କୋରବିନ ବଚଙ୍କ ବଲରେ ଆଉଟ ହୋଇଥିଲେ। ୩୧ ରନ କରିଥିବା ରାହୁଲଙ୍କ ୱିକେଟ ନେଇଥିଲେ କେଶବ ମହାରାଜ।

ଭାରତ ଏ ପାଇଁ ଲଗାତର ଶତକ ମାରିଥିବା ଧ୍ରୁବ ଜୁରେଲ କେବଳ ୧୪ ରନ କରିବାକୁ ସକ୍ଷମ ହୋଇଛନ୍ତି। ରବୀନ୍ଦ୍ର ଜାଡେଜା ୨୭ ଓ ଅକ୍ଷର ପଟେଲ ୧୬ ରନ କରି ସମସ୍ତଙ୍କୁ ନିରାଶ କରିଛନ୍ତି। ଉଭୟଙ୍କ ୱିକେଟ ସିମନ ହାରମେର ଦଖଲ କରିଛନ୍ତି। ଏହାପୂର୍ବରୁ ସେ ଧ୍ରୁବ ଜୁରେଲ ଓ ସୁନ୍ଦରଙ୍କ ୱିକେଟ ମଧ୍ୟ ନେଇଥିଲେ।

ଶେଷ ଭାଗରେ କୁଲଦୀପ ଯାଦବ ଓ ମହମ୍ମଦ ସିରାଜଙ୍କୁ ଆଉଟ କରି ମାର୍କୋ ୟାନସେନ ଭାରତୀୟ ଇନିଂସକୁ ୧୮୯ରେ ଅଟକାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ହାରମେର ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ୟାନସେନ ୩ଟି, ମହାରାଜ ଓ ବଚ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

ଭାରତ ଠାରୁ ପ୍ରଥମ ଇନିଂସରେ ୩୦ ରନ ପଛରେ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସରେ ସ୍ପିଡଷ୍ଟାର ବୁମ୍ରା କମାଲ କରିଥିଲେ। ଦ୍ୱିତୀୟ ଇନିଂସରେ ଭାରତୀୟ ସ୍ପିନର ବିଶେଷ କରି ରବୀନ୍ଦ୍ର ଜାଡେଜାଙ୍କ ଜଲୱା ଦେଖିବାକୁ ମିଳିଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକା ଇନିଂସର ପ୍ରଥମ ୱିକେଟ ନେଇଥିଲେ କୁଲଦୀପ ଯାଦବ। ସେ ରାୟନ ରିକେଲଟନ(୧୧)ଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ।

ଏହାପରେ ୱିକେଟ ଝାଡିବା ଆରମ୍ଭ କରିଥିଲେ ଜାଡେଜା। ସେ ଆଡେନ ମାର୍କରମ(୪), ଟୋନୀ ଡେ ଜୋର୍ଜି(୨), ୱିଆନ ମୁଲଡର(୧୧) ଓ ଟ୍ରିଷ୍ଟାନ ଷ୍ଟବ୍ସ(୫)ଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାର ମିଡିଲ ଅର୍ଡରକୁ ଛିନଛତ୍ର କରି ଦେଇଥିଲେ। ଅଧିନାୟକ ତେମ୍ବା ବଭୂମା ଗୋଟିଏ ପଟେ ଛିଡା ହୋଇଥିଲେ ହେଁ ଅନ୍ୟପଟେ ଜଣଙ୍କ ପରେ ଜଣେ ବ୍ୟାଟରଙ୍କ ଯିବା ଆସିବା ଲାଗି ରହିଥିଲା।

କାୟଲେ ଭେରାୟନେ(୯) ଆଉଟ ହେବା ବେଳକୁ ଦଳର ସ୍କୋର ୭୫ ରହିଥିଲା। ଏତିକି ବେଳେ ମାର୍କୋ ୟାନସେନ କାଉଣ୍ଟର ଆଟାକ କରିବାକୁ ଚେଷ୍ଟା କରିଥିଲେ। ହେଲେ ୧୩ ରନ କରିଥିବା ୟାନସେନଙ୍କୁ ସ୍ଲିପ ଅଞ୍ଚଳରେ ଫିଲ୍ଡିଂ କରିଥିବା ରାହୁଲଙ୍କ ହାତରେ କ୍ୟାଚ୍ କରାଇ ପ୍ୟାଭିଲିୟନ ପଠାଇ ଦେଇଥିଲେ କୁଲଦୀପ।

ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ବଚ୍ ୧ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ସହ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ବଭୂମା ୨୯ ରନ କରି ଅଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର ଲିଡ୍ ୬୩ରେ ପହଞ୍ଚି ଯାଇଛି। ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସରେ ଜାଡେଜା ଏଯାଏ ୪ଟି, କୁଲଦୀପ ଦୁଇଟି ଓ ଅକ୍ଷର ପଟେଲ ଗୋଟିଏ ୱିକେଟ ପାଇଛନ୍ତି।

# ଜଣ୍ଡିସରେ ୨୦ ଆକ୍ରାନ୍ତ

**କଟକ,୧୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସହରକୁ ଦୀର୍ଘଦିନ ପରେ ଜଣ୍ଡିସ ପୁଣି ଫେରିଛି। କଟକ ମହାନଗର ନିଗମ ଅନ୍ତର୍ଗତ ୨୩ ନଂ ୱାର୍ଡ଼ରେ ୨୦ରୁ ଅଧିକ ଲୋକେ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ୨୩ ନଂ ୱାର୍ଡ଼ର କଦମରସୁଲ ବ୍ରାହ୍ମଣସାହିରେ ଗତ ୧୦ଦିନ ହେବ ଜଣ୍ଡିସ ବ୍ୟାପିଛି। ପ୍ରଶାସନ ପକ୍ଷରୁ ଏହାର ନିରାକରଣ ପାଇଁ କୌଣସି ଉଦ୍ୟମ କରାଯାଇନଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣ ସାହିରେ ୨୦ ପରିବାରରେ ୧୦୦ରୁ ଅଧିକ ଲୋକେ ରହୁଛନ୍ତି। ସାହିରେ ୱାଟକୋ ବିଭାଗର ପାଣି ପାଇପ ଗୁଡ଼ିକ ଡ୍ରେନ ମଧ୍ୟ ଦେଇ ଯାଇଛି। ଫଟା ପାଣି ପାଇପ ମଧ୍ୟରେ ଡ୍ରେନ ପାଣି ପଶିବାରୁ ଏଭଳି ସ୍ଥିତି ହୋଇଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସିଏମସି ପକ୍ଷରୁ ସାହିର ଡ୍ରେନଗୁଡ଼ିକୁ ଦୀର୍ଘ ବର୍ଷ ଧରି ସଫା କରାଯାଇନଥିବାରୁ ଏହା ମଧ୍ୟରେ ପଙ୍କ ଜମି ରହିଛି। ଏଥି ପାଇଁ ପାଣି ନିଷ୍କାସନରେ ସମସ୍ୟା ହେଉଥିବା ଲୋକେ କହିଛନ୍ତି। ଦୂଷିତ ପାଣି ପାଇଁ ଏଭଳି ସ୍ଥିତି ହୋଇଥିବାବେଳେ ୱାଟକୋ ନିକଟରେ ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ସିଏମସି ସ୍ୱାସ୍ଥ୍ୟ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଟିମ ଶନିବାର ପ୍ରଭାବିତ ଅଂଚଳ ପରିଦର୍ଶନ କରାଯାଇଥିବା ଜଣାପଡ଼ିଛି।

# ରାଜନୀତି ଛାଡିବା ସହ ପରିବାର ସହିତ ସମ୍ପର୍କ ଭାଙ୍ଗିଲେ ଲାଲୁଙ୍କ ଝିଅ



**ପାଟନା,୧୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୫ ବିହାର ବିଧାନସଭା ନିର୍ବାଚନରେ ମହାଗଠବନ୍ଧନର ଶୋଚନୀୟ ପରାଜୟ ପରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ ସୃଷ୍ଟି ହୋଇଛି। ପ୍ରଥମେ ପୁଅ ତେଜ ପ୍ରତାପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନଡିଏ ନେତାଙ୍କୁ ପ୍ରଶଂସା କରିଥିବା ବେଳେ ଫଳାଫଳ ଆସିବା ପରେ ତେଜସ୍ୱୀଙ୍କୁ ବିଫଳ ନେତା ବୋଲି କହିଥିଲେ। ଏବେ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ଏକ ବଡ଼ ରାଜନୈତିକ ଝଡ଼ ସୃଷ୍ଟି କରିଛନ୍ତି। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ରାଜନୀତି ଛାଡ଼ିବା ଏବଂ ତାଙ୍କ ପରିବାର ସହିତ ସମ୍ପର୍କ ଭାଙ୍ଗିବାର ନିଷ୍ପତ୍ତି ଘୋଷଣା କରିଛନ୍ତି। ରୋହିଣୀ ତାଙ୍କ ପୋଷ୍ଟରେ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି। ରୋହିଣୀ ତାଙ୍କ ଟ୍ୱିଟର ଆକାଉଣ୍ଟରେ ଲେଖିଛନ୍ତି, 'ମୁଁ ରାଜନୀତି ଛାଡୁଛି ଏବଂ ମୋ ପରିବାର ସହିତ ସମ୍ପର୍କ ଛିନ୍ନ କରୁଛି। ସଞ୍ଜୟ ଯାଦବ ଏବଂ ରମିଜ୍ ମୋତେ ଏହା କରିବାକୁ କହିଥିଲେ, ଏବଂ ମୁଁ ସମସ୍ତ ଦୋଷ ନିଜ ଉପରେ ନେଉଛି।' ଦଳ କିମ୍ବା ପରିବାର ପକ୍ଷରୁ ଏହା ଉପରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ସଞ୍ଜୟ ଯାଦବ ଆରଜେଡିର ରାଜ୍ୟସଭା ସାଂସଦ ଏବଂ ତେଜସ୍ୱୀ ଯାଦବଙ୍କ ସବୁଠାରୁ ବିଶ୍ୱସ୍ତ ସମର୍ଥକମାନଙ୍କ ମଧ୍ୟରୁ ଜଣେ। ଅନ୍ୟପକ୍ଷରେ ରମିଜଙ୍କୁ ତେଜସ୍ୱୀଙ୍କ ଭଲ ବନ୍ଧୁ ବୋଲି କୁହାଯାଏ ଏବଂ ସେ ପଡ଼ୋଶୀ ଉତ୍ତରପ୍ରଦେଶର ଏକ ରାଜନୈତିକ ପରିବାରରୁ ଆସିଛନ୍ତି।

# ପରିବହନ ବିଭାଗରେ ସର୍ବନିମ୍ନ ସୁବିଧା ଅପହଞ୍ଚ

**ଭୁବନେଶ୍ୱର,୧୫।୧୧**
**ତଥ୍ୟ**

ପରିବହନ ବିଭାଗ ଦପ୍ତରକୁ ନିଜ ନିଜ ଯାନବାହାନର ନବୀକରଣ ଓ ଯାଞ୍ଚ ପାଇଁ ଯାଉଥିବା ଲୋକେ ଧୂ ଧୂ ଖରାରେ ଛିଡାହୋଇ ରହୁଛନ୍ତି। ବସିବାକୁ ସ୍ଥାନ ଟିକେ ମିଳିବା ତ ଦୂରରକଥା, ପାନୀୟଜଳ ଭଳି ସର୍ବନିମ୍ନ ସୁବିଧା ଟିକେ ବି ମିଳୁନାହିଁ।

ଏଭଳି ଅବ୍ୟବସ୍ଥା ରାଜ୍ୟ ଅନ୍ୟ କୌଣସି ସ୍ଥାନରେ ନୁହେଁ, ଖୋଦ୍ ରାଜଧାନୀରେ ଥିବା ଗାଡିଚାଳନା ପରୀକ୍ଷା କେନ୍ଦ୍ରରେ। ଚନ୍ଦ୍ରଶେଖରପୁର ଠାରେ ଥିବା ପରିବହନ ବିଭାଗର ଏହି ତାଲିମ କେନ୍ଦ୍ରରେ ରାଜଧାନୀରେ ଦୁଇ ଦୁଇଟି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଧିନରେ ଲୋକେ




ଡ୍ରାଇଭିଂ ଲାଇସେନ୍ସ ପାଇଁ ପରୀକ୍ଷା ଦେବା ସହିତ ନିଜ ନିଜ ଯାନବାହାନ ପଞ୍ଜିକରଣର ନବୀକରଣ କରିଥାନ୍ତି। ଏଥିପାଇଁ ଉଭୟ ଦୁଇ ଓ ଚାରିଚକିଆ ଯାନମାଲିକମାନେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଏଠାରେ ପହଞ୍ଚିଥାନ୍ତି।

କେଉଁ ଯାନର ଯାଞ୍ଚ କେଉଁ ସମୟରେ ତାହାର ସୂଚନା ଦିଆଯାଇଥାଏ। ଲୋକେ ସେହି ଅନୁଯାୟୀ ଧାର୍ଯ୍ୟ ସମୟ ପୂର୍ବରୁ ସେଠାରେ ନିଜ ନିଜ ଯାନବାହାନ ଧରି ପହଞ୍ଚିଥାନ୍ତି। ତେବେ ଚାରିଚକିଆ ଯାନମାଲିକାମାନେ ନିଜ ନିଜ ଗାଡିରେ ବସି ରହୁଥିବାବେଳେ ଦୁଇ ଚକିଆ ଆରୋହୀମାନେ ଖରା ତରାରେ ଏଣେ ତେଣେ ଛିଡା ହେଉଛନ୍ତି। ସେମାନଙ୍କ ପାଇଁ ପରିବହନ ବିଭାଗ ବସିବା ତ ଦୂରରକଥା ଛାଇ ଟିକେର ବି ବ୍ୟବସ୍ଥା କରିନାହିଁ। ପିଇବା ପାଣି ଓ ଶୌଚାଳୟ ତ ଏଠାରେ ଲୋକଙ୍କ ପାଇଁ ସାତ ସନ।

ଲୋକେ ନିଜ ନିଜ ଯାନ ଧରି ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚୁଥିଲେ ମଧ୍ୟ ବାବୁମାନେ କିନ୍ତୁ ବିଳମ୍ବରେ ଆସନ୍ତି। ପଚାରିଲେ ସୁରକ୍ଷାକର୍ମୀଙ୍କ ପାଖରେ ଉତ୍ତର ନଥାଏ। ଯାଞ୍ଚ ଦାୟିତ୍ୱରେ ଥିବା ବାବୁମାନେ ଆସି ପହଞ୍ଚିବାପରେ ଲୋକଙ୍କ ଠାରୁ କାଗଜପତ୍ର ସଂଗ୍ରହ କରିଥାନ୍ତି ଓ ପରେ ଯାଞ୍ଚ କାର୍ଯ୍ୟ ହୋଇଥାଏ। ଉଭୟ ଚାରି ଚକିଆ ଓ ଦୁଇ ଚକିଆ ଯାନର ଫଟୋ ଉଠାଇବାପାଇଁ ମାତ୍ର ଜଣେ ବ୍ୟକ୍ତି ଅଛନ୍ତି। ଏଥିଯୋଗୁଁ ଗାଡି ଯାଞ୍ଚରେ ଢେର ବିଳମ୍ବ ହେଉଛି। ଏଥିପାଇଁ ଅତି କମ୍‌ରେ ଦୁଇ ତିନି ଘଣ୍ଟା ଲାଗିଯାଉଛି।

ପରୀକ୍ଷା କେନ୍ଦ୍ର ପରିସରରେ ଗାଡିମୋଟର ଚଳାଚଳ ଯୋଗୁଁ ବ୍ୟାପକ ଧୂଳି ଉଡୁଛି। ଫଟୋ ଉଠାଇବା ଓ ଗାଡି ଯାଞ୍ଚ ଦାୟିତ୍ୱରେ ଥିବା କର୍ମଚାରୀମାନେ ହାତରେ ଛତାଧରି ଓ ମୁହଁରେ ମାସ୍କ ବାନ୍ଧି କାର୍ଯ୍ୟ କରୁଥିବାବେଳେ ଖରାରେ ଛିଡା ହେଉଥିବା ଲୋକେ ଖରାସାଙ୍ଗକୁ ଧୂଳି ବି ଖାଉଛନ୍ତି। ପରିବହନ ବିଭାଗର ତଳୁ ଉପର ପର୍ଯ୍ୟନ୍ତ ବାବୁମାନେ ସବୁଦିନ ଏହା ଦେଖୁଥିଲେ ମଧ୍ୟ ପ୍ରତିକାର ପାଇଁ କିଛି ବ୍ୟବସ୍ଥା କରୁନାହିଁ। ଏହି କେନ୍ଦ୍ରର ପ୍ରବେଶ ପଥରେ ପର୍ଯ୍ୟାପ୍ତ ସ୍ଥାନ ଥିବାରୁ ସେଠାରେ ଅନ୍ତତଃ ପକ୍ଷେ ଲୋକଙ୍କପାଇଁ ପ୍ରତୀକ୍ଷା ଗୃହଟିଏ ସହିତ ପାନୀୟଜଳ ବ୍ୟବସ୍ଥା ପାଇଁ ମତପ୍ରକାଶ ପାଉଛି। ପରିବହନ ବିଭାଗ ଗାଡି ମୋଟରରୁ ବ୍ୟାପକ ରାଜସ୍ୱ ଆଦାୟ କରୁଥିବାବେଳେ ଲୋକଙ୍କ ସର୍ବନିମ୍ନ ସୁବିଧା ନଯୋଗାଇବା ଫଳରେ ପ୍ରତିଦିନ ଏଠାକୁ ଆସୁଥିବା ଶହ ଶହ ଲୋକ ହୀନସ୍ତା ହେବା ସହିତ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

# ପ୍ରେମିକାକୁ ଆଇଫୋନ ଗିଫ୍ଟ ଦେବା ପାଇଁ ଗଞ୍ଜେଇ ଚାଲାଣ

**କାଲିମେଳା,୧୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରେମିକାକୁ ଦାମୀ ଉପହାର ଦେବା ପାଇଁ କରୁଥିଲେ ଗଞ୍ଜେଇ ଚାଲାଣ। ହେଲେ ପୁଲିସ ହାତରେ ଧରାପଡିଗଲେ। ଏମିତି କିଛି ଘଟଣା ଦେଖିବାକୁ ମିଳିଛି ମାଲକାନଗିରିଜିଲ୍ଲା ଲାଛିପେଟା ଅଞ୍ଚଳରେ। ପ୍ରେମିକାକୁ ଜନ୍ମଦିନରେ ଆଇଫୋନ ଗିଫ୍ଟ ଦେବା ପାଇଁ ଟଙ୍କା ଯୋଗାଡ଼ କରିବା ଚକ୍କରରେ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଯୁବକ ମାଲକାନଗିରି ଜିଲ୍ଲାର ଏମଭି-୭୯ ଥାନା ପୁଲିସ ହାତରେ ଧରାପଡ଼ିଛନ୍ତି। ଶୁକ୍ରବାର ଦିନ ପାଟ୍ରୋଲିଂ ସମୟରେ ଏମଭି-୭୯ ପୁଲିସ ଟିମ୍ ଲାଛିପେଟା ଛକ ନିକଟରେ ସନ୍ଦେହଜନକ ଆକ୍ଟିଭା ସ୍କୁଟିକୁ ଯାଞ୍ଚ କରିଥିଲେ। ସେଥିରୁ ୨୨ କିଲୋ ଗଞ୍ଜେଇ ମିଳିଥିଲା। ଧରାପଡ଼ିଥିବା ଦୁଇ ଯୁବକ ହେଲେ ଟି. ତ୍ରିନାଥ କୁମାର ଏବଂ ବି. ଯୁବାଚାରଣ ଆଦିତ୍ୟ। ଗିରଫ ଦୁଇ ଯୁବକ ତେଲେଙ୍ଗାନା ଖମ୍ମମ ଜିଲ୍ଲାର ବାସିନ୍ଦା। ଜବତ ହୋଇଥିବା ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୨.୫ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଦୁଇ ଯୁବକ ନିଜ ନିଜର ପ୍ରେମିକାଙ୍କୁ ଜନ୍ମଦିନରେ ଆଇଫୋନ ଗିଫ୍ଟ ଦେବା ପାଇଁ ଟଙ୍କା ଜୋଗାଡ଼ କରିବା ଚକ୍କରରେ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ୪୦ କୋଟି ନଡ଼ିଆ...

ଅନ୍ୟ ରାଜ୍ୟକୁ ନଡିଆ ପଠାଯାଉଥିଲା। ଏବେ କିନ୍ତୁ ସାକ୍ଷୀଗୋପାଳରେ ଆଉ ସେମିତି ଚାଲାଣକାରୀ ନଡିଆ ଗୋଦାମମାନ ଦେଖିବାକୁ ମିଳୁନାହିଁ। ଅବସ୍ଥା ଏଭଳି ହେଲାଣି ଯେ ଏକଦା ସର୍ବାଧିକ ଉତ୍ପାଦନ କରୁଥିବା ପୁରୀ ଜିଲ୍ଲାରେ ନିଡିଆ ତୋଳିବାପାଇଁ ପାରମ୍ପରିକ ମାଲୁଆ ମିଳୁନାହାନ୍ତି।

ଶ୍ରୀଜଗନ୍ନାଥ ମନ୍ଦିର ସମେତ ଆମ ରାଜ୍ୟର ଅଧିକାଂଶ ମନ୍ଦିରରେ ପୂଜାର୍ଚ୍ଚନା ଓ ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ ହେଉଥିବା ନଡିଆରୁ ଅଧିକାଂଶ ଅନ୍ୟ ରାଜ୍ୟରୁ ଆଣିବାକୁ ପଡୁଛି। ତେଣୁ ବଜାରରେ ଶୁଖିଲା ନଡିଆ ଓ ପଇଡର ଦାମ୍ ଗୋଟା ପିଛା ୪୦ରୁ ୫୦ ଟଙ୍କା ରହୁଛି। ମାଇଟି ରୋଗ ପରେ ନଡିଆ କତା ଶିଳ୍ପ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛି। ମାଇଟି ରୋଗାକ୍ରାନ୍ତ ନଡିଆରୁ ଭଲ ତନ୍ତୁ ଥିବା କଥା ବାହାରୁନଥିବାରୁ ଦଉଡି ଠାରୁ ଆରମ୍ଭ କରି କତାଗଦି, ପାପୋଛ ଆଦି ସାମଗ୍ରୀ ପ୍ରସ୍ତୁତ ପାଇଁ ଓଡିଶା ଅନ୍ୟ ରାଜ୍ୟରୁ କତାତନ୍ତୁ ଆମଦାନୀ କରିବାକୁ ବାଧ ହେଉଛି।

ନଡିଆ ଚାଷର ଅଧୋଗତି ରାଜ୍ୟର ଅର୍ଥନୀତି ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଉଛି। ତେବେ ସରକାରୀ ପରିସଂଖ୍ୟାନ ଅନୁଯାୟୀ ଓଡିଶାରେ ବର୍ଷକୁ ପ୍ରାୟ ୪୦ କୋଟି ନଡିଆ ଓ ପଇଡ ଉତ୍ପାଦନ ହେଉଥିବା ଦର୍ଶାଯାଉଥିବାବେଳେ ସବୁଠାରୁ ଅଧିକ ଉତ୍ପାଦନ ଏ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାରେ ହେଉଥିବାବେଳେ ଦ୍ୱିତୀୟରେ ରାୟଗଡା, ତୃତୀୟରେ ପୁରୀ, ଚତୁର୍ଥରେ କଟକ ଓ ପଞ୍ଚମରେ ଜଗତ୍‌ସିଂହପୁର ଜିଲ୍ଲା ଥିବା କୁହାଯାଉଛି।

### ସ୍ୱେଶାଲ ଓଟିଇଟି...

ଫର୍ମ ପୂରଣ କରିଥିଲେ। ମୋଟ ୭୨ହଜାର ୪୧୩ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୪୮ହଜାର୧୫୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ପାସ ହାର ୬୬.୫୦ ପ୍ରତିଶତ ରହିଛି। ସ୍ୱେଶାଲ ଓଟିଇଟି-୨୦୨୫ ଫଳାଫଳ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ରେ ଉପଲବ୍ଧ ରହିଛି। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ଆବଶ୍ୟକ ଫି ଦେଇ ବୋର୍ଡ଼ ୱେବସାଇଟରୁ ସେମାନଙ୍କର ଡିଜିଟାଇଜଡ଼ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ। ଆଜି (୧୫.୧୧.୨୦୨୫)ଅପରାହ୍ନ ୪ଟାରୁ (୧୫.୦୧.୨୦୨୬) ମଧ୍ୟରାତ୍ର ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଆବଶ୍ୟକ ଫି ଦେଇ ବୋର୍ଡ଼ ୱେବସାଇଟରୁ ଡିଜିଟାଇଜଡ଼ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ। ଯେଉଁ ପ୍ରାର୍ଥୀମାନେ କୃତକାର୍ଯ୍ୟ ହୋଇନାହାନ୍ତି, ସେମାନେ ୨୨.୧୧.୨୦୨୫ ଅପରାହ୍ନ ୪ଟାରୁ ବୋର୍ଡ଼ ୱେବସାଇଟରୁ ସେମାନଙ୍କର ଓଏମଆର ଉତ୍ତରଖାତାଗୁଡ଼ିକୁ ଡାଉନଲୋଡ଼ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ଜାରି ପ୍ରେସ ରିଲିଜରେ କୁହାଯାଇଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୭ ତାରିଖରେ ସ୍ୱେଶାଲ ଓଟିଇଟି ୨୦୨୫ ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ଲିକ ଯୋଗୁ ଏହି ପରୀକ୍ଷା ବାଧାପ୍ରାପ୍ତ ହୋଇଥିଲା। ଶେଷରେ ସେପ୍ଟେମ୍ବର ୨୭ରେ ଏହି ପରୀକ୍ଷା କରାଯାଇଥିଲା।

### ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ...

କରୁଥିଲେ। ଏହାକୁ ନେଇ ବିଜେପି ସହ ତାଙ୍କର ତିକ୍ତତା ଲାଗି ରହିଥିଲା। ରାଜ୍ୟରେ ଏକାଧିକ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ମଧ୍ୟ ସେ ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଥିଲେ।

ବିଧାନ ପରିଷଦ ସଦସ୍ୟ ଅଶୋକ ଅଗ୍ରୱାଲ ବିଜେପିର ବରିଷ୍ଠ ନେତା। କିନ୍ତୁ ତାଙ୍କ ପୁଅ ସୌରଭ ଅଗ୍ରୱାଲ ଚଳିତ ବିହାର ନିର୍ବାଚନରେ ଭିଆଇପି ଟିକେଟରୁ ଲଢ଼ିଥିଲେ। ଏହି ସମୟରେ ଅଶୋକ ଦଳ ବିରୋଧରେ ଯାଇ ପୁଅ ସୌରଭଙ୍କ ପାଇଁ ପ୍ରଚାର କରିଥିଲେ। ଏଥିଯୋଗୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମେୟର ଉଷା ଅଗ୍ରୱାଲ ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ନିଲମ୍ବିତ ହୋଇଛନ୍ତି।

### ୪୪୩୩ ନର୍ସିଂ...

ଶୃଙ୍ଖଳାବଦ୍ଧତା ବୃଦ୍ଧି ପାଇବ। ହସ୍ପିଟାଲ ପ୍ରତିଷ୍ଠାନରେ ନର୍ସିଂ ସେବାର ଗୁଣୋନ୍ନତି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟର ସ୍ୱାସ୍ଥ୍ୟ ପରିବେଶକୁ ଆଗାମୀ ଦିନରେ ଅଧିକ ଦକ୍ଷ ଓ ପ୍ରତିବଦ୍ଧ କରିବାରେ ସହାୟକ ହେବ। ସୂଚନା ଅନୁସାରେ, ଏହି ପଦବୀଗୁଡ଼ିକୁ ଅର୍ଥ ବିଭାଗ ସହମତି ଦେଇଛି। ଏହାର ଆଗାମୀ ନିୟମାବଳୀ ଯେପରି ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂ ଗୁଡ଼ିକ ବିଭାଗ ପକ୍ଷରୁ ଖୁବଶୀଘ୍ର ପ୍ରକାଶ କରାଯିବ।

### ବିସ୍ଫୋରଣରେ ଥାନା...

ମଧ୍ୟରେ ଜଣେ ରାଜ୍ୟ ତଦନ୍ତକାରୀ ଏଜେନ୍ସିର ଅଧିକାରୀ, ୩ ଜଣ ଫରେନ୍ସିକ ସାଇନ୍ସ ଲ୍ୟାବ ଅଧିକାରୀ, ଦୁଇ ଜଣ କ୍ରାଇମ ୱିଙ୍ଗ ଅଧିକାରୀ, ୨ ଜଣ ରେଭିନ୍ୟୁ ଅଧିକାରୀ ଓ ଜଣେ ଟେଲର ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି। ବିସ୍ଫୋରଣରେ ୨୭ ଜଣ ପୁଲିସ୍ କର୍ମଚାରୀ, ୨ ଜଣ ରେଭିନ୍ୟୁ ଅଧିକାରୀ ଓ ୩ ଜଣ ସାଧାରଣ ଲୋକ ଆହତ ହୋଇଛନ୍ତି।

# ନଭେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ 'ଶୂନ୍ୟ ମୃତ୍ୟୁ ପକ୍ଷ'

**ଭୁବନେଶ୍ୱର,୧୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାରଙ୍କ ପକ୍ଷରୁ ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ "ଶୂନ୍ୟ ମୃତ୍ୟୁ ପକ୍ଷ" (ଜିରୋ ଫାଟାଲିଟି ଫୋର୍ଟନାଇଟ୍) ପାଳନ କରାଯିବ। ଏହି ଅଭିଯାନ ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ହାର କମାଇବାକୁ ଲକ୍ଷ୍ୟ ରଖି ଆୟୋଜନ କରାଯାଉଛି। ଗତ କିଛି ବର୍ଷରେ ପାଳନ ହୋଇଥିବା ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନର ଉଲ୍ଲେଖନୀୟ ସଫଳତାକୁ ଦୃଷ୍ଟିରେ ରଖି ଏ ବର୍ଷ ୧୫ ଦିନ ଧରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟରେ ଶୂନ୍ୟ ମୃତ୍ୟୁ ପକ୍ଷ ମାଧ୍ୟମରେ ବ୍ୟାପକ ସଚେତତନତା କାର୍ଯ୍ୟକ୍ରମ, ଏନଫୋର୍ସମେଣ୍ଟ( ଚଢଉ), ସଡକ ସୁରକ୍ଷା ଆଦି କାର୍ଯ୍ୟକ୍ରମ କରାଯିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ପଦକ୍ଷେପ ନିଆଯିବ। ପରିବହନ ବିଭାଗ ସହିତ ପୁଲିସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସଂପୃକ୍ତ ବିଭାଗ ତଥା ସଂସ୍ଥା ଯଥା- ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳ ସଂପଦ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଜାତୀୟ ରାଜପଥ ଆଦି ଅଧିନରେ ଥିବା ସଡକ ନିର୍ମାଣକାରୀ କର୍ତ୍ତୃପକ୍ଷଙ୍କ ସହ ଶିକ୍ଷା ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ରାଜ୍ୟ ସଡକ ପରିବହନ ନିଗମ, କ୍ଲଟ୍ ଆଦିର ମିଳିତ ପଦକ୍ଷେପରେ ଏହି ଅଭିଯାନକୁ ସଫଳ କରାଯିବ। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ କାର୍ଯ୍ୟାନୁଷ୍ଠାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ୨୦୨୩ ମସିହାରେ ବିଶ୍ୱରେ ସଡକ ଦୁର୍ଘଟଣାରେ ବର୍ଷ ୧୧.୯ ଲକ୍ଷ ଲୋକ ପ୍ରାଣ ହରାଇଥିବା ବେଳେ ଭାରତରେ ୧.୭୨ ଲକ୍ଷ ଏବଂ ଓଡ଼ିଶାର ୫୭୩୯ ଜଣ ମୃତ୍ୟୁବରଣ କରିଛନ୍ତି। ସୂଚୀତ ବର୍ଷରେ ବିଶ୍ୱରେ ଦୈନିକ ୩୨୬୦ ଜଣ ମୃତ୍ୟୁବରଣ କରିଥିବା ବେଳେ ଭାରତରେ ଦୈନିକ ୪୭୪ ଏବଂ ଓଡିଶାରେ ଦୈନିକ ୧୫ ଜଣ ମୃତ୍ୟୁ ବରଣ କରିଛନ୍ତି। ଏଥି ସହିତ ୨୦୨୫ ବର୍ଷରେ ବିଭିନ୍ନ କାରଣରୁ ସଡକ ଦୁର୍ଘଟଣାରେ ମୃତାହତ ସଂପର୍କିତ ପରିସଂଖ୍ୟାନ ଉପସ୍ଥାପନ କରାଯାଇଥିଲା। ସଡକ ଦୁର୍ଘଟଣା ଜନିତ ମୃତ୍ୟୁକୁ ଗୁରୁତର ସହ ନେଇ ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ସବୁ ରାଜ୍ୟକୁ ଏଥି ପ୍ରତି ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ନେବାକୁ ବାରମ୍ବାର ନିର୍ଦ୍ଦେଶ ଦେଇଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜିର ଅନୁଷ୍ଠିତ ବୈଠକରେ ଜିରୋ ଫାଟାଲିଟି ପକ୍ଷ ପାଳନ ନିମନ୍ତେ ବ୍ୟାପକ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଛି।

ଟ୍ରାଫିକ୍ ନିୟମ ନମାନିବା, ହେଲମେଟ୍ ନ ପିନ୍ଧିବା, ନିଶା ସେବନ କରି ଗାଡି ଚଲାଇବା, ଅସାବଧାନତା, ଭୁଲ ରାସ୍ତାରେ ଗାଡି ଚାଳନା, ଦ୍ରୁତ ଗତିରେ ଗାଡି ଚାଳନା ଆଦି ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି। ପାଳନ କରାଯିବାକୁ ଥିବା ଜିରୋ ଫାଟାଲିଟି ପକ୍ଷ ସମୟରେ ସଡ଼କ ସୁରକ୍ଷାର ୪ଟି ମୁଖ୍ୟ ଦିଗ- ରୋଡ୍ ଇଞ୍ଜିନିୟରିଂ, ଏନ୍‌ଫୋର୍ସମେଣ୍ଟ, ଶିକ୍ଷା ଏବଂ ଏମର୍ଜେନ୍ସି କେୟାର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଜାତୀୟ ରାଜପଥ ସମେତ ବିଭିନ୍ନ ସଡକରେ ପୋଲିସ ଓ ପରିବହନ ବିଭାଗ ଆଦି ସହଯୋଗରେ ମିଳିତ ପାଟ୍ରୋଲିଂ ବ୍ୟବସ୍ଥା, ବାରଂବାର ଦୁର୍ଘଟଣା ହେଉଥିବା ସ୍ଥାନ(ବ୍ଲାକ୍ ସ୍ପଟ)ର ଚିହ୍ନଟକରଣ ଓ ତାହାର ପ୍ରତିକାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ୮,୦୦୦ କି.ମି. ରୋଡ଼ର ଅଡିଟ୍ ସମ୍ପୂର୍ଣ୍ଣ ହୋଇଛି ଏବଂ ୩୦୦ଟି ବ୍ଲାକ ସ୍ପଟ୍ ଚିହ୍ନଟ କରାଯାଇ ସଂପୃକ୍ତ ରାସ୍ତାର କର୍ତ୍ତୃପକ୍ଷଙ୍କୁ ଏହାର ପ୍ରତିକାରାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦିଆଯାଇଛି। ଜନସମ୍ପର୍କ ଓ ନାଗରିକ ଯୋଗଦାନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ସ୍ୱରୂପ 'ସଡ଼କ ସୁରକ୍ଷା ମଞ୍ଚ' ଆୟୋଜନ ଜରିଆରେ ସଚେତନତା କାର୍ଯ୍ୟକ୍ରମ ହେବ। ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀ, ଡ୍ରାଇଭିଂ ଟ୍ରେନିଂ ସ୍କୁଲ୍, ସିନେମା ହଲ୍, ବିଭିନ୍ନ ପ୍ରିଣ୍ଟ ଏବଂ ଇଲେକ୍‌ଟ୍ରୋନିକ୍ ମିଡିଆ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେବ। ଜୁନିୟର ରକ୍ଷକଙ୍କ ଦ୍ୱାରା ସ୍କୁଲ୍ ନିକଟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଜନ ଗହଳିପୂର୍ଣ୍ଣ ଅଞ୍ଚଳରେ ରୋଡ୍ ସେଫ୍ଟି ନାଟକ ପରିବେଷଣ କରାଯିବା ସଂପର୍କରେ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ରହିଛି। ସଡ଼କରେ ପଶୁମାନଙ୍କ ଅବାଧ ଚଳାଚଳ ଯୋଗୁଁ ସଡକ ଦୁର୍ଘଟଣା ଘଟୁଛି। ଏଥିରେ ନିୟନ୍ତ୍ରଣ ଆଣିବା ପାଇଁ ଗୋଶାଳା ନିର୍ମାଣ, ପଶୁଙ୍କ ଶିଙ୍ଘରେ ରିଫ୍‌ଲେକ୍ଟିଭ୍ ଟେପ୍ ଲଗାଇବା ଓ ପଶୁ ହେଲ୍ପଲାଇନ୍ ୧୯୬୨ରେ ଫୋନ୍ କରି ସହାୟତା ନେବା ଆଦି ବିଶେଷ ପଦକ୍ଷେପ ଗ୍ରହଣ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଓଡିଶା ସରକାର ଜନସାଧାରଣ ଓ ସହଭାଗୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସମାଜ ଆଦିଙ୍କ ସହଭାଗିତାରେ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ନିମନ୍ତେ ସମସ୍ତ ପ୍ରୟାସ ଜାରି ରଖିବା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ବିଜେପିଠୁ ଅଧିକ ଭୋଟ୍ ପାଇଛି ଆରଜେଡି

**ପାଟନା,୧୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସରିଛି ଭୋଟ୍ ଗଣତି। ବଡ ବିଜୟ ହାସଲ କରିଛି ଏନଡିଏ। ବିହାରରେ ଏଥର ଏନଡିଏର ସୁନାମି ଦେଖିବାକୁ ମିଳିଛି। ୨୦୦ରୁ ଅଧିକ ଆସନରେ ବିଜୟୀ ହୋଇଛି ଏନ୍‌ଡିଏ। ପଛରେ ପଡିଯାଇଛନ୍ତି ବିରୋଧୀ କଂଗ୍ରେସ ଏବଂ ଆରଜେଡି। ଶକ୍ତ ଝଟକା ଲାଗିଛି ବିରୋଧୀଙ୍କୁ। ତେବେ ଭୋଟ୍ ସେୟାରକୁ ଦେଖିଲେ କିଛି ଭିନ୍ନ କଥା କହୁଛି ଗଣିତ। ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଏଥର ନିର୍ବାଚନ ଲଢୁଥିଲା ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡି। ଦଳକୁ ୨୩ ପ୍ରତିଶତ ଭୋଟ୍ ମିଳିଛି। ଯାହା ଭାରତୀୟ ଜନତା ପାର୍ଟିକୁ ମିଳିଥିବା ଭୋଟରୁ ୨.୯୨ ପ୍ରତିଶତ ଅଧିକ। ଏହାସହ ଜେଡିୟୁକୁ ମିଳିଥିବା ଭୋଟରୁ ୩.୭୫ ପ୍ରତିଶତ ବେଶି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ, ୨୦୨୦ ନିର୍ବାଚନରେ ଆଜେଡି ୨୩.୧୧ ପ୍ରତିଶତ ଭୋଟ୍ ପାଇଥିଲା। ୧୪୪ଟି ଆସନରେ ଦଳର ପ୍ରାର୍ଥୀ ଲଢିଥିଲେ। ସେମାନଙ୍କ ମଧ୍ୟରୁ ୭୫ ଜଣ ବିଜୟ ଲାଭ କରିଥିଲେ। ଚଳିତ ଥର ଦଳ ୧୪୧ଟି ଆସନରେ ଲଢିଥିଲା। କିନ୍ତୁ ମାତ୍ର ୨୫ଟି ସିଟରେ ଦଳର ପ୍ରାର୍ଥୀ ଜିତିଛନ୍ତି। ଯାହା ଦଳର ଦ୍ୱିତୀୟ ସବୁଠୁ ଖରାପ ପ୍ରଦର୍ଶନ। ୨୦୧୦ରେ ଦଳ ମାତ୍ର ୨୨ଟି ସିଟରେ ବିଜୟ ହାସଲ କରଥିଲା। ଆରଜେଡି ସହଯୋଗୀ କଂଗ୍ରେସ ଏଥର ଗୁରୁତର ଭାବେ ଫେଲ୍ ହୋଇଛି। ଦଳ ମାତ୍ର ୬ ଆସନ ହାତେଇଛି। ସିପିଆଇ ଏମଏଲ୍ ୨ଟି ଆସନ ଜିତି ମହାଗଠବନ୍ଧନର ମୋଟ୍ ଆସନକୁ ୩୫ ଛୁଆଇଁଛନ୍ତି।

ଅନ୍ୟ ଦିଗରେ ଏନଡିଏ ୨୦୨ଟି ଆସନରେ ଜିତିଛି। ଏହା ମଧ୍ୟରୁ ବିଜେପି ୮୯, ଜେଡିୟୁ ୮୫ ଏବଂ ଏଲଜେପି ୧୯, ଆୱାମ ମୋର୍ଚ୍ଚା ୫ଟି, ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ସିଟ୍ ହାତେଇଛନ୍ତି। ବିଜେପିର ଭୋଟ୍ ସେୟାର ମଧ୍ୟ ୧୯.୪୬ରୁ ବଢି ୨୦.୦୮ରେ ପହଁଚିଛି। ପୂର୍ବ ବର୍ଷ ତୁଳନାରେ କମ୍ ସିଟରେ ଲଢିଥିଲେ ବି ଭୋଟ୍ ସେୟାର ବଢିଛି। ସେହିପରି ଜେଡିୟୁର ଭୋଟ୍ ସେୟାର ୧୫.୩୯ ପ୍ରତିଶତରୁ ୧୯.୨୫କୁ ବୃଦ୍ଧି ପାଇଛି। ୨୦୨୦ରେ ଦଳ ୧୧୫ ଆସନରେ ଲଢିଥିବା ବେଳେ ଏଥର ୧୦୧ ଆସନରେ ମଇଦାନକୁ ଓହ୍ଲାଇଥିଲା।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ